

**ଧୋନିଙ୍କୁ ୪ କୋଟିରେ କିଣିଲା ସିଏସ୍‌କେ** ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 219 | ଭାଗ ୩୨ | ସଂଖ୍ୟା୨୧୯ | Bhubaneswar | Sunday 3 November 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୩ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ରାଜନୀତିରେ ବି ଶିଷ୍ଟାଚାର

ରାଜ୍ୟରେ ଏବେ ନୂଆ ସରକାର। ଲୋକଙ୍କ ଆସ୍ଥାଭାଜନ ହେବାକୁ ନୂଆ ସରକାର ନୂଆ ନୂଆ ଫଣ୍ଡା ଆପଣେଇବା ସ୍ୱାଭାବିକ। ତାହାକୁ ଲୋକେ ସ୍ୱାଗତ କରୁଛନ୍ତି ଓ କରିବେ ମଧ୍ୟ। ଯୋଜନା ଓ କାର୍ଯ୍ୟକ୍ରମ ତା' ବାଟରେ କାମ କରିବ। ବିରୋଧୀ ଦଳ ବିରୋଧ କରିବେ, ସରକାରୀ ଦଳ ତାର ଜବାବ ଦେବେ, ଏହା ଏକ ନିୟମିତ ରାଜନୈତିକ ପ୍ରକ୍ରିୟା। କିନ୍ତୁ ରାଜନୀତିରେ ପଲିଟିକାଲ ଡେକୋରମ ବା ରାଜନୈତିକ ଶିଷ୍ଟାଚାର ଏକ ସୁସ୍ଥ ଗଣତାନ୍ତ୍ର ପାଇଁ ଆହ୍ୱାନ। ପରିବର୍ତ୍ତିତ ରାଜନୈତକ ଦୃଶ୍ୟପଟ୍ଟରେ ସଂପ୍ରତି ଏମିତି କିଛି ଘଟଣା ଘଟୁଛି ଯାହାକୁ ନେଇ ଆମେ ତର୍ଜମା କରିବାକୁ ବାଧ୍ୟ ହେଉଛୁ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ସଙ୍କୁଚିତ କରିବା ଘଟଣାକୁ ନେଇ ଗଣମାଧ୍ୟମରେ ବଡ ବତର୍କ ସୃଷ୍ଟି ହୋଇଛି। ପ୍ରଶାସନିକ ବିଧି ବ୍ୟବସ୍ଥା ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବା ବର୍ତ୍ତମାନର ବିରୋଧୀ ଦଳ ନେତାଙ୍କ ସୁରକ୍ଷା ବ୍ୟବସ୍ଥା ସଙ୍କୁଚିତ କରିବାରେ ଆଇନତଃ କୌଣସି ପ୍ରତିବନ୍ଧକ ନାହିଁ କିମ୍ବା କେହି ଏହାକୁ ଚ୍ୟାଲେଞ୍ଜ କରିପାରିବେ ନାହିଁ। ତେବେ ରାଜ୍ୟ ବିଜେପିର ତୁଙ୍ଗ ନେତାମାନେ ଏହି ଘଟଣାରେ ବୟାନବାଜି କରି ନିଜ ଅଜଣାତରେ ନବୀନଙ୍କ ଭାବମୂର୍ତ୍ତିକୁ ଆହୁରି ବଢ଼ାଇବାରେ ଲାଗିଛନ୍ତି। କାରଣ ଏକଥାକୁ ଅସ୍ୱୀକାର କରାଯାଇ ନ ପାରେ ଯେ ନବୀନ ପଟ୍ଟନାୟକ କେବଳ ଜଣେ ନେତା ନୁହଁନ୍ତି। ସେ ଏକ ବ୍ରାଣ୍ଡ। ଦିନେ ନବୀନଙ୍କୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ଶପଥ ଗ୍ରହଣ ସମାରୋହ ଏବଂ ସରକାର ଗଠନ ପରେ ସର୍ବଦଳୀୟ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରିବାକୁ ଯାଇଥିଲେ। ଶପଥ ଗ୍ରହଣ ଉତ୍ସବରେ ନବୀନଙ୍କୁ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ମନ୍ତ୍ରୀଙ୍କ ସହ ପରିଚୟ କରାଇଥିଲେ। ସେଥିରୁ ବିଜେପି ନେତାମାନେ ରାଜ୍ୟ ଓ ଜାତୀୟ ରାଜନୀତିରେ ନବୀନ କେତେ ପ୍ରଭାବୀ ତାହା ନିଶ୍ଚୟ ବୁଝି ପାରିଥିବେ। ଏହାସତ୍ତ୍ୱେ ବି ସରକାର ତାଙ୍କ ସୁରକ୍ଷାକୁ ସଂକୁଚିତ କରି ନବୀନଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବାରେ ସହଯୋଗ କରୁନାହାଁନ୍ତି ତ? ଏପରିକି ଶାସକ ଦଳର କିଛି ନେତା ତାଙ୍କ ବାବଦରେ ଶସ୍ତା ବୟାନବାଜି କରି ନିଜ ଦଳର କ୍ଷତି କରୁନାହାଁନ୍ତି କି? ଏଭଳି ପ୍ରଶ୍ନ ଏବେ ବିଜେପିର ବଡ ବଡ ନେତାଙ୍କୁ ଆନ୍ଦୋଳିତ କରୁଛି। ରାଜ୍ୟ ବିଜେପିର ନେତାମାନେ ରାଜନୈତିକ ଦୃଷ୍ଟିରୁ ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡିକୁ ସମାଲୋଚନା କରିବା କିମ୍ବା ବିଜେଡିକୁ ସଙ୍କୁଚିତ କରିବା ପାଇଁ ଉଦ୍ୟମ ଅଯୌକ୍ତିକ ନୁହେଁ। କିନ୍ତୁ ନବୀନଙ୍କୁ ନ୍ୟୁନ କରିବାକୁ ଚେଷ୍ଟା କରି ବିଜେପି ନେତାମାନେ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ପରି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। କାରଣ ନବୀନ ପଟ୍ଟନାୟକ କେବେ ରାଜନୀତିରେ ନିଜେ ନିଜ ଶିଷ୍ଟାଚାରର ସୀମା ଡେଇଁ ନାହାଁନ୍ତି। ଏକଥା ରାଜନୀତିକୁ ନିୟମିତ ତର୍ଜମା କରୁଥିବା ସଚେତନ ଭୋଟର ଭଲଭାବେ ଜାଣନ୍ତି। କେବଳ ନବୀନ ପଟ୍ଟନାୟକ ନୁହଁନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପିଏସ୍‌ଓକୁ ମଧ୍ୟ ଏଭିତରେ ପ୍ରତ୍ୟାହାର କରିନେଇଛନ୍ତି ସରକାର। ଆଗକୁ ପଂଚାୟତ ନିର୍ବାଚନ ଅଛି। ସେତେବେଳେ ପୁଣି ଥରେ ଭୋଟର ଶାସକ ଦଳକୁ ପରଖିବେ। ତାପୂର୍ବରୁ ରାଜନୈତିକ ଶିଷ୍ଟାଚାରର ଅନୁଶୀଳନ ସମସ୍ତଙ୍କ ପାଇଁ ଜରୁରୀ। ■ ଶୁଭ୍ରାଂଶୁ ଭୂଷଣ କର

### ବଲାଙ୍ଗିରରେ ଟ୍ରିପଲ ଇଞ୍ଜିନ ସରକାର


# ବିକାଶର ମନ୍ତ୍ର ଦେଲେ ମୋହନ

**ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ହେଉଛି ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର। ଗତ ୭୫ ବର୍ଷରେ ହୋଇଥିବା ଅନ୍ୟାୟ ଓ ବିକାଶର ଅସମାନତାକୁ ଦୂର କରିବା ପାଇଁ ଆମ ସରକାର ବଦ୍ଧପରିକର। ଆଜିଠୁ ଜିଲ୍ଲାର ବିକାଶର ଧାରା ଆରମ୍ଭ ହେଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲ୍ଲା ଗସ୍ତ ଅବସରରେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଯାଇ ବେଲପଡା ଓ ପାଟଣାଗଡ ଠାରେ ୮୯୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର

- ବଲାଙ୍ଗିରରେ ୮୯୦ କୋଟି ଟଙ୍କାର ୮୩ଟି ପ୍ରକଳ୍ପର ଶୁଭାରମ୍ଭ
- ତୁଷୁରା ଏୟାର ଷ୍ଟ୍ରିପର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର
- ଅପରଲାନ୍ତ ଜଳ ସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର
- ବଲାଙ୍ଗୀର ଦିନ୍ କାର୍ଯ୍ୟକ୍ରମରେ ସାମିଲ ହେଲେ

ଓ ଉଦ୍‌ଘାଟନ କରିଛନ୍ତି। ଜଳ ସେଚନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ପାଇପ ଜଳ ଯୋଗାଣ ପ୍ରକଳ୍ପ, ସେତୁ ନିର୍ମାଣ ପ୍ରକଳ୍ପ, ସଡକ ନିର୍ମାଣ ପ୍ରକଳ୍ପ ଭଳି



ସମୁଦାୟ ୮୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବେଲପଡା ଓ ପାଟଣାଗଡରେ ଏଥି ପାଇଁ ଆୟୋଜିତ ଦୁଇଟି ଜନସଭାରେ ଉଦ୍‌ବୋଧନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ତୁଷୁରା ଏୟାରଷ୍ଟ୍ରିପ ଠାରେ ୬୫ କୋଟି ଟଙ୍କା ବ୍ୟୟରେ ୧୩୩୦ ମିଟର ଏୟାରଷ୍ଟ୍ରିପ ରନୱେର ଉନ୍ନତି କରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉନ୍ନତୀକରଣ ପରେ ଏହି ଏୟାରଷ୍ଟ୍ରିପ ୨-ବି ବର୍ଗରେ ଅନ୍ତର୍ଭୁକ୍ତ ହେବ ଏବଂ ଏହା ଦ୍ୱାରା ବଲାଙ୍ଗିର ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ଯାତ୍ରା ସମ୍ଭବ ହୋଇ ପାରିବ ଏବଂ ଏହା ଜିଲ୍ଲାର ବିକାଶକୁ ଆହୁରି ଗତିଶୀଳ କରିବ।

ଏହା ପରେ ମୁଖ୍ୟମନ୍ତ୍ରୀ ୩୦୦ କୋଟିରୁ ଅଧିକ ଟଙ୍କା ପ୍ରକଳ୍ପ ମୂଲ୍ୟରେ ବେଲପଡା ବ୍ଲକର ଅପର ଲାନ୍ତ ଜଳସେଚନ ➯ପୃଷ୍ଠା-୬

**ନବୀନଙ୍କୁ କଟାକ୍ଷ**

### ଘୋଡ଼ା ଜଗିଥିଲା ଘାସ

ବେଲପଡାରେ ଆୟୋଜିତ ଜନସଭାରେ ବିଜେଡିକୁ ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ କହିଛନ୍ତି, ସେ କହିଛନ୍ତି, ୨୪ ବର୍ଷ ହେଲା ବଲାଙ୍ଗୀରକୁ ଅବହେଳା କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବିଧାନସଭାରେ ସୁକତେଲ ପ୍ରକଳ୍ପ ପ୍ରସଙ୍ଗ ଉଠାଇଥିଲେ, ହେଲେ ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୨୪ରୁ ୨୬ ବର୍ଷ ଲାଗିଗଲା। ତଥାପି ସୁକତେଲ ପ୍ରକଳ୍ପରୁ ଲୋକଙ୍କୁ ପାଣି ମିଳୁନି। ୧୯୯୮ରେ ଭିତ୍ତି ପଡ଼ିଥିବା ପ୍ରକଳ୍ପ ୨୦୨୪ ପର୍ଯ୍ୟନ୍ତ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାନି। ତରବରିଆ ଭାବେ ଏହାର ଉଦ୍‌ଘାଟନ କରାଗଲା। ଏଥିରେ ବିପୁଳ ଅର୍ଥ ବାଟମାରଣା ହୋଇଛି। ଲୋୟର ସୁକତେଲ ପ୍ରକଳ୍ପ ଅର୍ଥରେ ଗାଡ଼ି, ଘର କିଣାଯାଇଛି। ➯ପୃଷ୍ଠା-୬

# ଡିମେନ୍‌ସିଆ ରୋଗରେ ପୀଡ଼ିତ ବିଜେଡି

- ଲୋକହସା ହେଉଛନ୍ତି ନବୀନ
- ଲେଲିନ୍ ମହାନ୍ତି ବିଜେଡ଼ିର ନୂଆ ଆଙ୍କର




**ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ):** ବିଜେଡି ଶାସନ ସମୟରେ ବି ଆଦିବାସୀ ଅଞ୍ଚଳରେ ଲୋକେ ଆମ୍ବଟାକୁଆ ଜାଉ ଖାଇ ମରିଥିବାର ଦୁଇ ଦୁଇଟି ଘଟଣା ଘଟିଛି। ଏପରିକି ଅନାହାରରେ ୧୯ଜଣଙ୍କର ପ୍ରାଣଯିବାର ବି ନଜିର ରହିଛି। ଓଡ଼ିଶାକୁ ୨୫ବର୍ଷ ଶାସନ କରିବାପରେ ୫ମାସର ସରକାର ମୁଣ୍ଡରେ ଆମ୍ବ ଟାକୁଆର ଅପବାଦ ଲଦି ରାଜନୀତିର ବନ୍ଧୁକ ଚଳାଉଥିବା ବିଜେଡି ନେତାମାନେ ଏକଥା କିଭଳି ଭୁଲି ଯାଉଛନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ୨୦୧୬ ମସିହାରେ ରାୟଗଡ଼ା ଜିଲ୍ଲାରେ ଆମ୍ବଟାକୁଆ ଖାଇ ଦୁଇଜଣ ବ୍ୟକ୍ତି ମରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ୧୩ବର୍ଷ ବାଳକ ଥିଲା। ଜିଲ୍ଲାର କାଶୀପୁର ବ୍ଲକରେ ଭୋକ ବିକଳରେ ଆମ୍ବଟାକୁଆ ଖାଇ ୧୩ବର୍ଷର ରଞ୍ଜନ ମାଝି ଓ ୬୦ବର୍ଷର ଶିବ ମାଝି ଆଖି ବୁଜିଥିଲେ। ସେତେବେଳେ ଓଡ଼ିଶାରେ ବିଜେଡି ଶାସନକୁ ୧୫ବର୍ଷ ପୂରିଥିଲା।

ଏହାର ଠିକ୍ ଦୁଇବର୍ଷ ପରେ ଅର୍ଥାତ୍ ୨୦୧୮ ମସିହାରେ ନବରଙ୍ଗପୁର ଜିଲ୍ଲାରେ ସମାନ ଘଟଣା ଘଟିଥିଲା। ଜିଲ୍ଲାର ଝରିଗାଁ ବ୍ଲକର ମଇନାପଦର ଗାଁରେ ଗୋଟିଏ ଆଦିବାସୀ ପରିବାର ଭୋକ ବିକଳରେ ଆମ୍ବଟାକୁଆ ଜାଉ ଖାଇବାରୁ ଝାଡାବାନ୍ତିରେ ପଡ଼ିଥିଲେ। ଏମାନଙ୍କ ମଧ୍ୟରୁ ସୌଦାମିନି ସନ୍ତ ଓ ନମିତା ସନ୍ତ ନାମକ ଦୁଇଜଣ ମହିଳା ମରିଥିଲେ। ଆଉ ଚାରିଜଣ ଆଦିବାସୀ କୌଣସି ପ୍ରକାରେ ବଞ୍ଚି ଯାଇଥିଲେ।

୨୦୦୧ ମସିହାରେ ବି ରାୟଗଡ଼ା ଜିଲ୍ଲାରେ ଅନାହାରରେ ୧୯ଜଣଙ୍କ ମୃତ୍ୟୁ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲା ଗସ୍ତ କରିବା ସମୟରେ ତାଙ୍କ ➯ପୃଷ୍ଠା-୬

### ସତ୍ୟବାଦୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ଶିକ୍ଷା ସବୁ ସମସ୍ୟା ସମାଧାନର ଚାବିକାଠି

**ମଙ୍ଗଳପୁର/ଢେଙ୍କାନାଳ, ୨।୧୧ (ସଂଚାର ବ୍ୟୁରୋ) :** ଆମକୁ ଆମ ଛାତ୍ରଛାତ୍ରୀଙ୍କ ଦକ୍ଷତା ବଢ଼ାଇବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ ତଥା ଶିକ୍ଷାର ମୂଳକୁ ମଜଭୁତ କରିବାକୁ ହେବ। ଆମର ପରିଚୟ ଏବଂ ଅସ୍ମିତା କ'ଣ, ତା' ଉପରେ ପିଲାମାନଙ୍କୁ ବିସ୍ତୃତ ଭାବେ ବୁଝାଇବା ପାଇଁ ପଡିବ। ଯେଉଁ ବ୍ୟକ୍ତି, ସମାଜ କିମ୍ବା ସମୂହ ତା'ର ମୂଳ ବିଷୟ ଏବଂ ଅସ୍ମିତା ସମ୍ପର୍କରେ ଅସ୍ପଷ୍ଟ, ସେହି ବ୍ୟକ୍ତି କେବେ ବି ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିପାରିବ ନାହିଁ ବୋଲି ଶନିବାର ଢେଙ୍କାନାଳ ଜିଲ୍ଲା ମଙ୍ଗଳପୁର ➯ପୃଷ୍ଠା-୬

- ଶହୀଦ ବାଜି ରାଉତ ସ୍ୱାଧୀନତାକୁ ବୁଝିଥିବା କାରଣରୁ ବ୍ରିଟିଶମାନଙ୍କୁ ନଦୀ ପାର କରାଇ ନ ଥିଲେ
- ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ମାତୃଭାଷାରେ ଶିକ୍ଷାଦାନ ସହ ଶିକ୍ଷାର ମୂଳକୁ ମଜଭୁତ କରିବ
- ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ



# ମୋ ବସ୍ ଚକା ତଳେ ଯୁବତୀଙ୍କ ହାତ କଟିଲା



**ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ):** ମୋ ବସ୍ ମାଡ଼ି ଯିବାରୁ ଯୁବତୀଙ୍କ ହାତ କଟିଲା। ଚନ୍ଦ୍ରଶେଖରପୁର ପେଟ୍ରୋଲ୍ ପମ୍ପ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆହତ ଯୁବତୀଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ପୂର୍ବାହ୍ନ ପ୍ରାୟ ୯ଟାରେ ଯୁବତୀ ସ୍କୁଟିରେ ଯାଉଥିବା ସମୟରେ ତାଙ୍କ ପଛରେ ଆସୁଥିବା ବାଇକ୍ ଆରୋହୀଙ୍କୁ ମୋ ବସ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଯୁବତୀଙ୍କୁ ଧକ୍କା ଦେଇଥିଲା। ଯୁବତୀ ଛିଟିକି ତଳେ ପଡ଼ିଯିବାରୁ ମୋ ବସ୍ ତାଙ୍କୁ ହାତ ଉପରେ ମାଡ଼ି ଯାଇଥିଲା। ଯୁବତୀଙ୍କ ହାତ କଟିଯାଇଥିଲା। ପରେ 'ମୋ ବସ୍' ଡ୍ରାଇଭର ଗାଡ଼ି ନେଇ ଚମ୍ପଟ ମାରିଥିଲା।ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଯୁବତୀ ➯ପୃଷ୍ଠା-୬

### ଭିଜିଲାନ୍ସ ପରେ ଇଡି କରିବ ଜେରା

# ତାଲିକାରେ ୨୪ କ୍ଲାସ ୱାନ ଅଫିସର

**ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ):** ଖସିଯାଇ ପାରିବେନି ଦୁର୍ନୀତିଖୋର ଅଫିସର। ଖୋଲିବ ଏମାନଙ୍କ ପାପର ପେଡ଼ି। ଭିଜିଲାନ୍ସ ପରେ ଏବେ କବାଟ ଠକ ଠକ କରିବ ଇଡି । ଶତାଧିକ ମାଲମାଲ ଅଫିସରଙ୍କ ପଲିଟିକାଲ ଓ ହୋଭିୱେଟ ଲିଙ୍କ ନେଇ ଆରମ୍ଭ ହେବ ଖୋଳତାଡ଼। ସେନେଇ ପ୍ରାଥମିକ ପର୍ଯ୍ୟାୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ୨୪ ଜଣ କ୍ଲାସ ୱାନ ଅଫିସରଙ୍କ ତାଲିକା ଦେଇଛି ଭିଜିଲାନ୍ସ। ଏମାନଙ୍କୁ ଖୁବଶୀଘ୍ର ଅଫିସକୁ ଡାକି ଝାଳବୁହାଇବ ଇଡି। ଖୁବଶୀଘ୍ର ଭିଜିଲାନ୍ସ ଜାଲରେ ପଡ଼ିଥିବା ଅଧିକାରୀଙ୍କୁ ଜେରା କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। କିଏ କେଉଁଠି କେତେ ପୋତା ଧନ ରଖିଛନ୍ତି ତାର ରହସ୍ୟ ଖୋଲି ବାହାର କରାଯିବ। ୪ ମାସ ମଧ୍ୟରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ସମସ୍ତ ବାବୁଙ୍କ ତଥ୍ୟ ଇଡିକୁ ଦେଇଛି ରାଜ୍ୟ ଭିଜିଲାନ୍ସ । ଏମାନଙ୍କ ଭିତରେ ଅଛନ୍ତି ୨୪ ଜଣ କ୍ଲାସ ୱାନ୍ ଅଫିସର। ସୂଚନାଯୋଗ୍ୟ, ବଢ଼ି ଚାଲିଥିବା ଦୁର୍ନୀତିକୁ ମୂଳପୋଛ କରିବା ସହ ଦୁର୍ନୀତିର ପାହାଡ ଉପରେ ଛିଡା ହୋଇଥିବା ଅଧିକାରୀଙ୍କୁ କାଠଗଡାକୁ ଘୋଷାଡିବାକୁ ➯ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ସମୟରେ ରୁଷିଆରେ ଥିବା ୪୦ ଉତ୍ତର-କୋରିଆ ସୈନିକଙ୍କୁ ୟୁକ୍ରେନ ସେନା ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ସୈନିକମାନେ ୟୁକ୍ରେନର କୁର୍ସ୍କ ଅଞ୍ଚଳରେ ରୁଷିଆ ସୈନ୍ୟ ସହିତ ନିୟୋଜିତ ଥିଲେ।
- ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ପ୍ରରୋଚନାରେ ଶିଖ୍ ବିଚ୍ଛିନ୍ନତାବାଦୀଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଥିବା କାନାଡ଼ା ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋ ଅଭିଯୋଗ କରିବା ପରେ ବୈଦେଶିକ ମନ୍ତ୍ରଣାଳୟ କାନାଡା ଉଚ୍ଚାୟୁକ୍ତଙ୍କୁ ସମନ କରି ପ୍ରତିବାଦ କଲା।
- କୋଲକାତାର ରାବଜାର ଅଞ୍ଚଳରେ କାଳି ମୂର୍ତ୍ତି ବିସର୍ଜନ ବେଳେ ପଥରମାଡ଼। ଆଇନଶୃଙ୍ଖଳା ରକ୍ଷା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ ମୁତୟନ। ଘଟଣାକୁ ନେଇ ଟିଏମ୍‌ସିକୁ ଟାର୍ଗେଟ କଲେ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ।
- ଭାରତୀୟ ବିମାନକୁ ବୋମା ଧମକ ପରିପ୍ରେକ୍ଷୀରେ ଦୁବାଇରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରୁ କ୍ୟାଟ୍ରିଜ୍ ଜବତ ହୋଇଥିବା ସୂଚନା ଦେଲେ ଏୟାରଲାଇନ ମୁଖପାତ୍ର।
- ଆତଙ୍କବାଦୀଙ୍କୁ ହତ୍ୟା କରାଯିବା ପରିବର୍ତ୍ତେ ଗିରଫ କରାଯାଇ ଜେରା କରାଗଲେ ସେମାନଙ୍କ ନେଟୱର୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରନ୍ତା ବୋଲି ନ୍ୟାସନାଲ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲା ମନ୍ତବ୍ୟ ଦେବା ପରେ ରାଜନୈତିକ ବୟାନବାଜି।
- ରାଜନୀତିର ଚାଣକ୍ୟ ଭାବେ ବିବେଚିତ ପ୍ରଶାନ୍ତ କିଶୋର ରଣନୀତି ପ୍ରସ୍ତୁତି ନିମନ୍ତେ ରାଜନୈତିକ ଦଳଙ୍କ ଠାରୁ ଶହେ କୋଟି ଟଙ୍କା ନିଅନ୍ତି ବୋଲି ବିହାରରେ ଏକ ନିର୍ବାଚନୀ ସଭାରେ ଖୁଲାସା କଲେ।
- ଶନିବାର ପୂର୍ବାହ୍ନ ୯.୨୦ରେ ଝାଡ଼ଖଣ୍ଡରେ ୪.୩ ତୀବ୍ରତାର ଭୂକମ୍ପ ଅନୁଭୂତ। ଏହାର ଝଟକା ପ୍ରାୟ ୫ ସେକେଣ୍ଡ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା।

### ଆଜି 'ଦାନା' କ୍ଷୟକ୍ଷତି ରିପୋର୍ଟ



**ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' ପାଇଁ ହୋଇଥିବା କ୍ଷୟକ୍ଷତି ଆକଳନ ଦିନ ଶନିବାର ସମାପ୍ତ ହେବ । ରବିବାର ଏସ୍‌ଆର୍‌ସି ନିକଟରେ ଏହି ରିପୋର୍ଟ ଦାଖଲ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଷ ପୂଜାରୀ କହିଛନ୍ତି। ତିନି ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡାରେ ବିଶେଷ କ୍ଷୟକ୍ଷତି ହୋଇଛି । ଘର, ଫସଲ ନଷ୍ଟ ହେବା ସହିତ ବିଭିନ୍ନ ବିଭାଗର ମଧ୍ୟ କ୍ଷୟକ୍ଷତି ➯ପୃଷ୍ଠା-୬

# ଇଡି ସ୍କାନରରେ ବିଜେଡି ବିଧାୟକ ବଣ୍ଟୁ

**ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସ୍କାନରରେ ଏବେ ଭଣ୍ଡାରୀପୋଖରୀର ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ ଓରଫ ବଣ୍ଟୁ। ବଣ୍ଟୁଙ୍କ ଖାତାକୁ ଯାଇଥିବା ୮୦ଲକ୍ଷ ଟଙ୍କାକୁ ନେଇ ଚାଲିଛି ଖୋଳତାଡ। ଏହି ଟଙ୍କା ବରପଦା ଇଞ୍ଜିନିୟରିଂ କଲେଜର ହିସାବ ବର୍ହିଭୂତ ସମ୍ପତ୍ତି ବୋଲି ସନ୍ଦେହ କରୁଛି କେନ୍ଦ୍ରୀୟ ସଂସ୍ଥା।

ମିଳିଥିବା ସୂଚନା ଅନୁଯାୟୀ, ବିଧାୟକ ବଣ୍ଟୁଙ୍କ ଖାତାକୁ ଯାଇଛି ୮୦ଲକ୍ଷ ଟଙ୍କା। ଏହି ଟଙ୍କା ପଠାଇଛନ୍ତି ମିହରି ମହାନ୍ତି। ମିହିର ହେଉଛନ୍ତି ବରପଦା ଇଞ୍ଜିନିୟରିଂ କଲେଜର ସମ୍ପାଦକ। ଶ୍ରୀ ମହାନ୍ତିଙ୍କ ଠାରୁ ଯେଉଁ କାଗଜପତ୍ର ଜବତ ହୋଇଛି ସେଥିରୁ ଇଡି ଏହି ସୂଚନା ପାଇଛି। ଶ୍ରୀ ମହାନ୍ତି କେବଳ ବରପଦା ଇଞ୍ଜିନିୟରିଂ କଲେଜର ସମ୍ପାଦକ ନୁହନ୍ତି, ବଣ୍ଟୁଙ୍କ ମାଲିକାନାରେ ଥିବା ଦୁଇ ଚକିଆ ଯାନ ଏଜେନ୍ସିର ସେ ମଧ୍ୟ ଜଣେ ସବଡିଲର।

ତେବେ ମିହିରଙ୍କ ଖାତାରୁ ବଣ୍ଟୁଙ୍କ ନିକଟକୁ ଯେଉଁ ୮୦ଲକ୍ଷ ଟଙ୍କା ଦିଆଯାଇଛି ତାହା ଗାଡି ଡିଲରସିପ୍ ବାବଦୀୟ ଅର୍ଥ ନା ଅନ୍ୟ କେଉଁ



ଏତେଗୁଡିକ ହିସାବ ବର୍ହିଭୂତ ଟଙ୍କାକୁ ନେଇ ଇଡିର ଖୋଳତାଡ ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିସହିତ ବଣ୍ଟୁ କେଉଁ ବ୍ୟାଙ୍କରୁ କି କି କାଗଜପତ୍ର ଦେଇ କେତେ ଋଣ ଆଣିଛନ୍ତି ତାହାର

- ୮୦ ଲକ୍ଷ ଟଙ୍କାକୁ ନେଇ ଖୋଳତାଡ଼
- ବରପଦା ଇଞ୍ଜିନିୟରିଂ କଲେଜ କେଳେଙ୍କାରୀ

ସୂତ୍ରରୁ ଆସିଛି ତାହା ଉପରେ ଖୋଳତାଡ ଚାଲିଛି। ଯେହେତୁ ମିହିର ହେଉଛନ୍ତି ବରପଦା ଇଞ୍ଜିନିୟରିଂ କଲେଜର ସମ୍ପାଦକ ସେଥିପାଇଁ ଏହି୮୦ଲକ୍ଷ ଟଙ୍କା ସେହି ସଂସ୍ଥାର ବୋଲି ସନ୍ଦେହ ବଢ଼ିବାରେ ଲାଗିଛି। ନିର୍ବାଚନ ପରେ ପରେ ଯାଞ୍ଚ ବି ଇଡ଼ି କରିବ। ଇତିମଧ୍ୟରେ କିଛି ସ୍ୱେଚ୍ଛାସେବୀ ସଂଗଠନ ଏହି ଘଟଣାକୁ ସିବିଆଇ ନିକଟରେ ରଖିବାକୁ ଯାଉଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ ବରପଦା ଇଞ୍ଜିନିୟରିଂ କଲେଜର ଆର୍ଥିକ କାରବାରକୁ ନେଇ କିଛିଦିନ ହେଲା ବିବାଦ ଜାରି ରହିଛି। ୨୦୨୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ କଲେଜ ଅର୍ଥ ହେରଫେର ମାମଲାରେ ଇଡି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ଇଡି ଡାକିବା ସହିତ ଜେରା କରିଥିଲା। ସେବେଠାରୁ ଇଡି ଏହି କଲେଜ ସହିତ ଜଡିତ ବ୍ୟକ୍ତିଙ୍କ ଆର୍ଥିକ କାରବାର ଉପରେ ନଜର ରଖିଥିଲା। ଏବେ ମିହିରଙ୍କ ୮୦ଲକ୍ଷ ଟଙ୍କା କାରବାରର ସୁରାକ ପାଇଲା ପରେ ଇଡି ବିଜେଡି ବିଧାୟକଙ୍କୁ ନିଜ ସ୍କାନରରେ ରଖିଛି।

ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକଙ୍କର ସଞ୍ଜୀବ ଅଟୋ ନାଁରେ ଦୁଇ ଚକିଆ ଯାନ ଡିଲରସିପ୍ ଥିବାବେଳେ ଆଉ କିଛି ବ୍ୟବସାୟ ସହିତ ମଧ୍ୟ ସେ ଜଡିତ ଅଛନ୍ତି। ଶ୍ରୀ ମଲ୍ଲିକ ପୂର୍ବରୁ ଭଦ୍ରକ ବିଧାୟକଥିବାବେଳେ ଚଳିତଥର ଭଣ୍ଡାରୀପୋଖରୀରୁ ➯ପୃଷ୍ଠା-୬

## ପୋଖରୀରେ ବୁଡ଼ି ଯୁବତୀ ମୃତ

**ନାଉଗାଁ, ୨।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଳଧାରୀ ଗ୍ରାମର ଲିଙ୍ଗରାଜ ବେହେରାଙ୍କ ଝିଅ ମନୋରମା(୨୭)ଙ୍କର କୌଣସି କାରଣବଶତଃ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ଶୁକ୍ରବାର ରାତିରେ ମନୋରମା ସବୁଦିନ ପରି ଖାଇସାରି ଶୋଇବାକୁ ଯାଇଥିଲେ। ଭୋର ସମୟରେ ପରିବାର ଲୋକ ଦେଖିଲା ବେଳକୁ ଝିଅ ବିଛଣାରେ ନଥିଲା। ଝିଅ କୁଆଡେ ଗଲା ବୋଲି ବାପା ଲିଙ୍ଗରାଜ ବହୁ ଖୋଜାଖୋଜି କରିଥିଲେ। ବାରି ପୋଖରୀ ଭିତରୁ ଖୋଜା ଖୋଜି କରିବା ପରେ ଝିଅକୁ ପାଣିରୁ ଉଦ୍ଧାର କରିଥିଲେ। ପଡ଼ିଶା ଲୋକଙ୍କ ସହାୟତାରେ ଝିଅକୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୋଲିସ ସୂଚନା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ୧୭/୨୦୨୪ ରୁଜୁ କରି ଶବକୁ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଥାନାଧିକାରୀ ସଂଘମିତ୍ରା ନାୟକ କହିଛନ୍ତି।

### ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା

## ପେଣ୍ଠ ବେଳାଭୂମିରେ ମହୋଦଧି ଆଳତି

**ରାଜନଗର, ୨।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ମହୋଦଧି ଆଳତି ଓ ଦରିଆ ଦେବତାଙ୍କ ପୂଜାର୍ଚ୍ଚନା କରାଯାଇଛି। ରାଜନଗର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀର



ସେବକ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋଦଧି ଆଳତୀ ପୂର୍ବରୁ ବେଳାଭୂମିରେ ବେଦମନ୍ତ୍ର ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ପ୍ରକାଶ ଶତପଥି, ପଣ୍ଡିତ ସନ୍ତୋଷ ଶତପଥି ପ୍ରମୁଖଙ୍କ ଦ୍ୱାରା ଏହି ପବିତ୍ର ମହାର୍ଘ୍ୟ ଆଳତୀ କରାଯାଇ ଦରିଆ ଦେବତା ତାଙ୍କ କୋପରୁ ସଦାସର୍ବଦା ରାଜନଗରବାସୀଙ୍କୁ ସୁରକ୍ଷା ଦେଇ ଆସିଥିବାରୁ ଆଳତୀ ମାଧ୍ୟମରେ ଅଜସ୍ର ପ୍ରତିବେଦନ ସମ୍ପନ୍ନ କରାଯାଇଥିଲା।

ଏଠାରେ ସୂଚନାଯୋଗ୍ୟ ଗତ ମାସରେ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଦାନା ରାଜନଗର ଭିତରକନିକାରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିଲେ ମଧ୍ୟ ତାହା ଉପକୂଳବର୍ତୀ ଗାଁ ଗୁଡିକରେ ବିଶେଷ କିଛି କ୍ଷତି ଘଟାଇନଥିଲା। ରାଜନଗରବାସୀ ଆସନ୍ନ ବିପଦରୁ ରକ୍ଷା ପାଇଥିବାରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତିଙ୍କ ପକ୍ଷରୁ ଏହି ମହୋଦଧି ଆଳତୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦେବକାର୍ଯ୍ୟରେ ଆଇଆଇସି ଅଜୟ କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଜୟ କୁମାର ରାଉତ, ସର୍ବେଶ୍ୱର ମହାନ୍ତି, ସ୍ୱାମୀ ରଜତାନନ୍ଦ ସରସ୍ୱତୀ, ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସଭାପତି ଦିବାକର ପରିଡ଼ା, ସମ୍ପାଦକ ଅଭିରାମ ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ଗଗନ ବିହାରୀ ସାହୁଙ୍କ ସମେତ ରାଜନଗର ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ଭବ୍ୟ ମହୋଦଧି ଆଳତୀକୁ ଦର୍ଶନ କରିଥିଲେ।

## ଜିଲ୍ଲାରେ ବୁଲିଲା ଭୋଟର ସଚେତନତା ରଥ

**କେନ୍ଦ୍ରାପଡା,୨।୧୧ (ସଂଚାର ବ୍ୟୁରୋ):** ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଉପଲକ୍ଷେ ୨ଟି ସଚେତନତା ରଥକୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ୨ଟି ରଥ ଜିଲ୍ଲାସାରା ପରିକ୍ରମା କରି ନୂତନ ଭୋଟରଙ୍କୁ ପଞ୍ଜିକରଣ କରିବା, ନାମ ସଂଶୋଧନ କରିବା, ଦୁଇ ଜାଗାରେ ଥିବା ନାମକୁ ଗୋଟିଏ ସ୍ଥାନରୁ ବାଦ ଦେବା, ଭୋଟର ତାଲିକାରେ ଥିବା ଭୁଲ ତଥ୍ୟର ସଂଶୋଧନ କରିବା, ଏକାଧିକ ଜାଗାରେ ଥିବା ଭୋଟରଙ୍କ ନାମକୁ ଗୋଟିଏ ଜାଗାରେ ରଖିବା, ମୃତ ଭୋଟରଙ୍କ ନାମ କାଟିବା, ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ ଦେବା, ଯୋଗ୍ୟ ହେଉଥିବା ସମ୍ଭାବିତ ଭୋଟର ୧ ଜାନୁଆରୀ ୨୦୨୫ ସୁଦ୍ଧା ଯୋଗ୍ୟ ସମ୍ଭାବିତ ଭୋଟର (ପରବର୍ତ୍ତୀ ୩ଟି ତାରିଖରେ ପଞ୍ଜିକରଣ କରିପାରିବେ) ଯୋଗ୍ୟ ବ୍ୟକ୍ତି ମାନଙ୍କର ବୁଥ ସ୍ତରୀୟ ଅଧିକାରୀ ମାନେ ତଥ୍ୟ ସଂଗ୍ରହ କରିବେ । ଏହି ତଥ୍ୟ ସଂଗ୍ରହ ସମୟରେ ଫର୍ମ-୮ ରେ ନାମ, ତଥ୍ୟ, ଫଟୋ, ଠିକଣା ସଂଶୋଧନ ପାଇଁ ଆବେଦନ କରାଯିବ ବୋଲି ଜଣାପଡିଛି। ଏହି ରଥ ଉଦ୍‌ଘାଟନ ସମୟରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ନିଳୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କ ସହିତ ରମେଶ ଚନ୍ଦ୍ର ପଣ୍ଡା, ସହାକରୀ ଜିଲ୍ଲାପାଳ ପଲ୍ଲବୀ ପ୍ରିୟଦର୍ଶନୀ ଏବଂ କୁଇନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।




## ଜେଲ୍ ୱାର୍ଡରଙ୍କ ସନ୍ଦେହଜନକ ମୃତ୍ୟୁ

### ପରକୀୟା ପ୍ରୀତି, ହତ୍ୟା ଅଭିଯୋଗ

### ସଦର ଥାନାରେ ଅଭିଯୋଗ କଲେ ପତ୍ନୀ

**କେନ୍ଦ୍ରାପଡ଼ା, ୨।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ରାତିରେ ବାରିମୂଳରେ ଜିଲ୍ଲା କାରାଗାରରେ କାର୍ଯ୍ୟ କରୁଥିବା ୱାର୍ଡର ବିଜୟ ପରିଡାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତ ୱାର୍ଡର ଜଣଙ୍କ ହେଉଛନ୍ତି କଟକ ଜିଲ୍ଲା ଗୁରିଡିଝାଟିଆ ଗ୍ରାମର ବିଜୟ ପରିଡ଼ା (୨୫) ବର୍ଷର ବୋଲି ଜାଣିବାକୁ ମିଳିଛି। ବେକରେ ଗାମୁଛା ଗୁଡ଼ାଇ ଫ୍ୟାନରେ ଓହଳି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ପହଞ୍ଚି ସଦର ପୁଲିସ୍ ମୃତ ଦେହ ଉଦ୍ଧାର କରି ସବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ହେଲେ ଏହି ଘଟଣାରେ ୱାର୍ଡରଙ୍କ ପରିବାର ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି ।

ସୂଚନା ମୁତାବକ ୨୦୨୩ ମେ ' ୨୦ ତାରିଖରେ ବିଜୟ ୱାର୍ଡର ଭାବେ ଚାକିରି ଆରମ୍ଭ କରିଥିଲେ।



ତାଙ୍କର ତିନି ବର୍ଷର ଝିଅ ଅଛି । ଗତ ଶୁକ୍ରବାର ସକାଳ ୬ଟାରୁ ଦିନ ୧୨ ଟା ପର୍ଯ୍ୟନ୍ତ ଜେଲ୍ ଡ୍ୟୁଟି ଥିଲା । ଡ୍ୟୁଟି ସାରି ଦିନ ପାୟ ସାଢ଼େ ୧୨ ଟାରେ ବାରାକରେ ପହଞ୍ଚିବା ପରେ ସେଥିରେ ରହୁଥିବା ଅନ୍ୟ କର୍ମଚାରୀ ଡ୍ୟୁଟିକୁ ଯାଇଥିଲେ । ବିଜୟ ଏକାକୀ ବାରାକ୍‌ରେ ରହୁଥିଲେ। ଅନ୍ୟ ଦୁଇ ସହଯୋଗୀ କର୍ମଚାରୀ ନିଜ କାର୍ଯ୍ୟ ସାରି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ବାରାକ୍‌ରେ ପହଞ୍ଚିବା ପରେ ବିଜୟ ଦୁଇଟି ଗାମୁଛା ବେକରେ ଗୁଡ଼େଇ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଜେଲ୍ ଅଧୀକ୍ଷକଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ଏହା ପରେ ଫ୍ୟାନରୁ ବିଜୟଙ୍କ ଶରୀର ଓହ୍ଲାଇଲା ବେଳକୁ ତାଙ୍କର ଜୀବନ ନଥିଲା ।

ସୂଚନାରୁ ପ୍ରକାଶ ଯେ ଏକ ବର୍ଷ ହେବ ବାରିମୂଳ ଜେଲରେ ଜେଲ କର୍ମଚାରୀ ଭାବେ କାର୍ଯ୍ୟରତ ପଚିଶି ବର୍ଷୀୟ ବିଜୟ ପରିଡା ବିବାହିତ ଥିଲେ। ତାଙ୍କର ଅନ୍ୟ ଏକ ଯୁବତୀ ରଶ୍ମିରେଖା ସେଠିଙ୍କ ସହ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ବିବାହ ପରେ ରଶ୍ମିରେଖା ସେଠିଙ୍କଠୁ ବିଜୟ ଅଲଗା ହୋଇଯାଇଥିଲେ ବି ରଶ୍ମି ରେଖା ଜେଲ୍ ପାଖକୁ ଆସି ବିଜୟଙ୍କ ସହ ଅନେକଥର ଝଗଡା କରନ୍ତି ଓ ବିଜୟଙ୍କୁ ବ୍ଲାକମେଲିଙ୍ଗ ମଧ୍ୟ କରନ୍ତି । ଶନିବାର ଘଟଣାସ୍ଥଳରେ ପୋଲିସ ପହଂଚି ଶବ ବ୍ୟବଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ବିଜୟଙ୍କ ସ୍ତ୍ରୀ ରୁପାଲୀ ଧଳ କେନ୍ଦ୍ରାପଡ଼ା ସଦର ଥାନାରେ ବିଜୟଙ୍କ ପ୍ରେମିକା ରଶ୍ମିରେଖା ଓ ତାଙ୍କ ପରିବାର ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି

**ଜଗତସିଂହପୁର, ୨।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଶିକ୍ଷା ଅଧୀନ ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ପାଇଁ



ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୬ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି ।

ନବମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ହେବାକୁ ଥିବା ଏନଆରଟିଏସ ପରୀକ୍ଷା ବିଷୟରେ ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଅବଗତ ନକରାଇବା, ପ୍ରଧାନଶିକ୍ଷୟିତ୍ରୀଙ୍କ ଅଜ୍ଞାତ କାରଣରୁ ଛାତ୍ରଛାତ୍ରୀମାନେ ପଠାଣିସାମନ୍ତ ମେଧାବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ରହିବା, ପ୍ରତିମାସରେ ଏକ ଦିନରେ ଏକ ସମୟରେ ୪ରୁ ୫ ଜଣ ଶିକ୍ଷୟିତ୍ରୀ ମାନେ ଏକ କାଳୀନ ଛୁଟିରେ ରହୁଛନ୍ତି, ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ଜିଲ୍ଲା ବାହାରୁ କଟକ ଭୁବନେଶ୍ୱରରୁ ଆସୁଥିବାରୁ ସଠିକ ସମୟରେ ବିଦ୍ୟାଳୟକୁ ନଆସିବା, ବିଦ୍ୟାଳୟରେ ପାଳନ ହେଉଥିବା ବିଭିନ୍ନ ଦିବସ ମାନଙ୍କରେ ଶିକ୍ଷୟିତ୍ରୀ ମାନେ ଅନୁପସ୍ଥିତ ରହିବା,ସ୍କୁଲରେ ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଥିବା ସହିତ ବିଭିନ୍ନ ସମସ୍ୟାକୁ ପ୍ରଧାନଶିକ୍ଷୟିତ୍ରୀ ଦୃଷ୍ଟି ଦେଉନଥିବା ଆଦି ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ସମସ୍ୟା ଗୁଡିକ ଯୋଗୁ ବିଦ୍ୟାଳୟରେ ଶିକ୍ଷାଧାନ ବାଧାପ୍ରାପ୍ତ ହେଉଥିବା ବେଳେ ପ୍ରଧାନ ଶିକ୍ଷକ ମଧ୍ୟ ଏଥିରେ ସାମିଲ ରହିଛନ୍ତି । ତେଣୁ ଅଭିଭାବକ ମାନେ ଜିଲ୍ଲାଶିକ୍ଷାଧିକାରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ପାଇଁ ଦାବୀପତ୍ର ପ୍ରଦାନ କରିଛନ୍ତି ।

ଏହି ଦାବି ପତ୍ର ପ୍ରଦାନରେ ଆଦିକନ୍ଦ ଭୋଇ, ସୁଷମା କୁମାରୀ ସାହୁ, ଲୋକନାଥ ଖଟେଇ, ସୁବାଷ ଖଟେଇ, ଲକ୍ଷ୍ମୀଧର ଭୋଇ, ପ୍ରମୋଦ ମଲ୍ଲିକ, ଚିତ୍ତରଞ୍ଜନ ଦାସ, ହେମନ୍ତ କୁମାର ପୃଷ୍ଟି, ଶଙ୍କର ମଲ୍ଲିକ, ସୁବାଷ ଭୋଇ, ସୁଶାନ୍ତ ମଲ୍ଲିକ, କବିତା ସେଠି, ଅଖିଳ ରଞ୍ଜନ ସାହୁଙ୍କ ସମେତ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ ।

## ରଞ୍ଜନଙ୍କ ବିୟୋଗରେ ଶୋକ

**ଆଳି, ୨।୧୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ବାଟିପଡ଼ା ପଞ୍ଚାୟତରେ ବାଟିପଡ଼ା ଗ୍ରାମର ରଞ୍ଜନ କୁମାର ବାରିକଙ୍କ ୫୪ ବର୍ଷ ବୟସରେ ଗତକାଲି ବିଳମ୍ବିତ ରାତିରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜାପାଠ କରି ସାରିବା ପରେ ହଠାତ୍ ତାଙ୍କ ଛାତି ଯନ୍ତ୍ରଣା ହେବାରୁ କେନ୍ଦ୍ରାପଡ଼ା ମେଡିକାଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

ଖବର ପ୍ରକାଶିତ ହେବା ପରେ ବାଟିପଡ଼ା ସମେତ ମହାଦେଇପାଟଣା, ସାନମଙ୍ଗ, ଠାକୁରସାହି, ମୋହନପୁର, ସହିରା ଅଚଂଳରେ ଶୋକରଛାୟା ଖେଳିଯାଇଥିଲା। ହୃଦଘାତରେ ମୃତ୍ୟୁବରଣ କରିଥିବାରୁ ଆଳି ବ୍ଲକ ଓ ପଟ୍ଟାମୁଣ୍ଡାଇ ବ୍ଲକରେ ମଧ୍ୟ ଶୋକରଛାୟା ଖେଳି ଯାଇଛି। ରଞ୍ଜନ ବାରିକଙ୍କ ବିୟୋଗରେ ବାଟିପଡ଼ା ବଜାର ଆଜି ବନ୍ଦ ହୋଇଯାଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ପାଖରେ ତାଙ୍କ ସାନଭାଇ ବିଜନ ବାରିକ, ନିରଞ୍ଜନ ବାରିକ, କଳ୍ପନା ବାରିକ, ପୁତ୍ର ରୋନିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଆଳି ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର କୁମାର ବେହେରା, ଦର୍ପ ନାରାୟଣ ସାହୁ, ଦୀପକ କୁମାର ପରିଡ଼ା, ବାଟିପଡ଼ା ବଜାର କମିଟିର ସମସ୍ତ ସଦସ୍ୟ ଓ ବାଟିପଡ଼ା ଗ୍ରାମର ବହୁ ମରୁବୀ ଶ୍ରେଣୀର ଲୋକମାନେ ରଞ୍ଜନଙ୍କ ବାସଭବନରେ ପହଁଚି ଶୋକାକୂଳ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଆଜି ତାଙ୍କ ଗ୍ରାମର ନିଜସ୍ୱ ଶ୍ମଶାନରେ ଶବଦାହ କରାଯାଇଥିଲା। ତାଙ୍କ ପୁତ୍ର ରୋନିତ କୁମାର ବାରିକ ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ତାଙ୍କର ବନ୍ଧୁବାନ୍ଧବ, ପଡ଼ାପଡ଼ିଶୀ, ଗ୍ରାମବାସୀ, ବଜାର କମିଟିର ସଦସ୍ୟ ଓ ଆଖପାଖର ଶହ ଶହ ଲୋକ ଉପସ୍ଥିତ ଥିଲେ।



## ସାରିଆ ଜଙ୍ଗଲରେ ୫୫ ଟିକିଆ ହାତୀପଲ

### ଚାଷୀ ଭୟଭୀତ

**ବୈଶିଙ୍ଗା, ୨।୧୧ (ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ତଥା ବ୍ଲକ ଅଧୀନ ସାରିଆ ଜଙ୍ଗଲରେ ୫୫ ଟିକିଆ ହାତୀ ପଲ ଶନିବାର ସନ୍ଧ୍ୟା ସମୟରେ ପହଞ୍ଚିଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ ବଡାମପୁର ସେକ୍ସନ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ହାତୀ ମାନଙ୍କର ଉପଦ୍ରବ ଲାଗି ରହିଥିବାର ଦେଖାଯାଇଛି। ଗତ ସପ୍ତାହରେ ୧୧ ଟିକିଆ ହାତୀ ପଲ ଚାଷୀ ମାନଙ୍କର ଧାନ କ୍ଷେତକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲେ ଏବଂ ପରେ ପରେ ବନବିଭାଗ ଦ୍ୱାରା ରାସଗୋବିନ୍ଦପୁର ରେଞ୍ଜ ଅଧୀନକୁ ଘଉଡାଇ ଦେଇଥିଲେ । ତାର କିଛି ଦିନ ନଯାଉଣୁ ରାସଗୋବିନ୍ଦପୁର ରେଞ୍ଜ ଅଧୀନରୁ ବାହାରି ୫୫ଟିକିଆ ହାତୀ ପଲ ଆଜି ସନ୍ଧ୍ୟା ସମୟରେ ସାରିଆ ଜଙ୍ଗଲ ଥିବା ଜଣାଯାଇଛି। ଯାହାକି ଜଙ୍ଗଲ ନିକଟବର୍ତ୍ତୀ ଚାଷୀ ମାନଙ୍କର ଧାନ ନଷ୍ଟ ହୋଇଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି । ଏହି ୫୫ ଟିକିଆ ହାତୀ ପଲ ମଧ୍ୟରେ ଦନ୍ତାହାତୀ ସହ ମାଇହାତୀ ଏବଂ ଛୋଟ ହାତୀ ମଧ୍ୟ ଥିବାର ଦେଖା ଯାଇଛି। ଅନ୍ୟପଟେ ବେତନଟୀ ରେଞ୍ଜ ଅଧିକାରୀ ମନୱର ଖାଁ , ବଡାମପୁର ବନପାଳ ଦୀପକ କୁମାର ପାତ୍ର , ବନରକ୍ଷୀ ଏବଂ ଗଜସାଥୀଙ୍କ ଟିମଙ୍କ ସହ ମିଶି ସେମାନଙ୍କର ଗତିପଥ ଉପରେ ନଜର ରଖିଥିବାର ଦେଖା ଯାଇଛି ।



## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର, ୨।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ଥାନା ଅଧିନ କଳାଶ୍ରୀ ଗୋପାଳପୁର ପଞ୍ଚାୟତସ୍ଥିତ ଗଜେନ୍ଦ୍ରପୁର ଗ୍ରାମର ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କର ହାଇଦ୍ରାବାଦରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ଖବରରୁ ପ୍ରକାଶ ଗଜେନ୍ଦ୍ରପୁର ଗ୍ରାମର ଜଳଧର ସେନାପତିଙ୍କ ପୁଅ ସନାତନ ସେନାପତି(୪୧) ଓଡ଼ିଶା ରାଜ୍ୟରେ କାମ ନପାଇ ଦୁଇ ବର୍ଷ ହେବ ଦାଦନ ଖଟିବା ପାଇଁ ହାଇଦ୍ରାବଦକୁ ଯାଇଥିଲେ। ସେଠାରେ ସେ ଏକ ଘରୋଇ କମ୍ପାନୀରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ୪ ଦିନ ତଳେ ଏକ ତିନି ମହଲା କୋଠା କାର୍ଯ୍ୟର ତଦାରଖ କରିବା ପାଇଁ ଯାଇଥିବା ବେଳେ ସେଠାରେ ଦୁର୍ଘଟଣା ଗ୍ରସ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସାରତ ଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ମରିବାର ତିନି ଦିନ ପରେ ପରିବାର ଲୋକ ଖବର ପାଇଥିଲେ। ଆଜି ଶନିବାର ଖବର ପାଇ ଗ୍ରାମବାସୀ ଓ ବନ୍ଧୁ ପରିଜନ ହାଇଦ୍ରାବାଦ ଅଭିମୁଖେ ଯାଇଛନ୍ତି।

ତେବେ ଏଠାରେ ପ୍ରଶ୍ନ ଉଠେ ସନାତନଙ୍କ ମରିବାର ତିନି ଦିନ ପରେ ସାଙ୍ଗସାଥିମାନଙ୍କ ଜରିଆରେ ଖବର ମିଳିଥିଲା ବେଳେ ଠିକାସଂସ୍ଥା ପକ୍ଷରୁ କାହିଁକି ଖବର ଦିଆଗଲାନାହିଁ। ଠିକା କମ୍ପାନୀ ପକ୍ଷରୁ ଶ୍ରମିକ ମାନଙ୍କ ପାଇଁ କ'ଣ ନିରାପତା ବ୍ୟବସ୍ଥା ରହିଥିଲା, ସେମାନଙ୍କର ଇଂସୁରାନ୍ସ କରାଯାଇଥିଲା କି ନାହିଁ ? ଏମିତି କି କମ୍ପାନୀ ପକ୍ଷରୁ ମୃତ ଖବରକୁ ଲୁଚାଯାଇଥିଲା କାହିଁକି। ଏପରି ଗୁଡ଼ାଏ ଅସମାହିତ ପ୍ରଶ୍ନନେଇ ଘଟଣାସ୍ଥଳକୁ ଅଗ୍ରସର ହୋଇଛନ୍ତି ବନ୍ଧୁ ପରିଜନ। ଘଟଣାସ୍ଥଳରେ ସେମାନେ ପହଞ୍ଚି ସେଠାରୁ ଫେରିଲା ପରେ ସଠିକ୍ ତଥ୍ୟ ଜଣାପଡ଼ିବ ବୋଲି କହିଛନ୍ତି ଗ୍ରାମବାସୀ। ସନତାନଙ୍କର ପତ୍ନୀ ସମେତ ଦୁଇ ଝିଅ ଗାଁରେ ରହୁଛନ୍ତି। ସେମାନଙ୍କର ଭାଗ୍ୟ କ'ଣ ହେବା ଏଥିନେଇ ଜିଲ୍ଲା ପ୍ରଶାସନ, ବଡ଼ଚଣା ବିଧାୟକ ଅମର ନାୟକ ଏବଂ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ବିଜେଡିର ପ୍ରସ୍ତୁତି ବୈଠକ

## ୧ ଲକ୍ଷ ସଭ୍ୟ ସଂଗ୍ରହ ଲକ୍ଷ୍ୟ

**ରାଜନଗର, ୨।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ଦଳର ସଭ୍ୟ ସଂଗ୍ରହ ଓ ପଦଯାତ୍ରା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ସହ ରାଜନଗର ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତି ପଞ୍ଚାୟତରେ ସଭ୍ୟ ସଂଗ୍ରହ ଅଭିଯାନ ଯେପରି ତ୍ୱରାନ୍ୱିତ ହେବ, ସେ ନେଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିସହିତ ଆଗାମୀ ୧୦ ତାରିଖରେ ୩୧ନଂ ଜୋନରେ ପଦଯାତ୍ରା ଓ ଚାନ୍ଦିବାଉଁଶମୂଳ ଠାରେ ସାଧାରଣ ସଭା କରିବା ପାଇଁ ନିଷ୍ପତି ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା



ପାତ୍ର, ଯୁବ ବିଜେଡି ସଭାପତି ଆର୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ ନାରାୟଣ ବିଶ୍ୱାଳ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଅଶୋକ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଇତିଶ୍ରୀ ମହାପାତ୍ର, ପୁଷ୍ପଲତା ପାତ୍ର, ଚିତ ରଞ୍ଜନ ପଣ୍ଡା, ନନ୍ଦ ଦୁଲାଲ ପରିଡ଼ା, ଶୈଳେନ୍ଦ୍ର ମିଶ୍ର, ସମିତିସଭ୍ୟ ତପନ କୁମାର ସାହୁ, ମନୋରଞ୍ଜନ ମଣ୍ଡଳ, ମଧୁସୂଦନ ପ୍ରଧାନ, ରବିନ ମଲିକ, ସଞ୍ଜୟ କୁମାର ସ୍ୱାଇଁ, ସସ୍ମିତା ରାଉତ, ବିଜେଡିନେତା ପତିତ ପାବନ ପଣ୍ଡା, କାମଦେବ ରାଉତ, ବିଚିତ୍ର କୁମାର ସ୍ୱାଇଁ, କ୍ଷୀରୋଦ କୁମାର ରାଉତ, ଅକ୍ଷୟ କୁମାର ସ୍ୱାଇଁ, ତ୍ରିଲୋଚନ ସାହୁ, ନବଘନ ପାତ୍ର, ଅଶୋକ କୁମାର ପ୍ରଧାନ, ଗିରିଶ ଚନ୍ଦ୍ର ନାୟକ, ତପନ କୁମାର ମଣ୍ଡଳ, ହୃଷିକେଶ ପ୍ରଧାନ, ପ୍ରଭାତ କୁମାର ବେହେରା, ବିଶ୍ୱମ୍ବର ବେହେରା, ଯୁବନେତା ସରୋଜ କୁମାର ରାଉତ, ନାରୀନେତ୍ରୀ ସୁଜାତା ନାୟକ ପ୍ରମୁଖ ପଞ୍ଚାୟତର ସଭାପତି ଏବଂ ପଞ୍ଚାୟତ ଓ ବ୍ଲକସ୍ତରୀୟ ଛାମୁଆ କର୍ମୀମାନେ ଯୋଗଦେଇଥିଲେ।

## ବିଜେଡିର ପଦଯାତ୍ରା, ଜନସମ୍ପର୍କ ଅଭିଯାନ ଓ ସାଧାରଣ ସଭା

**ଫୁଲନଖରା, ୨।୧୧ (ସଂଚାର ବ୍ୟୁରୋ):** ବାରଙ୍ଗ ବ୍ଲକ ବିଜୁଜନତା ଦଳ ପକ୍ଷରୁ ୩୩ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରେ ଚଳିତ ବର୍ଷ ଅକ୍ଟୋବର ୨ ତାରିଖ ଠାରୁ ଚାଲିଥିବା ବିଜେଡି ପଦଯାତ୍ରା, ଜନସମ୍ପର୍କ ଅଭିଯାନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । କୁରାଙ୍ଗ ପ୍ରଧାନ ପଞ୍ଚାୟତର ବ୍ରାହ୍ମଣଝରିଲୋ ଠାରେ ଅନୁଷ୍ଠିତ ସଭାରେ ନିଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ବ୍ଲକ ଉପାଧ୍ୟକ୍ଷା ବିରାଜିନୀ ମଲ୍ଲିକ, ଅଶୋକ କୁମାର ରାଉତ, ରମାକାନ୍ତ ରାଉତ, ଶେଷଦେବ ପାତ୍ର, ଅକ୍ଷୟ କୁମାର ମହାନ୍ତି, ସମିର ସାମନ୍ତରାୟ, କେଦାର ନାଥ ଜେନା, ସମରେନ୍ଦ୍ର ହାତୀ, ପଦ୍ମିନୀ ପ୍ରଧାନ, ଇତିଶ୍ରୀ ସ୍ୱାଇଁ, ରୋହିଣୀ ଭୋଇ, ଗଗନ ବିହାରୀ ଜେନା, ରାକେଶ କୁମାର ଜେନା, କ୍ଷୀରୋଦ ପଟ୍ଟନାୟକ, ସୋଭନ ମହାପାତ୍ର, ମୁସ୍ତାକ ଅଲ୍ଲୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ କିପରି ଦଳକୁ ମଜଭୁତ କରି ହେବ ସେ ବିଷୟରେ ସମସ୍ତ କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ ।


ଏହି ମଞ୍ଚରେ ନଗରୀ ପଞ୍ଚାୟତର ବିଜେପି ଯୁବନେତା ତ୍ରୀଲୋଚନ ବେହେରା, ଓ କମଳା କାନ୍ତ ମଲ୍ଲିକଙ୍କୁ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଜେଡିରେ ସ୍ୱାଗତ କରିଥିଲେ । ଶଶିଭୂଷଣ ଦାଶ ଏହି ସଭା ପରିଚାଳନା କରିଥିଲା ବେଳେ ବେଣୁଧର ମୁଳିଆ ଧନ୍ୟବାଦ ଅର୍ପଣ କରିଥିଲେ । ବିଜେଡି ନେତା ବିଶ୍ୱ ରଞ୍ଜନ ସାହୁ ଏହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲାବେଳେ ସୁକାନ୍ତ ବେହେରା , କୈଳାସ ଚନ୍ଦ୍ର ବେହେରା, ସେକ୍ କଲ୍ଲିମ୍ ଉଦ୍ଦୀନ, ବ୍ରଜକିଶୋର ପ୍ରଧାନ, ମହମ୍ମଦ ନୁର, ହୃଷିକେଶ ଛୋଟରାୟ, ଘନଶ୍ୟାମ ପାତ୍ର, ମୁରଲୀ ପ୍ରସାଦ ଭୂୟାଁ, ରତନ କୁମାର ମହାନ୍ତି, ମନୋଜ ତରାଇ, ପ୍ରସାନ୍ତ ପ୍ରଧାନ, ଏସକେ ସବିର, ବିଜୟ କୁମାର କାଣ୍ଡି, ଜଟିଆ କାଳିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ୫୦୦ ରୁ ଉର୍ଦ୍ଧ୍ୱ ବିଜେଡି ମହିଳା କର୍ମୀ, ଯୁବଗଷ୍ଠୀ, ବୟୋଜ୍ୟେଷ୍ଠ ମାନେ ଏହି ସଭାରେ ଉପସ୍ଥିତ ରହିଥିଲେ ।




## କ୍ରସର ବନ୍ଦକୁ ନେଇ ବଢୁଛି ଅସନ୍ତୋଷ

**ଖୋର୍ଦ୍ଧା, ୨।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧାରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚଳୁଛନ୍ତି ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ। କେବଳ ଖୋର୍ଦ୍ଧା ନୁହେଁ ଆଖପାଖ ଜିଲ୍ଲାର ବହୁ ଲୋକ କ୍ରସର ଶିଳ୍ପ ଯୋଗୁ ଦିନକୁ ଦିଓଳା ଖାଇବାକୁ ପାଆନ୍ତି। ମାତ୍ର ଆଂଚଳିକ କ୍ରସର ମାଲିକ ସଂଘର ମନମୁଖୀ କାର୍ଯ୍ୟ ଯୋଗୁ କ୍ରସର ମାଲିକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଆଂଚଳିକ କ୍ରସର୍ ମାଲିକ୍ ସଂଘର ମନମାନି ଯୋଗୁ ବିଭିନ୍ନ କାରଣ ଦର୍ଶାଇ ବର୍ଷକୁ ୬ ମାସ କ୍ରସର ଶିଳ୍ପ ବନ୍ଦ କରିବା ଘଟଣାକୁ ସହଜରେ ହଜମ କରିପାରୁନାହାନ୍ତି ମେଗା କ୍ରସର ଶିଳ୍ପର ମାଲିକ ଓ କର୍ମଚାରୀ। ଏହା ସୁନାଖଳା ଓ ଭାପୁର ଅଂଚଳର କିଛି କ୍ରସର ମାଲିକଙ୍କୁ ସହଯୋଗ ପାଇଁ ସଂଘ ଏଭଳି ନିଷ୍ପତି ନେଉଥିବା ସ୍ଥାନୀୟ ଅଂଚଳର କିଛି କ୍ରସର ମାଲିକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଯଦି କ୍ରସର ମାଲିକଙ୍କ କଥା ସତ୍ୟ ହୁଏ ତେବେ ଏହା କେତେଦୂର ଠିକ ତାହା ବିଚାର ଯୋଗ୍ୟ।

ଟାପଙ୍ଗରେ ଆଂଚଳିକ କ୍ରସର୍ ମାଲିକ୍ ସଂଘରେ ୧୪ଟି ଜୋନର କ୍ରସର ମାଲିକ ରହିଛନ୍ତି । ସଂଘ ପକ୍ଷରୁ ଶୁକ୍ରବାର ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାର ହଜର ହଜାର ପରିବାର ତଥା ଶ୍ରମଜୀବୀଙ୍କ ନିତିଦିନିଆ ଜୀବନ ଜୀବିକାକୁ ଧ୍ୱଂସାଭିମୁଖି ପରିସ୍ଥିତରୁ ରକ୍ଷା କରିବା ନିମନ୍ତେ କ୍ରସର ମାଲିକ୍ ସଂଘର ସାଧାରଣ ସଭା ବୈଠକରେ ସର୍ବସମ୍ମତି କ୍ରମେ ହୋଇଥିବା ନିଷ୍ପତିକୁ ସମ୍ପୂର୍ଣ ଭାବେ କାର୍ଯ୍ୟକାରୀ କରିବା ପାଇଁ ଯଥା ସ୍ଥଳ ଯୋଗାଣ ଓ ଫର୍ମ ଯୋଗାଣର ସ୍ଥାୟୀ ସମାଧାନ ହେବା ପର୍ଯ୍ୟନ୍ତ ଶୁକ୍ରବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ କ୍ରସର ବନ୍ଦ୍ ଓ ସ୍ଥଳ କିଣା ବନ୍ଦ୍ ରଖିବା ପାଇଁ କ୍ରସର ମାଲିକଙ୍କୁ କୁହାଯାଇଥିଲା। ମାତ୍ର ସଂଘର ଏଭଳି ମନମୁଖୀ କାର୍ଯ୍ୟକୁ ଖୋଲାଖୋଲି ବିରୋଧ କରିଥିଲେ କିଛି କ୍ରସର ମାଲିକ। ଯଦି ଏଭଳି ଚାଲେ ତେବେ ଋଣକରି କ୍ରସର ଶିଳ୍ପ, ଗାଡି, ମେସିନ କରିଥିବା ମାଲିକଙ୍କ ଅବସ୍ଥା କଣ ହେବ ବୋଲି ସେମାନେ ପ୍ରଶ୍ନ କରିଥିଲେ। କିସ୍ତି ନଦେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ଆସି ମେସିନ, ଗାଡିକୁ ଜବତ କଲେ ସଂଘ ପିଠି ଦେଖାଇବ କି ବୋଲି କିଛି କ୍ରସର ମାଲିକ ପ୍ରଶ୍ନ କରିଥିଲେ। ତେବେ ସଂଘ ବୈଠକରେ ଏଭଳି ହୋ ହାଲା ଯୋଗୁ କୌଣସି ନିଷ୍ପତି ହୋଇନଥିଲେ ମଧ୍ୟ ମେଗା କ୍ରସର ମାଲିକଙ୍କ ମଧ୍ୟରେ ସଂଘର କାର୍ଯ୍ୟକୁ ନେଇ ଅସନ୍ତୋଷ ବଢୁଛି। ସେହିପରି ସଂଘ ଆରମ୍ଭ ରୁ କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକ ପରିବର୍ତ୍ତନ ନହେବା ଘଟଣା ଏବେ ସଂଘର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସଂଘ ଭିତରେ ରାଜନୀତି କରଣ ଚାଲୁଥିବା କିଛି ମାଲିକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ତେଣୁ ମେଗା କ୍ରସର ମାଲିକ ମାନେ ଏକାଠି ହୋଇ ଅନ୍ୟ ଏକ ସଂଘ ଗଠନ କରିବା ନିମନ୍ତେ ନିଷ୍ପତି ନେଉଥିବା ବିଶେଷ ସୂତ୍ରରୁ ଜଣାପଡିଛି ।



## ବ୍ରାଜିଲର ବେଲେମ ଜି- ୨୦

# ଡିଆରଆରଡବ୍ଲ୍ୟୁଜି ମନ୍ତ୍ରୀସ୍ତରୀୟ ବୈଠକରେ ପିକେ ମିଶ୍ର



**ନୂଆଦିଲ୍ଲୀ,୨।୧୧:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପିକେ ମିଶ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ବ୍ରାଜିଲର ବେଲେମ୍ ଠାରେ ଅକ୍ଟୋବର ୩୦ ରୁ ନଭେମ୍ବର ପହିଲା ପର୍ଯ୍ୟନ୍ତ ଅନୁଷ୍ଠିତ ଜି- ୨୦ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ (ଡିଆରଆରଡବ୍ଲ୍ୟୁଜି) ମନ୍ତ୍ରୀସ୍ତରୀୟ ବୈଠକରେ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ପ୍ରତିନିଧି ଦଳର ସକ୍ରିୟ ଅଂଶଗ୍ରହଣ ସହିତ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ପ୍ରଥମ ମନ୍ତ୍ରୀସ୍ତରୀୟ ଘୋଷଣାନାମାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ସହମତି ପ୍ରକାଶ ପାଇଛି। ବିଭିନ୍ନ ମନ୍ତ୍ରୀସ୍ତରୀୟ ଅଧିବେଶନରେ ଡ. ପିକେ ମିଶ୍ର ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ଏବଂ ଭାରତରେ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଅର୍ଥ ଯୋଗାଣକୁ ବୃଦ୍ଧି କରିବା ଦିଗରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ଅଗ୍ରଗତି ବିଷୟରେ ବର୍ଣ୍ଣନା କରିଥିଲେ। ଡ. ପିକେ ମିଶ୍ର ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ପାଇଁ ଭାରତର ସକ୍ରିୟ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଜି- ୨୦ର ଭାରତୀୟ ଅଧ୍ୟକ୍ଷତା ସମୟରେ ନିର୍ଦ୍ଧାରିତ ହୋଇଥିବା ଡିଆରଆରଡବ୍ଲ୍ୟୁଜିର ପାଞ୍ଚଟି ପ୍ରାଥମିକତା ଉପରେ ଆଧାରିତ, ଯଥା ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ଡିଆରଆର ଫାଇନାନ୍ସିଂ, ପ୍ରତିରୋଧୀ ଭିତ୍ତିଭୂମି ଏବଂ ପ୍ରକୃତି ଭିତ୍ତିକ ସମାଧାନ। ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି କ୍ଷେତ୍ରରେ ସେ ପ୍ରଧାନମନ୍ତ୍ରୀଙ୍କ ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି ପାଇଁ ମିଳିତ ଭିତ୍ତିଭୂମି (ସିଡିଆଇଆର)ର ବିଶ୍ୱସ୍ତରୀୟ ପଦକ୍ଷେପକୁ ସାମିଲ କରିଥିଲେ, ଯେଉଁଥିରେ ବର୍ତ୍ତମାନ ୪୦ଟି ଦେଶ ଏବଂ ୭ଟି ଅନ୍ତର୍ଜାତୀୟ ସଂଗଠନ ସଦସ୍ୟ ଅଛନ୍ତି।

## ଟିପିସିଓଡିଏଲ୍ ପକ୍ଷରୁ ସୋଆରେ ସୌରଶକ୍ତି ପ୍ରଶିକ୍ଷଣ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ 'ଗ୍ରୀଡ୍ କନେକ୍ଟେଡ୍ ରୁଫ୍ ଟପ୍ ସୋଲାର ସିଷ୍ଟମ୍' ଉପରେ ଏକ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଆୟୋଜିତ ହୋଇଯାଇଛି। ଟାଟା ପାୱାର ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପ୍ରାୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି କେନ୍ଦ୍ର ସରକାରଙ୍କ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' କାର୍ଯ୍ୟକ୍ରମକୁ ସଫଳ କରିବା। ଏହାର ମୂଳ ଲକ୍ଷ୍ୟ ହେଉଛି ସାରା ଦେଶରେ ସବୁଜ ଶକ୍ତିକୁ ପ୍ରୋତ୍ସାହନ ଦେଇ ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବା। ନ୍ୟୁ ଆଣ୍ଡ ରିନ୍ୟୁଏବଲ୍ ଏନର୍ଜି (ଏମ୍ଏନ୍ଆରଇ) ମନ୍ତ୍ରଣାଳୟ ପକ୍ଷରୁ ମନୋନୀତ ନ୍ୟାସନାଲ୍ ପାୱାର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ପିଟିଆଇ) ସହଯୋଗିତାରେ ଓଡ଼ିଶାରେ ଏହି ପ୍ରଶିକ୍ଷଣ କାର୍ଯ୍ୟ କରାଯାଉଛି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ଏହା ଆୟୋଜିତ ହୋଇଥିଲା। କର୍ମଶାଳାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଆଇଟିଇଆର୍‌ର ଆଡିସନାଲ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା, ଓଡ଼ିଶା ଡିଷ୍ଟ୍ରିକମ୍ସ ଏଲ୍ ଆଣ୍ଡ ଟି ମୁଖ୍ୟ ତଥା ସିନିୟର ଜେନେରାଲ ମ୍ୟାନେଜର (ଏଚ୍‌ଆର) ଶ୍ରୀ ବୁଦ୍ଧିଶ କୁମାର ବେହେରା ଏବଂ ଦୁର୍ଗାପୁର ସ୍ଥିତ ଏନ୍‌ପିଟିଆଇର ଡେପୁଟି ଡାଇରେକ୍ଟର ଶ୍ରୀ ମୋତିଲାଲ୍ ସେନାପତି ଉପସ୍ଥିତ ଥିଲେ।

## ରାଜ୍ୟରେ ପିଡିଏସ୍ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ

- ରାସନ ଚାଉଳ ନମିଳିବାରୁ ଆମ୍ବ ଟାକୁଆ ଜାଉ ଖାଇବାକୁ ବାଧ୍ୟ ହୋଇଥିଲେ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ଆମ୍ବ ଟାକୁଆ ଜାଉ ଖାଇ ୨ ମୃତ ଓ ୬ ଗୁରୁତର ହୋଇଥିବା ଘଟଣା ଲୋକଲୋଚନକୁ ଆସିଥିବା ବେଳେ ବିଜୁ ଜନତା ଦଳ ତରଫରୁ ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନିରେ ପୂର୍ବତନ ମନ୍ତ୍ରୀ ତଥା ଦଳର ମୁଖପାତ୍ର ଶ୍ରୀ ସଞ୍ଜୟ ଦାସବର୍ମା ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ରାଜ୍ୟର ପିଡ଼ିଏସ ବଣ୍ଟନ ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି କହିଛନ୍ତି। କନ୍ଧମାଳ ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ମାଣ୍ଡିପଙ୍କା ଗାଁରେ ଆମ୍ବ ଟାକୁଆରେ ପ୍ରସ୍ତୁତ ଜାଉ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ମହିଳା ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଜଣେ ମହିଳାଙ୍କର ନିକଟସ୍ଥ ବ୍ରାହ୍ମଣୀ ଗାଁ ମେଡିକାଲରେ ଚିକିତ୍ସା ସମୟରେ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ରାସ୍ତାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୬ ଜଣ ଗୁରୁତର ହୋଇଥିବା ମହିଳାଙ୍କୁ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ଓ ଗୁରୁତର ହୋଇ ପଡ଼ିଥିବା ସମସ୍ତେ ମହିଳା। ଆମ୍ବ ଟାକୁଆରୁ ବାହାରୁଥିବା କୋଇଲିରୁ ପ୍ରସ୍ତୁତ ଜାଉ ଖାଇଥିବା ଏହି ମହିଳାମାନେ ପରେ ଅସୁସ୍ଥ ହୋଇ ପଡ଼ିଥିଲେ। ଶ୍ରୀ ଦାସବର୍ମା କହିଥିଲେ, ଏହି ଘଟଣା ସମଗ୍ର ରାଜ୍ୟ ପାଇଁ ଲଜ୍ଜାର ବିଷୟ ହେବା ସହିତ ରାଜ୍ୟ ବିଜେପି ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ମୃତକ ଓ ଗୁରୁତର ହୋଇଥିବା ସମସ୍ତ ମହିଳାମାନଙ୍କ ପରିବାର ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ମିଳୁଥିବା ଚାଉଳ, ଗତ ଚାରି ମାସ ହେଲା ପାଇନାହାନ୍ତି ବୋଲି, ଆମେ ସ୍ଥାନୀୟ ଅଞ୍ଚଳରୁ ଜାଣିବାକୁ ପାଇଲୁ। ପରିବାରର ପ୍ରତି ମୁଣ୍ଡ ପିଛା ପାଞ୍ଚ କେଜି ଚାଉଳ ମିଳିଥାଏ। ଏହି ଚାଉଳ ଗତ ଚାରି ମାସ ଧରି ମିଳି ନଥିବାରୁ, ସେମାନେ ଆମ୍ବ ଟାକୁଆ ଜାଉ ଖାଇବାକୁ ବାଧ୍ୟ ହୋଇଛନ୍ତି ବୋଲି ଶ୍ରୀ ଦାସବର୍ମା କହିଥିଲେ। ଦେଶରେ ଯେପରି କେହି କ୍ଷୁଧାରେ ରହିବେ ନାହିଁ ଲକ୍ଷ୍ୟ ନେଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ପ୍ରଣୟନ କରାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟର ବହୁତ ଲୋକ ବଞ୍ଚିତ ହେଉଥିଲେ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରାଯାଇଥିଲା, ଯାହା ମାଧ୍ୟମରେ ଅଧିକା ପଚିଶ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିଲା। ଲଗାତର ଭାବେ ଚାରିମାସ ଧରି ଚାଉଳ ନମିଳିବା ଖାଦ୍ୟ ସୁରକ୍ଷା ଯୋଜନାର ଲକ୍ଷ୍ୟ ହାସଲରୁ ବିଚ୍ୟୁତ ହୋଇଛି। ଶ୍ରୀ ଦାସବର୍ମା ଆହୁରି କହିଥିଲେ।

## ଆଇଏଲଓ ଗଭର୍ଣ୍ଣିଂବଡିର ୩୫୨ତମ ଅଧିବେଶନରେ ଭାରତୀୟ ପ୍ରତିନିଧି ଦଳ

**ନୂଆଦିଲ୍ଲୀ,୨।୧୧:** ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ)ର ୩୫୨ତମ ଗଭର୍ଣ୍ଣିଂ ବଡି ବୈଠକ ୨୮ ଅକ୍ଟୋବରରୁ ୭ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଜେନେଭା (ସୁଇଜରଲ୍ୟାଣ୍ଡ)ରେ ଅନୁଷ୍ଠିତ ହେଉଛି। ପ୍ରଥମ ସପ୍ତାହରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସଚିବ ସୁମିତା ଦାଓ୍ୱରା ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି। ଆଜିର ଆଲୋଚନା ରେ ଶ୍ରୀମତୀ ଦାଓ୍ୱରା ଗୁଣାତ୍ମକ ନିଯୁକ୍ତି ସୃଷ୍ଟି, ସାମାଜିକ ସୁରକ୍ଷାକୁ ସମର୍ଥନ କରିବା ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେଉଥିବା ଅନ୍ତର୍ଭୁକ୍ତ ଅର୍ଥନୈତିକ ନୀତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମାଜର ସମସ୍ତ ବର୍ଗ, ବିଶେଷକରି ମହିଳା ଏବଂ ଯୁବକମାନଙ୍କ ପାଇଁ ଭଲ କାର୍ଯ୍ୟ ସୁଯୋଗ ସୃଷ୍ଟି କରିବା ପାଇଁ ଆମର ଜାତୀୟ ପ୍ରୟାସ, ଯାହା ଆଇଏଲଓର ନୂତନ ସାମାଜିକ ଚୁକ୍ତିର ଆହ୍ୱାନ ସହିତ ଘନିଷ୍ଠ ଭାବରେ ସମନ୍ୱିତ ଥିଲା। ଶ୍ରୀମତୀ ଦାଓ୍ୱରା ଏ ଦିଗରେ ଭାରତର ସକାରାତ୍ମକ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ ଏବଂ ଆଇଏଲଓ ଗଭର୍ଣ୍ଣିଂ ବଡି ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟରେ ଅବଗତ କରାଇଥିଲେ। ୩୦ ଅକ୍ଟୋବର ୨୦୨୪ରେ, ଆଇଏଲଓ ଗଭର୍ଣ୍ଣିଂ ବଡି ରେ ଅଧିକ ଗଣତାନ୍ତ୍ରିକୀକରଣ ପ୍ରସ୍ତାବ ଉପରେ ଆଲୋଚନା ସମୟରେ ଭାରତ ଆଇଏଲଓକୁ ପ୍ରଶଂସା କରିଥିଲା କିନ୍ତୁ ଏହା ସହିତ କେବଳ ଆଇଏଲଓ ନୁହେଁ ବରଂ ଅନ୍ୟ ଜାତିସଂଘ ସଂସ୍ଥାଗୁଡିକରେ ମଧ୍ୟ ପ୍ରଶାସନରେ ବ୍ୟାପକ ସଂସ୍କାର ପାଇଁ ସମର୍ଥନ ଜଣାଇଥିଲା। ଏହି ଅବସରରେ ଭାରତ ଗୁରୁତ୍ୱାରୋପ କରି କହିଛି ଯେ ବିଶ୍ୱସ୍ତରରେ ସାମାଜିକ ନ୍ୟାୟ ଏବଂ ସ୍ଥାୟୀ ତଥା ସମନ୍ୱିତ ବିକାଶର ମିଳିତ ଦୃଷ୍ଟିକୋଣକୁ ପୂରଣ କରିବା ପାଇଁ ମିଳିତ ଜାତିସଂଘର ସଂସ୍ଥାଗୁଡ଼ିକ ଅଧିକ ସମନ୍ୱିତ ଭାବରେ କାର୍ଯ୍ୟ କରିବା ସୁନିଶ୍ଚିତ କରିବ।

## ଭୁବନେଶ୍ୱର ଏମ୍ସର ଦ୍ୱିତୀୟ ବାର୍ଷିକ ଅନୁସନ୍ଧାନ ଦିବସ

### ପ୍ରଥମ ଆଞ୍ଚଳିକ ଅନୁସନ୍ଧାନ କନକ୍ଲେଭ



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ଏମ୍ସ ଭୁବନେଶ୍ୱର ପକ୍ଷରୁ ଏହାର ଦ୍ୱିତୀୟ ବାର୍ଷିକ ଅନୁସନ୍ଧାନ ଦିବସ ଏବଂ ପ୍ରଥମ ଆଞ୍ଚଳିକ ଅନୁସନ୍ଧାନ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗବେଷଣାର ପ୍ରମୁଖତାକୁ ଗୁରୁତ୍ୱ ଦେବା ସହିତ ପ୍ରଥମକରି ଚଳିତ ବର୍ଷ, ଏମ୍ସ ଭୁବନେଶ୍ୱର ପ୍ରଥମ ଆଞ୍ଚଳିକ ଅନୁସନ୍ଧାନ କନକ୍ଲେଭ ଆୟୋଜନ କରିଛି। ଏକାଧିକ ଖ୍ୟାତନାମା ଜାତୀୟ ଓ ଆଞ୍ଚଳିକ ପ୍ରତିଷ୍ଠାନଗୁଡ଼ିକୁ ଏକତ୍ର କରି ଚିକିତ୍ସା ଅନୁସନ୍ଧାନରେ ସହଯୋଗ ବୃଦ୍ଧି ସହିତ ଏକ ସାମୁହିକ ଅନୁସନ୍ଧାନ ସହଭାଗିତା ସୃଷ୍ଟି କରିବାର ସଫଳ ପ୍ରୟାସ କରିଛି ଏମ୍ସ ଭୁବନେଶ୍ୱର। ଏହା ଆଞ୍ଚଳିକ ସ୍ତରରେ ସ୍ୱାସ୍ଥ୍ୟସେବା ଫଳାଫଳକୁ ଗତି ଦେବାରେ ସହାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, ନାଇଜର, ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସ(ଜୀବ ବିଜ୍ଞାନ ପ୍ରତିଷ୍ଠାନ), ଆଇସିଏମଆର-ଆରଏମଆରସି ଭୁବନେଶ୍ୱର, କିଟ୍-ଟିବି ବାୟୋଇନକ୍ୟୁବେଟର, ସୋଆ ବିଶ୍ୱବିଦ୍ୟାଳୟ, ଏସଭିନିରତାର୍, ଏବଂ ହାଇ-ଟେକ୍ ମେଡିକାଲ କଲେଜ ଆଣ୍ଡ ହସପିଟାଲ ସମେତ ପ୍ରମୁଖ ଆଞ୍ଚଳିକ ଅନୁସନ୍ଧାନ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ଜାତୀୟ ତଥା ଆନ୍ତର୍ଜାତୀୟ ଆର୍ଥିକ ଏଜେନ୍ସିଗୁଡିକର ଅନୁସନ୍ଧାନ ଅନୁଦାନରେ ପ୍ରାୟ ୧୫ କୋଟି ଏବଂ ପ୍ରସିଦ୍ଧ ପତ୍ରିକାରେ ଏକ ହଜାରରୁ ଅଧିକ ପ୍ରକାଶନ କରିବାର ଏକ ପ୍ରଭାବଶାଳୀ ରେକର୍ଡ ସହିତ ଏମ୍ସ ଭୁବନେଶ୍ୱର ଡାକ୍ତରୀ ଗବେଷଣାକୁ ଆଗକୁ ନେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଅତିଥି ଏବଂ ଗବେଷକମାନଙ୍କୁ ସ୍ୱାଗତ କରିବା ସହିତ ଡ. ବିଶ୍ୱାସ କହିଥିଲେ ଯେ ଏହି ଜାତୀୟ ଅନୁଷ୍ଠାନରେ ଆଧୁନିକ ବାୟୋଟେକ୍ନୋଲୋଜି ଏବଂ ରୂପାନ୍ତରଣ ସହିତ ଉତ୍ପାଦ ବିକାଶ ଉପରେ ଧ୍ୟାନ ଦେଇ ଏକ ଅତ୍ୟାଧୁନିକ କେନ୍ଦ୍ରୀୟ ଅନୁସନ୍ଧାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଧାନ କ୍ରୟ କମିଟି ବୈଠକ

**ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଧାନ କିଣା • ଚାଷୀଙ୍କୁ ସୂଚନା ଓ ସଚେତନତା ପାଇଁ ପରାମର୍ଶ**



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଧାନ କ୍ରୟ କମିଟି ବୈଠକ ଗତ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡିଶା ଖାଦ୍ୟ ଓ ଯୋଗାଣ ନିଗମର ଅଧ୍ୟକ୍ଷ ଶ୍ରୀ ବୀର ବିକ୍ରମ ଯାଦବ, ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସାକ୍ସେନା, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ଭାରତୀୟ ଖାଦ୍ୟ ନିଗମର ଆଞ୍ଚଳିକ କାର୍ଯ୍ୟାଳୟର ସାଧାରଣ ପରିଚାଳକଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ଧାନ କ୍ରୟ କମିଟି ବୈଠକ ପୂର୍ବରୁ ପ୍ରଥମେ ଖରିଫ ୨୦୨୪-୨୫ ଧାନ କିଣା ପରିଚାଳନାକୁ ସୁବ୍ୟବସ୍ଥା କରାଯିବା ସଂପର୍କରେ ଜିଲ୍ଲାପାଳମାନଙ୍କ ସହିତ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦାନ କରିଥିଲେ। ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡିଶା ଖାଦ୍ୟ ଓ ଯୋଗାଣ ନିଗମର ଅଧ୍ୟକ୍ଷ ଶ୍ରୀ ଯାଦବ ଖରିଫ ୨୦୨୪-୨୫ ଧାନ କିଣା ପରିଚାଳନା ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ। ଗତ ୨୩ ଅକ୍ଟୋବରରେ ରାଜ୍ୟ କ୍ୟାବିନେଟ୍ ଖରିଫ ୨୦୨୪-୨୫ ପାଇଁ ଖାଦ୍ୟ ଶସ୍ୟ କ୍ରୟ ନୀତି ଅନୁମୋଦନ କରିଛନ୍ତି। ଅନୁମୋଦିତ ନୀତି ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଏଥିପାଇଁ ବିକେନ୍ଦ୍ରୀକୃତ ପରିଚାଳନା ମାର୍ଗଦର୍ଶିକା ପଠାଯାଇଛି।

## ମଧ୍ୟାହ୍ନ ଭୋଜନରେ ଖାଲି ଭାତ

### ପ୍ରଧାନ ଶିକ୍ଷକ ନିଲମ୍ବିତ

**ଯାଜପୁର,୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲାର ଦାନଗଦି ବ୍ଲକ ଟୋଲକାନି ଅଞ୍ଚଳର ଝାଡେ଼ଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ କେବଳ ଲୁଣଲଙ୍କା ଦିଆଯିବା ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ। ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ କୁମାର ମହନ୍ତଙ୍କୁ ନିଲମ୍ବନ କରାଯାଇଛି। ଗତକାଲି ଏହି ସ୍କୁଲରେ ମଧ୍ୟାହ୍ନ ଭୋଜନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ କେବଳ ଭାତ ଖାଇବାକୁ ଦିଆଯାଇଥିଲା। ପିଲାମାନେ ତରକାରି ମାଗିବାରୁ ଲୁଣଲଙ୍କା ଲଗେଇ ଖାଇବାକୁ କହିଥିଲେ ଜଣେ ଶିକ୍ଷୟିତ୍ରୀ। କେବଳ ଗତକାଲି ନୁହେଁ, ଗତ ୧୩ ଦିନ ହେବ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଇବାକୁ ଦିଆଯାଉନାହିଁ। ଅନେକ ସମୟରେ ମଧ୍ୟାହ୍ନ ଭୋଜନରେ କେବଳ ବିସ୍କୁଟ ଖାଇବାକୁ ଦିଆଯାଉଛି ତ କେବେକେବେ ମଧ୍ୟାହ୍ନ ଭୋଜନ ରୋଷେଇ ମଧ୍ୟ ହେଉ ନ ଥିବା ଛାତ୍ରଛାତ୍ରୀ କହିଛନ୍ତି। ଗତକାଲିର ଘଟଣା ନେଇ ଅଭିଭାବକଙ୍କଠାରୁ ଖବର ପାଇବା ପରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଓ ସି.ଆର.ସି.ସି ବିଦ୍ୟାଳୟରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏହାର ତଦନ୍ତ କରାଯିବା ପରେ ସରକାରୀ ନିୟମ ଅନୁଯାୟୀ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ। ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି।

## ରାସନ ନ ପାଇବା ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ

- ଅପପୁଷ୍ଟି କଥା କହି ନିଜ ବିଫଳତାକୁ ପ୍ରକାଶ କରିଛି ବିଜେଡି



**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ବ୍ଲକ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଏନେଇ ରାଜ୍ୟ ସରକାର ଚିନ୍ତିତ ଓ ସଚେତନ ଅଛନ୍ତି। ତୁରନ୍ତ ଘଟଣାସ୍ଥଳକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ପଠାଇ ଏହାର ତଦନ୍ତ କରିଛନ୍ତି। ଏହି ଘଟଣାର ତ୍ୱରିତ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ପ୍ରାଥମିକ ତଦନ୍ତ ଅନୁସାରେ ମୃତକ ୨ ଜଣଙ୍କ ସମେତ ଚିକିତ୍ସିତ ହେଉଥିବା ୬ ଜଣଙ୍କୁ ଗତ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଅକ୍ଟୋବର-ଡିସେମ୍ବର ମାସର ରାସନ ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ତେଣୁ ରାସନ ସାମଗ୍ରୀ ନ ପାଇବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ନେତାମାନେ ଏଭଳି ଭିତିହୀନ ଅଭିଯୋଗ କରୁଛନ୍ତି। ୨୪ ବର୍ଷ ଶାସନରେ "ନଗଡ଼ା ଇତିହାସ" ସୃଷ୍ଟି କରିଥିବା ବିଜେଡି ଆଜି ଅପପୃଷ୍ଟି ପ୍ରସଙ୍ଗରେ ବିବୃତି ଦେଇ ନିଜ ବିଫଳତାକୁ ପରିପ୍ରକାଶ କରିଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ ବିବୃତି ଜରିଆରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ତ୍ରିପାଠୀ କହିଛନ୍ତି ଯେ, ବିଜେଡି ଶାସନବେଳେ ଓଡ଼ିଶାରେ ୩୧ ପ୍ରତିଶତ ଶିଶୁ ପୃଷ୍ଟିହୀନତା ଏବଂ ୬୪ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହୋଇଛନ୍ତି। ସେହିପରି ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହୋଇଥିଲେ। ଶିଳ୍ପୋନ୍ନତ ଅନୁଗୋଳରେ ୭୫.୮, ଝାରସୁଗୁଡାରେ ୬୮.୧ ଓ ସମ୍ବଲପୁରରେ ୬୭.୧, ଗଜପତି ୭୭.୪, ରାୟଗଡ଼ା ୭୭.୩, କେନ୍ଦୁଝର ୭୪.୭, ମାଲକାନଗିରି ୭୪.୩, କଳାହାଣ୍ଡି ୭୦.୨, ସୁନ୍ଦରଗଡ଼ରେ ୬୮.୪ଭାଗ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହୋଇ ଏବେବି କଷ୍ଟ ପାଉଛନ୍ତି। ଉତରାଧିକାରୀଭାବେ ବିଜେଡି ସରକାରର ଏଭଳି ଅଲୋଡା ସଫଳତା ଆମକୁ ମିଳିଛି। ବିଜେପି ସରକାରର ଲୋକକଲ୍ୟାଣ କାର୍ଯ୍ୟରେ ବିରୋଧୀ ବିଜେଡି ନେତାମାନେ ଈଷ୍ୱର୍ାନ୍ୱିତ ହୋଇପଡ଼ିଛନ୍ତି। ନିଜ ଦଳର ଅନ୍ତର୍କନ୍ଦଳକୁ ଲୋକଲୋଚନରୁ ଦୁରେଇ ରଖିବା ଉଦ୍ଦେଶ୍ୟରେ ଅଯଥା ବିବୃତିମାନ ଦେଉଛନ୍ତି। ବିଜେଡି ନେତୃବୃନ୍ଦ ଧର୍ଯ୍ୟ ରଖିବା ସହ ଅଶାନ୍ତି ଓ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ କରନ୍ତୁ ବୋଲି ତ୍ରିପାଠୀ କହିଛନ୍ତି। ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

## ଫାଟିଲା ଗ୍ୟାସ ଟାଙ୍କି, ଭୁଶୁଡ଼ିପଡ଼ିଲା ରୋଷେଇ ଘର

**ଢେଙ୍କାନାଳ,୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲାର ପରଜଙ୍ଗ ଥାନା ଆମ୍ବପଳାସ ଗାଁରେ ଏକ ଗ୍ୟାସ ଟାଙ୍କି ଫାଟି ଯିବାରୁ ଜଣେ ବ୍ୟକ୍ତିଙ୍କ ରୋଷେଇ ଘରଟି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେବେ ସୌଭାଗ୍ୟ ବଶତଃ ଏହି ଘଟଣାରେ କେହି ହତାହତ ହୋଇନାହାନ୍ତି। ଗାଁର ସୁବାଷ ମହାପାତ୍ରଙ୍କ ଘରେ ଆଜି ଦ୍ୱିପହରରେ ରୋଷେଇ ଚାଲିଥିବା ହଠାତ୍ ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇ ସେଥିରେ ନିଆଁ ଲାଗିଯାଇଥିଲା। ଅଘଟଣ ଆଶଙ୍କା କରି ଘର ଲୋକେ ବାହାରକୁ ଚାଲି ଯାଇଥିଲେ। ତା' ପରେ ଗ୍ୟାସ ଟାଙ୍କିଟି ଫାଟି ଯାଇଥିଲା। ଫଳରେ ରୋଷେଇ ଘରଟି ଭୁଶୁଡ଼ି ପଡ଼ିଥିଲା। ରୋଷେଇ ଘରର ଇଟା କାନ୍ଥ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିଲା ଓ ଛାତରେ ପଡ଼ିଥିବା ଆଜବେଷ୍ଟସ ଚୁନା ହୋଇଯାଇଥିଲା। ରୋଷେଇ ଘରେ ଥିବା ସମସ୍ତ ସାମଗ୍ରୀ ନଷ୍ଟ ହୋଇଯାଇଛି। ସୁବାଷ ମହାପାତ୍ରଙ୍କ ରୋଷେଇ ଘରଟି ମୁଖ୍ୟ ଘର ଭିତରେ ନଥିଲା। ଏହା ତାଙ୍କ ମୁଖ୍ୟ ଘରକୁ ଲାଗି ବାହାରେ ଥିଲା। ନହେଲେ ଆହୁରି ଅଧିକ କ୍ଷତି ହୋଇଥା'ନ୍ତା ବୋଲି କୁହାଯାଉଛି।



## ଗଙ୍ଗୁଆ କେନାଲରେ ବୁଡ଼ି ଚାଲିଗଲା ଜୀବନ

**ଭୁବନେଶ୍ୱର,୨।୧୧(ସଂଚାର ବ୍ୟୁରୋ):** ଚକେଇସିଆଣି ଗଙ୍ଗୁଆ କେନାଲରେ ଶନିବାର ଏକ ବଡ଼ ଅଘଟଣ ଘଟିଛି। କେନାଲରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଚକେଇସିଆଣି ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, କୌଣସି କାରଣବଶତଃ ଯୁବକ ଜଣକ ଗଙ୍ଗୁଆ କେନାଲରେ ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। କିଛି ସମୟ ପରେ ଅଗ୍ନିଶମ ବାହିନୀ କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସରକାରୀ କଲେଜରେ ବସିବାକୁ ସ୍ଥାନ ନାହିଁ




**ଭୁବନେଶ୍ୱର,୨।୧୧:** ସରକାରୀ କଲେଜରେ ଘରୋଇ ସଂସ୍ଥାର ପାଠପଢ଼ା ଏବେ ଛାତ୍ରଛାତ୍ରୀଙ୍କ ପାଇଁ କାଳ ହେଲାଣି। ଏଥିପାଇଁ ସରକାରୀ କଲେଜରେ ନାମ ଲେଖାଇଥିବା ପିଲାମାନେ ଏବେ ବସିବାକୁ ଟିକେ ସ୍ଥାନ ପାଉନାହାନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାଜଧାନୀ ମହାବିଦ୍ୟାଳୟରେ। ଏଠାରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ କଳା, ବାଣିଜ୍ୟ, ବିଜ୍ଞାନ ସହିତ କେତେକ ବିଷୟରେ ପିଜି, ଧନ୍ଦାମୂଳକ ଶିକ୍ଷା ଏବଂ ଘରୋଇ ସଂସ୍ଥା ଦ୍ୱାରା କମ୍ପ୍ୟୁଟର ବିଜ୍ଞାନ ସହିତ ଅନ୍ୟାନ୍ୟ ପାଠ୍ୟକ୍ରମ ରହିଛି। ତେବେ ଏତେ ସଂଖ୍ୟକ ପିଲାଙ୍କ ପାଇଁ କଲେଜରେ ଶ୍ରେଣୀଗୃହ ନାହିଁ। ମହାବିଦ୍ୟାଳୟରେ ଥିବା ୧୦ଟି ବୃହତ୍ ଗ୍ୟାଲେରୀ ସହିତ ଆଉ କିଛି କୋଠାରୀ ଥିଲେ ମଧ୍ୟ ତାହା ଚାତ୍ରଛାତ୍ରୀଙ୍କ ଲାଗି ଅଭାବ ପଡୁଛି। ଫଳରେ ବର୍ତ୍ତମାନ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଶ୍ରେଣୀଗୃହ ଟିକେ ପାଉନାହାନ୍ତି। ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ମୋଟା ଅଙ୍କର ଅର୍ଥ ଦେବା ସହିତ ସେମାନେ ଆଗତୁରା ଆସି କଲେଜରେ ସ୍ଥାନ ମାଡି ବସୁଛନ୍ତି। ଫଳରେ କଲେଜର ନିଜସ୍ୱ ଛାତ୍ରଛାତ୍ରୀମାନେ ଏବେ ପାଠପଢ଼ିବା ସମୟ ହେଲେ କଲେଜରେ କେଉଁ ଶ୍ରେଣୀଗୃହ ଖାଲି ରହିଛି ତାହା ଖୋଜିବାରେ ଲାଗିଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ପାଇଁ ଚେୟାର ଧରି ଏ କୋଠରୀରୁ ସେ କୋଠରୀ ବୁଲୁଛନ୍ତି। ଏହି ସମସ୍ୟା କେବଳ ରାଜଧାନୀ କଲେଜର ନୁହେଁ, ଅଧିକାଂଶ ସରକାରୀ କଲେଜ ଯେଉଁଠାରେ ଘରୋଇ ସଂସ୍ଥାକୁ ପାଠ୍ୟକ୍ରମ ପରିଚାଳନା ପାଇଁ ଅନୁମତି ମିଳିଛି ସେଠାରେ ଏହା ପରିଲକ୍ଷିତ ହେଉଛି। କଲେଜ ନାଁରେ ନିଜ ବ୍ୟବସାୟ ଚଳାଇଥିବା ଏହି ଶିକ୍ଷା ସଂସ୍ଥାଗୁଡିକର ଭିତ୍ତିଭୂମି ପାଇଁ କୌଣସି ଅବଦାନ ରହୁନଥିବାବେଳେ କଲେଜର ନିଜସ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଏମାନେ ସମସ୍ୟା ଭାବେ ଛିଡା ହେଲେଣି। ବିଶେଷକରି ରାଜଧାନୀ, ବିଜେବି ଭଳି ସରକାରୀ ମହାବିଦ୍ୟାଳୟରେ ଏହି ସମସ୍ୟା ଉତ୍କଟ ହୋଇଛି। ଗତ ଶିକ୍ଷା ବର୍ଷ ଠାରୁ ରାଜ୍ୟ ସରକାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ସ୍ତରରେ ଆସନ ସଂଖ୍ୟା ବୃଦ୍ଧି କରିଥିବାବେଳେ ଭିତ୍ତିଭୂମି ପ୍ରତି ଧ୍ୟାନ ଦେଇ ନାହାନ୍ତି। ସରକାରୀ ମହାବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ପାଇଁ ତୁରନ୍ତ ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ସହିତ ଘରୋଇ ଶିକ୍ଷାସଂସ୍ଥାର ପାଠପଢ଼ାର ତଦାରଖ ପାଇଁ ମତପ୍ରକାଶ ପାଉଛି। (ତଥ୍ୟ)

# ଆତଙ୍କ ପଛରେ ଉଦ୍ଦେଶ୍ୟ

ଗତ କିଛି ଦିନ ହେବ ବିଶେଷ କରି ନିର୍ବାଚନ ପରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେବା ପରେ ଜାମ୍ମୁ-କାଶ୍ମୀରରେ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ପାଇବା ଅନୁଭବ କରାଯାଉଛି। ରାଜ୍ୟରେ ପୁଣି ଟାର୍ଗେଟ କିଲିଂ ଆରମ୍ଭ ହୋଇଛି ଏବଂ ବାହାର ରାଜ୍ୟର ଶ୍ରମିକଙ୍କ ହତ୍ୟା କରାଯାଉଛି। ଏକ ସେନା ବେସ ଉପରେ ମଧ୍ୟ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଡୋଡା ଜିଲ୍ଲାରେ ଏକ ଗାଁ ଭିତରେ ପଶି ଆତଙ୍କବାଦୀମାନେ ଗୁଳି ଚଳାଇ ଭୟର ବାତାବରଣ ସୃଷ୍ଟି କରିବା ସମୟରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୨ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସପ୍ତାହକ ଭିତରେ ଏଭଳି ୪ଟି ଘଟଣା ଘଟିଛି। ଏ ସମସ୍ତ ଆତଙ୍କୀ ହମଲାରେ ସମ୍ପୃକ୍ତ ବ୍ୟକ୍ତିମାନେ ଅନୁପ୍ରବେଶକାରୀ ଏବଂ ସୀମା ଆରପଟୁ ଆସିଥିବା ଜଣାପଡ଼ିଛି। ଏଥିରୁ ପ୍ରମାଣିତ ହେଉଛି ଯେ, ଅନୁପ୍ରବେଶ ରୋକିବାକୁ ଏବେ ସୁଦ୍ଧା ହୋଇଥିବା ପ୍ରୟାସ ଯଥେଷ୍ଟ ନୁହେଁ। ଭାରତ-ପାକିସ୍ତାନ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି। କେନ୍ଦ୍ରରେ ନୂଆ ସରକାର ଗଠନ ପରେ ଆତଙ୍କବାଦୀମାନେ ସକ୍ରିୟ ହେବାର ମୁଖ୍ୟ କାରଣ ହେଲା ସେମାନେ ନିଜ ସ୍ଥିତି ଜାହିର କରିବାକୁ ପ୍ରୟାସ କରୁଛନ୍ତି। ଦ୍ୱିତୀୟରେ ଜାମ୍ମୁ-କାଶ୍ମୀରରେ ଗତ ନିର୍ବାଚନ ବେଳେ ଆତଙ୍କବାଦୀମାନେ କୌଣସି ପ୍ରକାର ବିଶୃଙ୍ଖଳା ବା ହିଂସାକାଣ୍ଡ ସୃଷ୍ଟି କରିବାରେ ସଫଳ ହୋଇ ନାହାନ୍ତି। ନିର୍ବାଚନରେ କାଶ୍ମୀରବାସୀ ଭୟମୁକ୍ତ ହୋଇ ବିପୁଳ ସଂଖ୍ୟାରେ ମତଦାନ କରିଛନ୍ତି। ସେମାନେ ଭାରତୀୟ ସମ୍ବିଧାନ ପ୍ରତି ନିଜର ଦୃଢ଼ ସମର୍ଥନ ଭୋଟ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ଧାରା ୩୭୦ ଉଚ୍ଛେଦକୁ ସେମାନେ ସମର୍ଥନ କରିଛନ୍ତି। ଏଥିରେ ବିଚ୍ଛିନ୍ନତାବାଦୀ ଏବଂ ଦେଶ ବିରୋଧୀ ମାନେ ହତାଶ ଏବଂ ନିରାଶ ହୋଇଛନ୍ତି। ତେଣୁ ସେମାନେ ନିଜ ସ୍ଥିତି ଜାହିର କରିବାକୁ ଏବଂ କାଶ୍ମୀରବାସୀଙ୍କ ମନରେ ଥିବା ଭୟକୁ ବଜାୟ ରଖିବା ନିମନ୍ତେ ଏଭଳି ହିଂସାକାଣ୍ଡ କରୁଛନ୍ତି। ତେବେ ସୁଖର କଥା, କାଶ୍ମୀରବାସୀ ସାହସର ସହିତ ଆତଙ୍କବାଦୀଙ୍କ ମୁକାବିଲା କରିଛନ୍ତି। ଡୋଡା ଜିଲ୍ଲାର ଏକ ଗ୍ରାମରେ ଆତଙ୍କବାଦୀମାନେ ଲୋକଙ୍କୁ ଭୟଭୀତ କରିବାକୁ ପ୍ରୟାସ କରୁଥିବା ବେଳେ ଗ୍ରାମବାସୀମାନେ ଏହାର ଜବାବ ଦେଇଥିଲେ ଏବଂ ଆତଙ୍କବାଦୀଙ୍କ ଅନୁପ୍ରବେଶ ସମ୍ପର୍କରେ ତତ୍କାଳ ସୁରକ୍ଷା ବାହିନୀକୁ ଖବର ଦେଇଥିଲେ। ସୁରକ୍ଷା କର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ଏଥିରୁ ପ୍ରମାଣିତ ହେଉଛି ଯେ, ଆତଙ୍କବାଦୀଙ୍କ ପ୍ରତି ଜନସମର୍ଥନ ନାହିଁ। କାଶ୍ମୀରବାସୀ ଶାନ୍ତିରେ ରହିବାକୁ ଚାହୁଁଛନ୍ତି। ହିଂସା ନୁହେଁ ସେମାନେ ବିକାଶ ଚାହୁଁଛନ୍ତି। ମଧ୍ୟଯୁଗୀୟ ବ୍ୟବସ୍ଥା, ତାଲିବାନୀ ଚିନ୍ତାଧାରାରୁ ବାହାରି ସେମାନେ ଏକ ଆଧୁନୀକ ଏବଂ ସଭ୍ୟ ଜୀବନ ବିତାଇବାକୁ ଚାହାଁନ୍ତି। ଲୋକସଭା ନିର୍ବାଚନରେ ବିପୁଳ ମତଦାନ କରି ସେମାନେ ଗଣତନ୍ତ୍ର ଉପରେ ସେମାନଙ୍କର ଆସ୍ଥା ଏବଂ ବିଶ୍ୱାସ ପ୍ରମାଣିତ କରିଛନ୍ତି। ପାକିସ୍ତାନ ଏବଂ ଭାରତ ବିରୋଧୀ ଦେଶମାନଙ୍କ ପାଇଁ ଏହାକୁ ଚେତାବନୀ। ସମଗ୍ର ବିଶ୍ୱବାସୀଙ୍କୁ କାଶ୍ମୀରବାସୀ ସେମାନଙ୍କର ସନ୍ଦେଶ ପଠାଇଛନ୍ତି। କାଶ୍ମୀରବାସୀ ଭାରତୀୟ, ଜାମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେମାନେ ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ଏବେ ଭାରତ ସରକାରଙ୍କ କର୍ତ୍ତବ୍ୟ କାଶ୍ମୀରବାସୀଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ଆତଙ୍କବାଦୀଙ୍କୁ ନିପାତ କରିବା। ଆତଙ୍କବାଦୀଙ୍କ ଉଦ୍ଦେଶ୍ୟକୁ ପଣ୍ଡ କରାଯିବା ଉଚିତ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଗୋଟିଏ ବଡ଼ ସଫଳତା ହେଲା ଦେଶରେ ଆତଙ୍କବାଦ ଏବଂ ମାଓବାଦର ଦୃଢ଼ ମୁକାବିଲା। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ସହ କାଶ୍ମୀର ପରିସ୍ଥିତିରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ ଏବଂ ଆତଙ୍କବାଦ ଦମନ ଲାଗି କ୍ରମାଗତ ପ୍ରୟାସ ଯୋଗୁଁ ଉପତ୍ୟକାରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ମାତ୍ରାରେ କମିଛି। ନିକଟରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିପୁଳ ମତଦାନ ପ୍ରମାଣ କରୁଛି ଯେ, କାଶ୍ମୀରବାସୀ ଦେଶର ମୁଖ୍ୟସ୍ରୋତରେ ଅଛନ୍ତି। ଦେଶର ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। କାଶ୍ମୀରରେ ସୁରକ୍ଷା ବାହିନୀ ଉପରକୁ ଟେକା ପଥର ମାଡ଼ ଏବେ ଇତିହାସ। ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁଁ। ଏଥିରେ ବିଚଳିତ ହୋଇ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତିକୁ ସେ ଦୋହରାଇଛନ୍ତି। ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କୁ ଉପଯୁକ୍ତ ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଧିକାଂଶ ହେଉଛନ୍ତି ଅନୁପ୍ରବେଶକାରୀ ବିଦେଶୀ ନାଗରିକ। ତେଣୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ଦମନ ଲାଗି ପ୍ରଥମେ ଅନୁପ୍ରବେଶକୁ ରୋକାଯିବା ଜରୁରୀ। ଏଥିଲାଗି ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ସେହିପରି ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଅତୀତରେ କାଶ୍ମୀର ଉପତ୍ୟକାରେ ସୁରକ୍ଷା ବାହିନୀକୁ ଏଭଳି ସହଯୋଗ ମିଳୁନଥିଲା। ସାଧାରଣ ଜନତା ସ୍ୱଇଚ୍ଛାରେ ହେଉ ବା ବାଧ୍ୟବାଧକତାରେ ହେଉ ଆତଙ୍କବାଦୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଏବେ ସେ ପରିସ୍ଥିତିରେ ପରିବର୍ତ୍ତନ ଆସିଛି। କାଶ୍ମୀରବାସୀ ଏବେ ସୁରକ୍ଷାବାହିନୀକୁ ସହାୟତାର ହାତ ବଢ଼ାଉଛନ୍ତି। ଆତଙ୍କବାଦକୁ ସମୂଳେ ନିପାତ କରିବାକୁ ଏବେ ସୁବର୍ଣ୍ଣ ସୁଯୋଗ।

## ସମ୍ପାଦକଙ୍କୁ ପତ୍ର

### ଆନ୍ଦୋଳନରେ ବିରାମ ଲାଗୁ

ମହାଶୟ,

ଗଣତନ୍ତ୍ରରେ ପ୍ରତିବାଦର ସ୍ୱର ଉଠାଇବା ନାଗରିକର ମୌଳିକ ଅଧିକାର। ନିଜ ଦାବି ବା ହକ୍ ଲଢ଼େଇ କରିବା ମଧ୍ୟ ନାଗରିକର ସାମ୍ବିଧାନିକ ଅଧିକାର। ଆମେ ଯାହାକୁ ନିଜର ପ୍ରତିନିଧି ଭାବେ ଚୟନ କରିଛୁ ଏବଂ ଯାହାକୁ ସରକାର ଗଠନ କରିବାର ସୁଯୋଗ ଦେଇଛୁ, ତା ନିକଟରୁ ଆମ ସମସ୍ୟାର ସମାଧାନ ମଧ୍ୟ ଆଶା କରିବା ଅନୁଚିତ ନୁହେଁ। କିନ୍ତୁ ସବୁ ବେଳେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲଢ଼େଇ କରିବା ପରିବର୍ତ୍ତେ ସାମୁହିକ ସ୍ୱାର୍ଥକୁ , ଦେଶର ବୃହତ୍ତର ସ୍ୱାର୍ଥ ପ୍ରତି ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏବେ ଦେଶରେ ସବୁ ବର୍ଗର ଲୋକେ ଶ୍ରମିକ, କୃଷକ, କର୍ମଚାରୀ, ଛାତ୍ର, ଶିକ୍ଷକ ସମସ୍ତେ ନିଜ ନିଜ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା କଥା ବିଚାର କରାଯାଉ। ବିଧାନସଭା ଅଧିବେଶନ ବସିବା ମାତ୍ରେ ରାଜଧାନୀର ମହାତ୍ମା ଗାନ୍ଧି ମାର୍ଗ ଆନ୍ଦୋଳନକାରୀଙ୍କ କବଜାକୁ ଚାଲିଯାଉଛି। ଧାରଣା, ବିକ୍ଷୋଭ ପ୍ରଦର୍ଶନର ଏହା ଏକ ପେଣ୍ଠ ପାଲଟିଛି। ଅନେକ ସମୟରେ ଏହା ରାଜଧାନୀବାସୀଙ୍କ ଜୀବନ ଦୁର୍ବିସହ କରି ଦେଉଛି। ଏବେ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ଏକ ନୂଆ ସରକାର ଗଠିତ ହୋଇଛି। ସରକାରଙ୍କୁ ସବୁ କଥା ଠିକ ଭାବେ ବୁଝିବାକୁ ୬ ମାସ ସମୟ ଦିଆଯାଉ। ଦାବି ହାସଲ ନିମନ୍ତେ ଆନ୍ଦୋଳନ ଏକମାତ୍ର ପନ୍ଥା ନୁହେଁ, ଗଣମାଧ୍ୟମ ଜରିଆରେ ନିଜର ଅଭିବ୍ୟକ୍ତି କରାଯାଇପାରେ। ଦେଶର ଏବଂ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ କିଛି ବର୍ଷ ପାଇଁ ବନ୍ଦ ହେବା ଉଚିତ।

ସୁରେଶ ଚୌଧୁରୀ, ଭଞ୍ଜନଗର, ଗଞ୍ଜାମ

# ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରାଘାତ



**ଆଶୁତୋଷ ନାୟକ**




ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡ଼ିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ। କ୍ଷମତାପିପାସୁ ରାଜନେତା ମାନେ ନିଜର ରାଜନୀତିକ ସ୍ୱାର୍ଥ ଏବଂ କ୍ଷମତା ହାସଲ ପାଇଁ ସମସ୍ତ ନୀତି, ନିୟମ, ନୈତିକତା କୁ ଜଳାଞ୍ଜଳି ଦେଇ ଅତ୍ୟନ୍ତ ସଂକୀର୍ଣ୍ଣ ହୀନ ରାଜନୀତି କରୁଛନ୍ତି। ଏହା ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଅଶୁଭନୀୟ ଏବଂ ବିପଜ୍ଜନକ। ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାରେ ଲାଗିଛି। କ୍ଷମତା ପାଇଁ ଯେକୌଣସି କର୍ମ କରିବା ପାଇଁ ପ୍ରସ୍ତୁତ ଏକବିଂଶ ଶତାବ୍ଦୀ ର ରାଜନେତା। ସ୍ୱାଧୀନତା ପୂର୍ବର ରାଜନେତା ଏବଂ ଏକବିଂଶ ଶତାବ୍ଦୀ ର ରାଜନେତା ମଧ୍ୟରେ ଆକାଶ ପାତାଳ ଫରକ ପ୍ରତୀୟମାନ ହେଉଛି। କ୍ଷମତା ପିପାସୁ ରାଜନେତା ଯେଉଁମାନେ ଏହିଭଳି ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି ଏହା ଭବିଷ୍ୟତ ରେ ସେମାନଙ୍କ ପାଇଁ ଘାତକ ସାଜିବ ଓ ପତନର କାରଣ ହେବ। ଆଜିର ରାଜନେତା ମାନଙ୍କର ଏତାଦୃଶ କାର୍ଯ୍ୟ ରୁଗ୍ଣ ମାନସିକତା ଏବଂ କୁତ୍ସିତ ଚିନ୍ତାଧାରା ରେ ଏହା ଅନ୍ତର୍ଭୁକ୍ତ।

ଆମ ଦେଶ ତଥା ଆମ ଦେଶ ବାହାରେ ରହୁଥିବା ଅଗଣିତ ହିନ୍ଦୁଙ୍କ ଧାର୍ମିକ ଭାବନା କୁ ଏହିଭଳି ଘଟଣା ଗଭୀର ଆଘାତ ଦେଇଛି। ଗତ ଶନିବାର ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ସନାତନ ଧର୍ମ କୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଚିଠି ଲେଖିଛନ୍ତି। ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ। ସେଥିପାଇଁ ତାଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକଜ୍ଜ୍ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି। ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛିକିଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି।

ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି। ଚେନ୍ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ। ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି। ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା। ଏଥିରେ ହିଂସାର କୌଣସି ସ୍ଥାନ ନାହିଁ। 'ବସୁଧୈବ କୁଟମ୍ବକମ' ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ। ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ। ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତା ରେ ଏହାର ଯଥେଷ୍ଟ ପ୍ରଣାମ ରହିଛି। ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ। ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱ ର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି

'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ।

ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ।

ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ।

ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ।

ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର।

ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ।

ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ।'

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯ୍ୟାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ। ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି।କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି।

ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟ ରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି। ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ। ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା। ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ-ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି 'ଦିନ -ଇ -ଇଲାହି' ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ। ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ' ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ। ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ। କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତ ରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ। ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ। ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ। ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ। ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ର ର ଉନ୍ନତି ଅସମ୍ଭବ।

ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତ ଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ। ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସମର୍ଗ ବସୁଧା ହେଉଛି ଗୋଟିଏ କୁଟୁମ୍ବ। ଏହି ମହାନ ବାଣୀ କୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟା ର ସମାଧାନ ସହଜରେ ହୋଇପାରିବ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ୍: ୭୦୨୦୬୧୧୩୦୦

# ସମୟ ସହ ଖେଳିବା ଶିଖ



**ସରୋଜ କୁମାର ବାରିକ**


ଆମେମାନେ ସମସ୍ତେ ଛୋଟବେଳୁ ବିଭିନ୍ନ ପ୍ରକାରର ଖେଳ ଖେଳିଛେ। ହେଲେ ସମୟ ସହ କେହି ଖେଳ ଖେଳିପାରେନି ଆଉ ଯଦି ସମୟ କାହା ସହ ଖେଳିବା ଆରମ୍ଭ କରିଦିଏ ସେତେବେଳେ ବ୍ୟକ୍ତିଟିର ଭାଗ୍ୟ ବଦଳିଯାଏ। ମଣିଷ ଧନୀରୁ ଗରିବ ହୋଇଯାଏ ଆଉ ଗରିବରୁ ଧନୀ ମଧ୍ୟ ହୋଇଯାଏ। ତେଣୁ ଆପଣମାନେ ଏଥିରୁ ନିଶ୍ଚିନ୍ତ ହୋଇଯାଆନ୍ତୁ ଯେ ସମୟକୁ ସମସ୍ତେ ଅପେକ୍ଷା କରନ୍ତି କିନ୍ତୁ ସମୟ କାହାକୁ ଅପେକ୍ଷା କରେନି। ସମୟ ସରିବା ପୂର୍ବରୁ ସମୟର ସଦୁପଯୋଗ କରନ୍ତୁ। ସମୟର ଦୂରୁପୋଯୋଗ କଲେ ଆପଣଙ୍କୁ ଆଉ ସେହି ସମୟ ମିଳିବନି ଯେଉଁ ସମୟକୁ ଆପଣ ଅପେକ୍ଷା କରୁଛନ୍ତି। ସମୟ କାହାକୁ ଯଦି ଅପେକ୍ଷା କରେନି ମଣିଷ ତା କର୍ମ ସଠିକ ସମୟରେ କଲେ ଫଳ ଭଲ ମିଳିଥାଏ। ସମୟର ଦୂରୁପୋଯୋଗ କଲେ କର୍ମର ଫଳ ଖରାପ ମିଳିଥାଏ। ଯେଉଁ ମଣିଷ ନିଜକୁ ଠକେ ସେ କେବେ ସମୟକୁ ଠକି ପାରେନି ସେଥିପାଇଁ ଲୋକେ କୁହନ୍ତି ସବୁ ସମୟ ସମୟର ଖେଳ। ଆଜି ଯିଏ ଧନୀ କାଲିକୁ ସେ ଗରିବ। ଆଉ ଆଜି ଯିଏ ଗରିବ କାଲିକୁ ସେ ଧନୀ।

ତେବେ ଅନେକ ସମୟରେ ଖରାପ ସମୟ ମଣିଷକୁ ଶିକ୍ଷା ଦେଇଥାଏ ସେ କେଉଁ କାରଣ ପାଇଁ ଏତେ ଖରାପ ଅବସ୍ଥାରେ ଅଛି ଆଉ ଭଲ ସମୟ ମନେପକେଇ ଦିଏ ତା କଷ୍ଟର କାହାଣୀ। କେବେ ଶୂନଶାନ ରାତିରେ ଆଖି ଲୁହରେ ତକିଆ ଭିଜେ ତ ଆଉ କେବେ ସାଧା କାଗଜ ଉପରେ କଲମର ଦାଗ କମ ରହିଲେ ଲୁହର ଦାଗ ବେଶି ରହିଥାଏ କାରଣ ଏ ମଣିଷ ଅନୁଭବ କରିଥାଏ ତା ଯନ୍ତ୍ରଣା ପଛରେ କେତେ କାହାଣୀ ଏ ସମୟ ତାଳରେ ନିଜ ହୃଦୟ ଭିତରେ ଚାପି ରଖିଥାଏ। ଭଲ ସମୟରେ ସମସ୍ତେ ନିଜର ଖରାପ ସମୟରେ କେହି ନୁହେଁ ଏଠି କାହାର। ବାବୁ ହେଲେ ଏଠି ଆଜ୍ଞା ଆପଣ। ସାଧାରଣ ମଣିଷଟିଏ ହେଲେ ତୁ କିଏ ବେ ମୋର। ସମୟ ସହ ପରିଚୟ ଯେତେ ବଢ଼ିବ ଅନେକ ସମ୍ପର୍କୀୟଙ୍କ ସହ ସମ୍ପର୍କ ଯୋଡି ହୋଇଯିବ ଆଉ ଯଦି ଟିକେ ଖରାପ ସମୟ ଆସିବ ଏ ସମ୍ପର୍କ ମଧ୍ୟ କିଛି କ୍ଷଣରେ ଚୁନା ହୋଇଯିବ। ବେଳେବେଳେ ଏମିତି ଲାଗିବ ଏ ସମୟ କାହିଁକି ସରୁଛି ହଜିଲା ଦିନର କଥା ଭାରି ମନେ ପଡୁଛି। ହେଲେ ସମୟ ସରିବା ତା ଧର୍ମ। ଆଜି ବାରଟାରୁ ଆସନ୍ତାକାଲି ବାରଟା ଭିତରେ ନଥାଏ କିଛି ଫରକ। ଫରକ ଥାଏ କେବଳ ଏତିକି କାଲିର କଥା ଆଜିକୁ ଆସେନା ଆଜିର କଥା କାଲିକୁ ଫେରେନା। କଥା ଯଦି ପ୍ରଶ୍ନବାଣ ସମୟ ଦେଇଥାଏ ଅପମାନ, ମାନସମ୍ମାନ। ଭଲ କଥା କହିଲେ ମାନସମ୍ମାନ ମିଳେ ଖରାପ କଥା କହିଲେ ଅପମାନ ମିଳେ।

ସମୟ ହେଉଛି ଶ୍ରେଷ୍ଠ ବିଚାରପତି। ସମୟ ବିନା ନାହିଁ କିଛି ଗତି। ଗଡିଯାଉଥିବା ସମୟକୁ ଯେବେ ପଚାରିବ ଆସନ୍ତାକାଲି କେବେ ଆସିବ ସମୟ କହିବ ରାତି ପାହିଲେ ସକାଳ ହେବ ପୁଣି ଏହି ସମୟ ଆରମ୍ଭ ହେବ ତୋ କଲା କର୍ମର ଫଳ ତୋତେ ନିଶ୍ଚିନ୍ତ ମିଳିବ।

ବରିଷ୍ଠ ସାମ୍ବାଦିକ

# ଆଧୁନିକ ଚାକଚକ୍ୟ ଭିତରେ ସାଇକେଲ ଭୂମିକା



**ଦିପ୍ତିମୟୀ ନାୟକ**



ଆଧୁନିକ ଯୁଗରେ ଅନେକ ଯାନବାହାନ ଉଦ୍ଭାବନ ହେଲାଣି। ଗାଁ ଗହଳିର ଚାକଚକ୍ୟ ଭିତରେ ସହରୀ ଢାଞ୍ଚାରେ ନିଜ ବେସ ପୋଷାକ ମଧ୍ୟ ବଦଳି ଗଲାଣି କିନ୍ତୁ ଏବେ ଯେଉଁ ସବୁ ଯାନବାହାନ ଅଛି ହୁଏତ ପେଟ୍ରୋଲରେ ଚାଲିପାରେ କିନ୍ତୁ ସାଇକେଲ ଏକମାତ୍ର ଯାନ ଯିଏକି ବିନା ପେଟ୍ରୋଲରେ ଦିଲ୍ଲୀ ଠାରୁ ପଲ୍ଲୀ ଯାଏଁ ବୁଲି ଆସେ। ତେବେ ଏହି ସାଇକେଲକୁ କେହି କେହି ବାଇସାଇକେଲ ମଧ୍ୟ କହିଥାନ୍ତି। ଏହା ଦୁଇଚକିଆ ଯାନ ଏହାକୁ ମଧ୍ୟ ଓଡ଼ିଆରେ କୁହାଯାଏ ଶୁନ ଗାଡି।ଭାରତରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ସାଇକେଲର ବ୍ୟବହାର ବୃଦ୍ଧି ପାଇଥିଲା।

ଏହି ସାଇକେଲ ସର୍ବପ୍ରଥମେ ୧୭୯୧ ମସିହାରେ ଫ୍ରାନ୍ସର ନାଗରିକ କୋମେଟ ମେଡ଼େ ଡି ସିଭରାକ ନିର୍ମାଣ କରିଥିଲେ।ସେହି ସାଇକେଲର ସିଟ ବହୁତ ଉଚ୍ଚରେ ଥିଲା ଏବଂ ପେଡାଲ ନଥିଲା ଲୋକମାନେ ନିଜ ଗୋଡ଼ରେ ଠେଲି ଠେଲି ଚଲାଉଥିଲେ। ଲୋକମାନେ ପ୍ରଥମ ଥର ପାଇଁ ପ୍ୟାରିସରେ ୧୮୧୮ ମସିହାରେ ଆୟୋଜିତ ଏକ ପ୍ରଦର୍ଶନୀରେ ଏହି ଅଦ୍ଭୁତ ସାଇକେଲକୁ ଦେଖିବାକୁ ସୁଯୋଗ ପାଇଥିଲେ କିନ୍ତୁ ଲୋକ ପ୍ରିୟତା ହାସଲ କରିନଥିଲା। କ୍ରମଶଃ ୧୮୩୯ ମସିହାରେ ସାଇକେଲ ନିର୍ମାଣରେ ବହୁତ ପରିବର୍ତ୍ତନ ଆସିଯାଇଥିଲା।କାରଣ ସ୍କଟଲ୍ୟାଣ୍ଡର ଜଣେ ଲୁହାର ସାଇକେଲ ଏବଂ ଆଗ ଚକରେ ପେଡାଲ ଲଗାଇଥିଲେ ଯାହା ଲୋକମାନଙ୍କୁ ଖୁବ ଆକର୍ଷଣ କରିଥିଲା।

ସେତେବେଳେ ସାଇକେଲକୁ ପରିବହନ କ୍ଷେତ୍ରରେ ଲଗାଯାଉଥିଲା ଏବଂ ଏହା ଲୋକଙ୍କୁ ଗୋଟେ ଜାଗାକୁ ଅନ୍ୟ ଜାଗାରେ ପଂହଁଚିବାକୁ ବହୁତ କମ ସମୟ ଲାଗୁଥିଲା। ବିଭିନ୍ନ ନିର୍ମାତାମାନେ ସାଇକେଲକୁ ବିକଶିତ କରିବା ପାଇଁ ଅନେକ ପ୍ରଚେଷ୍ଟା କରିଥିଲେ ତେବେ ୧୮୬୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ମାନଙ୍କରେ ସାଇକେଲ ଦେଖିବାକୁ ମିଳିଥିଲା।ସେତେବେଳେ ସାଇକେଲ ହିଁ ଏକମାତ୍ର ମାଧ୍ୟମ ଥିଲା ଯିଏ କି ଦ୍ରୁତ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଲା।ମହିଳାମାନେ ଆତ୍ମନିର୍ଭରଶୀଳ ଓ ଗତିଶୀଳ ହୋଇଥିଲେ ଏବଂ ଗରିବ ଲୋକମାନେ ମଧ୍ୟ ସାଇକେଲ ଚଲେଇ ଚଲେଇ ଦୂର ଜାଗାକୁ ଯାଇପାରୁଥିଲେ।

ସେତେବେଳେ ସାଇକେଲ ହିଁ ଏକମାତ୍ର ମାଧ୍ୟମ ଥିଲା ଯିଏ କି ଦୂର ଜାଗା ଭ୍ରମଣ କରି ମଧ୍ୟ ଠିକ ସମୟରେ ନିଜ ଘରେ ପଂହଁଚି ପାରୁଥିଲେ।କିନ୍ତୁ ଆଜିର ସମାଜରେ ନିଜ ଆବଶ୍ୟକତାକୁ ନେଇ ଆମେ ବିଭିନ୍ନ ଗାଡି ମଟର ସାଇକେଲ କିଣିଲେଣି ଏବଂ ଆଗ କାଳର ଯେଉଁ ସାଇକେଲ ଆମର ଏକ ଭରଷା ଥିଲା ତାହା ଏବେ ଲୋକ ପ୍ରିୟତା କମାଇବାକୁ ବସିଲାଣି। ପେଟ୍ରୋଲରେ ସବୁ ଗାଡି ମଟର ଚାଲେ ଅର୍ଥ ବିନିମୟ ହୁଏ କିନ୍ତୁ ସାଇକେଲ ଚଲାଇବା ଦ୍ୱାରା ନିଜର ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ମଣିଷର ମାଂସପେଶୀକୁ ଶକ୍ତି ଯୋଗାଇଥାଏ ଏବଂ ବିନା ପେଟ୍ରୋଲରେ ବହୁ ଦୂରକୁ ଯାଇହୁଏ।କିନ୍ତୁ ତାହା ଏବେ ଲୁପ୍ତ ଅବସ୍ଥାରେ କାରଣ ଆମକୁ ସାଇକେଲ ନୁହେଁ ବଡ଼ ବଡ଼ ଗାଡିଘୋଡା ଦରକାର।

ସମସ୍ତେ ସବୁବେଳେ ବଡ଼ ବଡ଼ ଗାଡ଼ିଘୋଡାରେ ବସି ସହର ବୁଲୁଥିବେ କିନ୍ତୁ ସାଇକେଲର ଆବଶ୍ୟକତାକୁ ଭୁଲି ଯାଇଥିବେ। ଯଦି କେହିବି ତାଙ୍କ ଆଗରେ ସାଇକେଲ ନେଇକି କିଏ କୁଆଡେ ଯାଉଥିବେ ସେମାନେ ଆଜିର ଆଧୁନିକ ଯୁଗର କଥା କହି ସେମାନଙ୍କର ମଜାକ ଉଡାଉଥିବେ।କେୱଳ ନିଜର ଆବଶ୍ୟତାକୁ ଦେଖିଲେ ହେବନି ତାହାର ଗୁରୁତ୍ୱ ବୁଝିବା ଦରକାର। ସୌକ ଥାଏ ସମସ୍ତଙ୍କର ବଡ଼ ଗାଡ଼ିରେ ବସିବେ କିନ୍ତୁ ନିଜ ସୌକ ଭିତରେ ଆମର ସାଇକେଲ ହିଁ ଏକମାତ୍ର ଯାନ ଥିଲା ତାକୁ କିଏ ଆଉ କେତେ ଥର ବୁଝେଇବେ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

## ଅଣନିଶ୍ୱାସୀ ଦିଲ୍ଲୀ

# ପ୍ରାୟ ୭୦% ପରିବାର ପ୍ରଦୂଷଣ ଜନିତ ରୋଗରେ ପୀଡ଼ିତ



**ଶ୍ରୀନଗର, ୨।୧୧:** ଦିଲ୍ଲୀରେ ଅଣନିଶ୍ୱାସୀ ଲୋକେ। ଦୀପାବଳି ପରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ପାଲଟିଛି ଜାତୀୟ ରାଜଧାନୀ। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ବାୟୁ ଗୁଣବତ୍ତା ଦିନକୁ ଦିନ ଅଧିକ ଖରାପ ହେଉଥିବାରୁ ଏଥିରେ ପ୍ରତି ୧୦ ପରିବାରରୁ ପ୍ରାୟ ୭ ପରିବାର ପ୍ରଭାବିତ। ଦିଲ୍ଲୀ-ଏନସିଆର ଅଞ୍ଚଳରେ ୬୯ ପ୍ରତିଶତ ପରିବାର ଗଳା ଯନ୍ତ୍ରଣା ଏବଂ କାଶ ଭଳି ପ୍ରଦୂଷଣ ଜନିତ ରୋଗରେ ପୀଡିତ ଅଛନ୍ତି। ଜାତୀୟ ରାଜଧାନୀରେ ଦୀପାବଳି ରାତିରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସର୍ବାଧିକ ୯୯୯ରେ ପହଞ୍ଚିଛି। ଯାହା ଏବର୍ଷର ସବୁଠାରୁ ଅଧିକ ବୋଲି କୁହାଯାଉଛି। ଡିଜିଟାଲ୍ ପ୍ଲାଟଫର୍ମ 'ଲୋକାଲ୍ ସର୍କଲ୍' ଦ୍ୱାରା କରାଯାଇଥିବା ଏହି ସର୍ବେକ୍ଷଣରେ ଦିଲ୍ଲୀ-ଏନସିଆରର ପ୍ରାୟ ୨୧ ହଜାରରୁ ଅଧିକ ଲୋକଙ୍କ ପ୍ରତିକ୍ରିୟା ସଂଗ୍ରହ କରାଯାଇଥିଲା। ଏହି ସର୍ବେକ୍ଷଣରୁ ଜଣାପଡିଛି ଯେ ବାୟୁ ପ୍ରଦୂଷଣ ବୃଦ୍ଧି ହେତୁ ୬୨ ପ୍ରତିଶତ ପରିବାରରେ ଏକାଧିକ ସଦସ୍ୟଙ୍କ ଆଖିରେ ଜଳାପୋଡ଼ା ହେଉଛି, ସେହିଭଳି ୪୬ ପ୍ରତିଶତ ପରିବାରରେ ସଦସ୍ୟଙ୍କର ନାକ ବନ୍ଦ ହୋଇ ଶ୍ୱାସକ୍ରିୟାରେ ସମସ୍ୟା ହେଉଥିବା ଜଣାପଡ଼ିଛି।

ସର୍ବେକ୍ଷଣରେ ସାମିଲ ଥିବା ୩୧ ପ୍ରତିଶତ ଲୋକ ଶ୍ୱାସକ୍ରିୟା ନେବାରେ ଅସୁବିଧା କିମ୍ବା ଶ୍ୱାସରୋଗରେ ପୀଡ଼ିତ ଥିବା କହିଥିବାବେଳେ ଅନ୍ୟ ୩୧ ପ୍ରତିଶତ ଲୋକ ସବୁବେଳେ ମୁଣ୍ଡବିନ୍ଧା ହେଉଥିବା କହିଛନ୍ତି। ପ୍ରାୟ ୨୩ ପ୍ରତିଶତ କୌଣସି କାର୍ଯ୍ୟରେ ଧ୍ୟାନ ଦେବାରେ ଅସୁବିଧା ଅନୁଭବ କରୁଥିବାବେଳେ ୧୫ ପ୍ରତିଶତ ଶୋଇବାରେ ଅସୁବିଧା ଦର୍ଶାଇଛନ୍ତି। ତଥାପି, ୩୧ ପ୍ରତିଶତ ସୂଚାଇ ଦେଇଛନ୍ତି ଯେ ସେମାନେ କିମ୍ବା ସେମାନଙ୍କ ପରିବାର ସଦସ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରଦୂଷଣ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇନାହାଁନ୍ତି। ଏହି ସର୍ବେକ୍ଷଣରେ କୁହାଯାଇଛି, "ଅନେକ ଲୋକ କାଶ, ଥଣ୍ଡା ଏବଂ କ୍ରନିକ ଅବଷ୍ଟ୍ରକ୍ଟିଭ ଫୁସଫୁସ ରୋଗ (ସିଓପିଡି) ଭଳି ଶ୍ୱାସ ସମ୍ବନ୍ଧୀୟ ରୋଗରେ ପୀଡିତ ଅଛନ୍ତି। ଦୀପାବଳି ପରେ ବିପଜ୍ଜନକ ଏକ୍ୟୁଆଇ ସ୍ତର ସହିତ ସେମାନଙ୍କ ଅବସ୍ଥା ଆହୁରି ଖରାପ ହେବାର ସମ୍ଭାବନା ରହିଛି।"



# ଅନନ୍ତନାଗରେ ଏନ୍‌କାଉଣ୍ଟର ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨।୧୧:** ଜମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ସୁରକ୍ଷା ବାହିନୀର ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସୁରକ୍ଷା ବାହିନୀ ଜିଲ୍ଲାର କଚ୍‌ୱାନ ଅଞ୍ଚଳରେ ଆତଙ୍କବାଦୀ ବିରୋଧୀ ଅପରେସନ ଚଳାଇଥିବା ବେଳେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଏହି ଅଞ୍ଚଳର ଜଙ୍ଗଲରେ କିଛି ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇବା ପରେ ଜାମ୍ମୁ କାଶ୍ମୀର ପୋଲିସ, ସେନା ଏବଂ ସିଆରପିଏଫ୍ ଦ୍ୱାରା ମିଳିତ ଅପରେସନ୍ ଆରମ୍ଭ କରାଯାଇଥିଲା। ଯେତେବେଳେ ମିଳିତ ସୁରକ୍ଷା ବାହିନୀ ସନ୍ଦିଗ୍ଧ ଅଞ୍ଚଳ ଆଡ଼କୁ ଯାଇଥିଲେ, ସେଠାରେ ଲୁଚି ରହିଥିବା ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ମଧ୍ୟ ଏହାର କଡ଼ା ଜବାବ ଦେଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ସୁରକ୍ଷା ଏଜେନ୍ସିର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ ଶାଂଗସ୍ ଲାର୍ନୁ ଜଙ୍ଗଲରେ ଏହି ଅପରେସନ୍ ଚାଲିଛି ଏବଂ ଏପର୍ଯ୍ୟନ୍ତ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

ସେନାର ସୂଚନାନୁସାରେ, ନିହତ ହୋଇଥିବା ଆତଙ୍କବାଦୀ ଶାଂଗସର ଟେରିଟୋରାଲ୍ ଆର୍ମି ହିଲାଲ ଅହମ୍ମଦଙ୍କ ହତ୍ୟାରେ ସମ୍ପୃକ୍ତ ଥିଲେ। କୁହାଯାଉଛି ଯେ ଗତ ୧୨ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ତିନୋଟି ଆତଙ୍କବାଦୀ ସମ୍ବନ୍ଧୀୟ ଘଟଣା ଘଟିଲାଣି। ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

## ଭୂକମ୍ପ ଝଟକାରେ ଥରିଲା ଝାଡ଼ଖଣ୍ଡ

**ରାଞ୍ଚି, ୨।୧୧:** ଭୂକମ୍ପ ଝଟକାରେ ଥରିଲା ଝାଡ଼ଖଣ୍ଡ । ଆଜି ଶକାଳେ ଝାଡ଼ଖଣ୍ଡରେ ଅନୁଭୂତ ହୋଇଛି ଭୂମିକମ୍ପ ଝଟକା । ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୩ ରେକର୍ଡ କରାଯାଇଛି। ଆଜି ସକାଳ ପ୍ରାୟ ୯ଟା ୨୦ରେ ପ୍ରଥମେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ଓ ଜମସେଦପୁରରେ ଏହି ଝଟକା ଅନୁଭୂତ ହୋଇଛି । ଏହାର ଝଟକା ପ୍ରାୟ ୫ ସେକେଣ୍ଡ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ମିଳିନି। ଏହି ଭୂମିକମ୍ପର କେନ୍ଦ୍ର ସ୍ଥଳ ଝାଡ଼ଖଣ୍ଡର ଖରସାବାଁ ଜିଲ୍ଲାରୁ ୧୩ କିମି ଦୂରରେ ଥିବା ଜଣାଯାଇଛି। ରାଞ୍ଚି ଓ ଜମସେଦପୁରର ଆଖପାଖ ଅଞ୍ଚଳରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିଯୋଗୁ ଲୋକେ ଭୟଭୀତ ହୋଇପଡିଥିବା ବେଳେ ଘରୁ ବାହାରକୁ ଚାଲି ଆସିଥିଲେ। ତେବେ ଏହି ଭୂକମ୍ପରେ କୌଣସି ଧନଜୀବନ ହାନୀ ହୋଇ ନ ଥିବା ଜଣାନାହିଁ।

## ସମୁଦ୍ର ମଝିରେ ନାବିକଙ୍କୁ ହାର୍ଟ ଆଟାକ୍

**ନୂଆଦିଲ୍ଲୀ, ୨।୧୧:** ସମୁଦ୍ର ମଝିରେ ଅକାତ ପାଣିରେ ଯାଉଥିଲା ଜାହାଜ। ଉକ୍ତ ସମୟରେ ହଠାତ୍ ନାବିକଙ୍କୁ ହେଲା ହାର୍ଟ ଆଟାକ। ଏପରି ସମୟରେ ଦେବଦୂତ ସାଜିଲା ଭାରତୀୟ ନୌସେନା ଓ ତଟରକ୍ଷା ବାହିନୀ ଟିମ୍। ଉଭୟ ଟିମ୍‌ର ରେସକ୍ୟୁ ଅପରେସନ ଯୋଗୁ ୫୨ ବର୍ଷୀୟ ନାବିକଙ୍କ ଜୀବନ ରକ୍ଷା ହୋଇପାରିଛି। ଲାଇବେରିଆ ପତାକା ଉଡୁଥିବା ଏକ ଜାହାଜ ଭାରତୀୟ ତଟରୁ ପ୍ରାୟ ୩୫୦ ମାଇଲ ଦୂରରେ ସମୁଦ୍ର ମଝିରେ ଥିଲା। ଉକ୍ତ ସମୟରେ ହଠାତ୍ ନାବିକଙ୍କୁ ହାର୍ଟଆଟାକ୍ ହେଲା। ସେ ଜାହାଜରେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ କର୍ମଚାରୀମାନେ ନିରୂପାୟ ହୋଇ ଯାଇଥିଲେ। ଏହି ସୂଚନା ପାଇବା ମାତ୍ରେ ଭାରତୀୟ ନୌସେନା ଓ ତଟରକ୍ଷା ବାହିନୀ ପକ୍ଷରୁ ମିଳିତ ରେସକ୍ୟୁ ଅପରେସନ ଆରମ୍ଭ ହୋଇଥିଲା। ଏହାପରେ ତୁରନ୍ତ ଉଭୟ ଟିମ୍ ସଦସ୍ୟ ଏକ ହେଲିକପ୍ଟର ସହାୟତାରେ ସମୁଦ୍ର ମଝିରୁ ଉକ୍ତ ନାବିବକଙ୍କୁ ଉଦ୍ଧାର କରିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାଯାଇଛି। ଉକ୍ତ ନାବିକଙ୍କୁ ସିଭିଅର ହାର୍ଟ ଆଟାକ୍ ଆସିଥିବା ବେଳେ ଆଉ କିଛି ସମୟ ବିଳମ୍ବ ହୋଇଥିଲେ କିଛି ଅଘଟଣ ଘଟିଥାନ୍ତା ବୋଲି କହିଛନ୍ତି ଡାକ୍ତର। ଏହି ଘଟଣା ପରେ ସମୁଦ୍ର ମଝିରୁ ଦେବଦୂତ ସାଜି ଜୀବନ ବଞ୍ଚାଇଥିବା ଉଭୟ ଭାରତୀୟ ନୌସେନା ଓ ତଟରକ୍ଷା ବାହିନୀ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।



## ବାଣ ପଡ଼ି ଜଳିଲା ଘର: ୩ ଶିଶୁ ଦଗ୍ଧ

**କୋଲକାତା, ୨।୧୧:** ପଶ୍ଚିମବଙ୍ଗର ହାଓଡାରେ ଗତକାଲି ଦୀପାବଳି ପାଳନ ବେଳେ ଘଟିଛି ଅଘଟଣ । ବାଣ ନିଆଁରେ ଏକ ଘର ଜଳିଯାଇଥିବା ବେଳେ ତା' ଭିତରେ ଥିବା ୩ ଛୁଆ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଏହି ଅଘଟଣରେ ଜଣେ ମହିଳା ଓ ଅନ୍ୟ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ଏହି ଅଘଟଣ ହାଓଡ଼ାର ଓଲବେରିୟା ଅଞ୍ଚଳରେ ହୋଇଥିଲା। ଜଣେ ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗତରାତିରେ ଓଲବେରିୟା ଅଞ୍ଚଳରେ ଦୀପବଳି ପାଳନ ହେଉଥିବା ବେଳେ ପିଲାମାନେ ବାଣ ଫୁଟାଉଥିଲେ। ଏହି ସମୟରେ କିଛି ନିଆଁ ଝାସ ପାଖରେ ଥିବା କିଛି ବାଣ ଉପରେ ପଡ଼ିଯାଇଥିଲା। ଫଳରେ ସେଠାରେ ହୁତୁହୁତୁ ହୋଇ ନିଆଁ ଜଳିବାକୁ ଲାଗିଲା। ପାଖରେ ଥିବା ଏକ ଘର ନିଆଁ କବଳକୁ ଆସି ଯାଇଥିବା ବେଳେ ତା' ଭିତରେ ଥିବା ୩ ପିଲା ଘରୁ ବାହାରି ପାରି ନ ଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତୁରନ୍ତ ନିଆଁ ଲିଭାଇବା ସହ ଘରୁ ୩ ପିଲାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ସେମାନଙ୍କୁ ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅଘଟଣରେ ଗୁରୁତର ଜଣେ ମହିଳା ଓ ଶିଶୁଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଟିଏମ୍‌ସିର ଦୁଇ ବିଧାୟକଙ୍କୁ ରାସ୍ତାରେ ପିଟିଲେ

**କୋଲକାତା, ୨।୧୧:** ପଶ୍ଚିମବଙ୍ଗରେ କ୍ଷମତାସୀନ ଟିଏମସି ଦଳର ଦୁଇ ବିଧାୟକଙ୍କ ଉପରେ ହୋଇଛି ମରଣାନ୍ତକ ଆକ୍ରମଣ। ଉଭୟ ବିଧାୟକଙ୍କ ଉପରେ ଭିନ୍ନ ଭିନ୍ନ ସ୍ଥାନରେ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୁଇଜଣ ହେଲେ ମିନଖା ବିଧାୟିକ ଉଷାରାଣୀ ମଣ୍ଡଳ ଓ ସନ୍ଦେଶଖାଲି ବିଧାୟକ ସୁକୁମାର ମହତା। ପୁଲିସ୍ ଏହି ଦୁଇ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ବିଧାୟିକା ଉଷା ରାଣୀ ମଣ୍ଡଳଙ୍କ ଉପରେ ଗୁରୁବାର ଆକ୍ରମଣ ହୋଇଥିଲା। ସେ କାଳୀ ପୂଜା ପେଣ୍ଡାଲରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ପ୍ରାୟ ଶହେରୁ ଅଧିକ ଲୋକ ତାଙ୍କୁ ଘେରି ଯାଇଥିଲେ। ବିଧାୟିକା ମଣ୍ଡଳ କହିଛନ୍ତି, ତାଙ୍କ ଗାଡ଼ିକୁ ଲୋକେ ଘେରି ଯାଇଥିବା ବେଳେ ତାଙ୍କୁ ଭିତରୁ ଟାଣି ବାହାର କରିଦେଇଥିଲେ। ଏହାପରେ ସେମାନେ ତାଙ୍କୁ ମାରପିଟ କରିଥିଲେ। ଏହି ସମୟରେ ଫାଙ୍କା ଗୁଳିଚାଳନା ବି ହୋଇଥିବା ସେ କହିଛନ୍ତି। ପାର୍ଟିରୁ ନିଲମ୍ବିତ ହୋଇଥିବା ଜଣେ ନେତା ଏପରି କରିଥାଇ ପାରନ୍ତି ବୋଲି କହିଛନ୍ତି ମଣ୍ଡଳ । ଏହାବାଦ ଆକ୍ରମଣର ଶିକାର ହୋଇଥିବା ଅନ୍ୟ ଜଣେ ବିଧାୟକ ସୁକୁମାର ମହତା କହିଛନ୍ତି, ମୁଁ କାଳୀ ପୂଜା ପେଣ୍ଡାଲ ଉଦଘାଟନ କରିବା ପରେ ଘରକୁ ଫେରୁଥିଲି। କିଛି ବଦମାସ ମୋ' ଗାଡ଼ି ଉପରେ ଅତର୍କିତ ଆକ୍ରମଣ କରିଥିଲେ। ମୋ' ସହ ଥିବା ପାଟି କାର୍ଯ୍ୟକର୍ତ୍ତାଙ୍କୁ ବି ଆକ୍ରମଣ ହେବାରୁ ଜଣେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସ୍ ଉଭୟ ମାମଲାର ଯାଞ୍ଚ ଆରମ୍ଭ କରି କିଛି ଲୋକଙ୍କୁ ଗିରଫ କରିଛି। ଏହି ଘଟଣାରେ ପୁଲିସ୍ ଅଧିକ ଛାନଭିନ ଜାରି ରଖିଛି।

## ଅମିତ ଶାହଙ୍କୁ ଟାର୍ଗେଟ

# କାନାଡା ଅଧିକାରୀଙ୍କୁ ସମନ କଲା ଭାରତ

**ନୂଆଦିଲ୍ଲୀ, ୨।୧୧:** ଖଲିସ୍ତାନୀ ଆତଙ୍କବାଦୀ ନିଜାର ହତ୍ୟାକାଣ୍ଡକୁ ନେଇ ଭାରତ ଓ କାନାଡା ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଏବେ ଚରମସୀମାରେ ପହଞ୍ଚିଛି। ନିଜାର ହତ୍ୟା ପଛରେ ଭାରତୀୟ କୂଟନୀତିଜ୍ଞଙ୍କ ହାତ ରହିଥିବା କାନାଡା ବିନା ପ୍ରମାଣରେ ଅଭିଯୋଗ କରୁଥିବାରୁ ନୂଆଦିଲ୍ଲୀ ଏହାକୁ ବିରୋଧ କରି ଚାଲିଛି। ଏସବୁ ଭିତରେ କାନାଡାର ଜଣେ ମନ୍ତ୍ରୀ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରିଛନ୍ତି। କାନାଡାରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଟାର୍ଗେଟ କରିବା ପାଇଁ ଅମିତ ଶାହ ନିର୍ଦ୍ଦେଶ ଦେଇଥିବା ସେ ଅଭିଯୋଗ କରିବା ପରେ ହଇଚଇ ସୃଷ୍ଟି ହୋଇଛି।



ଏହାକୁ ଭାରତ ପକ୍ଷରୁ ଦୃଢ଼ ଭାବେ ଖଣ୍ଡନ କରାଯିବା ସହ କାନାଡାର ଜଣେ କୂଟନୀତିଜ୍ଞଙ୍କୁ ସମନ କରାଯାଇଛି। କାନାଡା ମନ୍ତ୍ରୀ ଦେଇଥିବା ବୟାନ ଉଦଭଟ ଓ ଭିତ୍ତିହୀନ ବୋଲି ଭାରତ ସରକାର କହିଛନ୍ତି। କାନାଡାର ବୈଦେଶିକ ମନ୍ତ୍ରଣାଳୟର ଉପ ମନ୍ତ୍ରୀ ଡାଭିଡ ମୋରିସନ ମଙ୍ଗଳବାର ଦେଶର ଲୋକ ସୁରକ୍ଷା ଓ ଜାତୀୟ ସୁରକ୍ଷା ପାଇଁ ଗଠିତ ଷ୍ଟାଣ୍ଡିଂ କମିଟିକୁ କହିଥିଲେ ଯେ ଖଲିସ୍ତାନୀ ବିଦ୍ରୋହୀଙ୍କ ବିରୋଧରେ ହିଂସାତ୍ମକ ପ୍ରଚାର, ଧମକ ଓ ସେମାନଙ୍କ ବିରୋଧରେ ଗୁଇନ୍ଦା ତଥ୍ୟ ହାସଲ କରିବା ପାଇଁ ଅମିତ ଶାହ ନିର୍ଦ୍ଦେଶ ଦେଇଛନ୍ତି। ଅମିତ ଶାହଙ୍କ ନିର୍ଦ୍ଦେଶରେ କାନାଡରେ ଖଲିସ୍ତାନୀଙ୍କୁ ଟାର୍ଗେଟ କରାଯାଉଥିବା ସେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ଜାରି ରହିଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧିର ଜୈସୱାଲ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ପୂରା ପ୍ରସଙ୍ଗରେ କାନାଡା ହାଇକମିଶନର ପ୍ରତିନିଧିଙ୍କୁ ସମନ କରାଯାଇଥିଲା ଓ ତାଙ୍କୁ ଗୋଟିଏ କୂଟନୀତିକ ଚିଠି ଧରାଇ ଦିଆଯାଇଛି। କାନାଡା ମନ୍ତ୍ରୀଙ୍କ ବୟାନକୁ ତୀବ୍ର ଭାବେ ବିରୋଧ କରାଯାଇଥିବା ସେ କହିଛନ୍ତି। ଜୈସୱାଲ କହିଛନ୍ତି, "ଉପ ମନ୍ତ୍ରୀ ଡାଭିଡ ମୋରିସନ ତାଙ୍କ ଦେଶର କମିଟି ଆଗରେ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ ଆଣିଥିବା ଉଦଭଟ ଓ ଭିତ୍ତିହୀନ କଥାକୁ ଭାରତ ସରକାର କୂଟନୀତିକ ସ୍ତରରେ ତୀବ୍ର ଭାବେ ପ୍ରତିବାଦ କରିଛନ୍ତି। କୂଟନୀତିକ ନୋଟ ମାଧ୍ୟମରେ ଏହା କାନାଡାକୁ ମଧ୍ୟ ଜଣାଇ ଦିଆଯାଇଛି।" ମୋରିସନ କହିଥିଲେ ଯେ ୱାଶିଂଟନ ପୋଷ୍ଟକୁ ଅମିତ ଶାହଙ୍କ ନାଁ ସେ କହିଥିଲେ। ଏହାପରେ ୱାଶିଂଟନ ପୋଷ୍ଟ ଅଭିଯୋଗ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ କରିଥିଲା। ଏହାର ଉତ୍ତରରେ ଜୈସୱାଲ କହିଛନ୍ତି ଯେ ଏପରି ଘଟଣାରୁ ସ୍ପଷ୍ଟ ହୋଇଛି ଯେ କାନାଡିଆନ ଅଧିକାରୀମାନେ ସତ୍ୟତା ନଥିବା ତଥ୍ୟକୁ ଜାଣିଶୁଣି ମିଡିଆରେ ଲିକ କରୁଛନ୍ତି। ଏପରି ଘଟଣା ଭାରତ-କାନାଡା ମଧ୍ୟରେ ଥିବା ସମ୍ପର୍କରେ ସାଂଘାତିକ ପ୍ରଭାବ ପକାଇବ। ଏହାର ଗୁରୁତର ପରିଣାମ ଦେଖିବାକୁ ମିଳିପାରେ ବୋଲି ଜୈସୱାଲ ସତର୍କ କରାଇ ଦେଇଛନ୍ତି।

# ୩ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା

## ମୃତଦେହକୁ ପଡ଼ିଆରେ ପୋତି ଦେଲା ସମ୍ପର୍କୀୟ ମାମୁ

**ଅମରାବତୀ, ୨।୧୧:** ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। ୩ ବର୍ଷର ଶିଶୁ କନ୍ୟାକୁ ଚକୋଲେଟ ଦେବା ନାଁରେ ଡାକି ନେଇ ଦୁଷ୍କର୍ମ କରିଛି ସମ୍ପର୍କୀୟ ମାମୁ। ଦୁଷ୍କର୍ମ କରିବା ପରେ ସମ୍ପର୍କୀୟ ମାମୁ ଜଣକ ଶିଶୁ କନ୍ୟାର ଜୀବନ ମଧ୍ୟ ନେଇ ଯାଇଛି। ଖାଲି ସେତିକି ନୁହେଁ, ହତ୍ୟା କରିବା ପରେ ଗୋଟିଏ ପଡ଼ିଆରେ ମୃତଦେକୁ ପୋତି ଦେଇଥିଲା। ଏଭଳି ଘଟଣା ଆନ୍ଧ୍ର ପ୍ରଦେଶର ତିରୁପତିରେ ଘଟିଛି। ପୁଲିସ୍ ଘଟଣାରେ ୨୨ ସମ୍ପର୍କୀୟ ମାମୁକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପୀଡ଼ିତା ରହୁଥିବା କଲୋନୀରେ ହିଁ ରୁହେ।



ଶୁକ୍ରବାର ସମ୍ପର୍କୀୟ ମାମୁ ସହ ଝିଅଟି ଚକୋଲେଟ ପାଇଁ ଯାଇଥିଲା। ସେ ଆଉ ଘରକୁ ନ ଫେରିବାରୁ ପରିବାର ଲୋକ ତା'କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ। ହେଲେ ଝିଅର କୌଣସି ପତ୍ତା ମିଳି ନଥିଲା। ଶେଷରେ ପରିବାର ଲୋକ ପୁଲିସ୍‌ରେ ଅଭିଯୋଗ କରିଥିଲେ। ଶେଷଥର ପାଇଁ ଝିଅକୁ ସମ୍ପର୍କୀୟ ମାମୁ ସହ ସମସ୍ତେ ଦେଖିଥିବାରୁ ପୁଲିସ୍ ତା'କୁ ଉଠାଇ ଆଣି ଜେରା କରିଥିଲା। ପୁଲିସ୍‌କୁ ଅଭିଯୁକ୍ତ ଜଣକ ପ୍ରଥମେ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲା। ହେଲେ ପରବର୍ତ୍ତୀ ଅବସ୍ଥାରେ ସେ ନିଜର ଅପରାଧକୁ ସ୍ୱୀକାର କରିଥିଲା। ପ୍ରଥମେ ସେ ସ୍କୁଲ ନିକଟରେ ଥିବା ପଡ଼ିଆକୁ ଶିଶୁ କନ୍ୟାକୁ ନେଇଥିଲା। ସେଠାରେ ତାଙ୍କୁ ଦୁଷ୍କର୍ମ କରିବା ପରେ ତଣ୍ଟି ଚିପି ହତ୍ୟା କରିଥିଲା। ଏହାପରେ ସେହି ପଡ଼ିଆରେ ମୃତଦେହକୁ ପୋତି ଦେଇଥିଲା। ଅଭିଯୁକ୍ତ ଠାରୁ ସୂଚନା ମିଳିବା ପରେ ପୁଲିସ୍ ମାଟି ତଳକୁ ଶିଶୁ କନ୍ୟାର ମୃତଦେହକୁ ଉଦ୍ଧାର କରିଛି। ଏହାକୁ ବ୍ୟବଚ୍ଛେଦ ପାଇଁ ପୁତ୍ତୁର ସରକାରୀ ହସ୍ପିଟାଲକୁ ପଠା ଯାଇଥିବା ପୁଲିସ୍ କହିଛି। ପୀଡ଼ିତାଙ୍କ ମା' ଅଭିଯୁକ୍ତକୁ ନିଜର ଭାଇ ଭାବେ ବିବେଚନା କରୁଥିଲେ। ସେ ପରିବାର ଅନ୍ୟତମ ସଦସ୍ୟ ଭାବେ ଘରକୁ ଯିବା ଆସିବା କରେ। ଅନେକ ସମୟରେ ସେ ଶିଶୁ କନ୍ୟା ସହ ଖେଳା ଖେଳି ମଧ୍ୟ କରିଥାଏ। ହେଲେ ସେ ଏମିତି କରିବ ବୋଲି କେହି ବିଶ୍ୱାସ କରି ନଥିଲେ ବୋଲି ପଡ଼ୋଶୀମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଘଟଣାକୁ ଦୃଢ଼ ଭାବେ ନିନ୍ଦା କରିବା ସହ ପରିବାର ଲୋକଙ୍କ ପାଇଁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ସେହିପରି ସ୍ଥାନୀୟ ନାଗାରି ବିଧାୟକ ଗଲି ଭାନୁ ପ୍ରକାଶ ଅଭିଯୁକ୍ତକୁ କଠୋରରୁ ଅତି କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି।

## ସମାଜବାଦୀ ପାର୍ଟି ପ୍ରାର୍ଥୀଙ୍କ ନାଁରେ ଜାରି ହେଲା ଫତୱା

**ଲକ୍ଷ୍ନୌ, ୨।୧୧:** ସମାଜବାଦୀ ପାର୍ଟି ବିଧାୟକ ପ୍ରାର୍ଥୀଙ୍କ ନାଁରେ ଜାରି ହେଲା ଫତୱା। ଏହାକୁ ନେଇ ସରଗରମ ହୋଇଉଠିଛି ଉତ୍ତରପ୍ରଦେଶ ରାଜନୀତି। ଫତୱା ଜାରି ହୋଇଥିବା ବିଧାୟକ ପ୍ରାର୍ଥୀଜଣକ ହେଲେ ନସିମ ସୋଲଙ୍କି।

ନସିମ ପୂର୍ବ ବିଧାୟକ ଇରଫାନ ସୋଲଙ୍କିଙ୍କ ପତ୍ନୀ। ଚଳିତ ବିଧାନସଭା ନିର୍ବାଚନ ନିମନ୍ତେ କାନପୁରର ସିସାମଉ ବିଧାନସଭା ସିଟ୍‌ରୁ ସେ ସପା ପ୍ରାର୍ଥୀ ହୋଇଛନ୍ତି। ନସିମ ସୋଲଙ୍କିଙ୍କ ଏକ ଭିଡିଓ ଜାରି ହେବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ତମ୍ବିତୋଫାନ। ଦୀପାବଳି ରାତିରେ ନସିମ କାନପୁରର ଏକ ମନ୍ଦିରରେ ଶିବଲିଙ୍ଗ ଉପରେ ଜଳାଭିଷେକ କରିଥିଲେ। ସେଠାରେ ସେ ସମ୍ପୂର୍ଣ୍ଣ ରୀତିନୀତି ସହ ପୂଜାର୍ଚ୍ଚନା କରିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା।ଏହାକୁ ନେଇ ଅଲ୍ ଇଣ୍ଡିଆ ମୁସଲିମ ଜମାତ ତାଙ୍କ ଉପରେ ଖପ୍ପା ହୋଇଛି। ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୌଲାନା ମୁଫତି ଶହାବୁଦ୍ଦିନ ନସିମଙ୍କ ଉପରେ ଫତୱା ଜାରି କରିଛନ୍ତି। ବିଜେପି ମଧ୍ୟ ଏହି ଭିଡିଓକୁ ନେଇ ନସିମଙ୍କୁ ଟାର୍ଗେଟ କରିବା ସହ ଏହା ଏକ ରାଜନୈତିକ ଚାଲ ବୋଲି କହିଛି। ନସିମ ସୋଲଙ୍କିଙ୍କ ସ୍ୱାମୀ ତଥା ପୂର୍ବ ବିଧାୟକ ଇରଫାନ ସୋଲଙ୍କି ଜେଲ୍‌ରେ ବନ୍ଦ ଥିବା ବେଳେ କାନପୁରର ସିସାମଉ ସିଟ୍‌ରୁ ନସିମ ସପା ପ୍ରାର୍ଥୀ ହୋଇଛନ୍ତି। ତେବେ ଏହା ନସିମଙ୍କୁ କେତେ ରାଜନୈତିକ ଫାଇଦା ଦେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

# ଉପଦେଶ ପାଇଁ କେତେ ଟଙ୍କା ନିଅନ୍ତି କହିଲେ ପ୍ରଶାନ୍ତ

**ନୂଆଦିଲ୍ଲୀ, ୨।୧୧:** ରାଜନୈତିକ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର କରିଛନ୍ତି ବଡ଼ ଖୁଲାସା। ଭାରତ ରାଜନୀତିର ଚାଣକ୍ୟ ଭାବେ ବିବେଚିତ ହେଉଥିବା ପ୍ରଶାନ୍ତ କିଶୋର ବହୁ ରାଜନୈତିକ ପାର୍ଟିର ପରାମର୍ଶଦାତା ଭୂମିକା ତୁଲାଇ ସାରିଛନ୍ତି। ବହୁ ଦଳ ତାଙ୍କ ଉପଦେଶ ପାଇ ଶାସନ କ୍ଷମତାକୁ ଆସିଛନ୍ତି। ତେବେ ରାଜନୀତି ଗୋଟି ଚାଳନାରେ ସିଦ୍ଧହସ୍ତ ଥିବା ପ୍ରଶାନ୍ତ କିଶୋର ପଲଟିକାଲ ପାର୍ଟିମାନଙ୍କୁ ଉପଦେଶ ଦେବାକୁ କେତେ ଟଙ୍କା ନିଅନ୍ତି ଜାଣିଛନ୍ତି କି? ଏହାକୁ ନେଇ ସବୁବେଳେ ସସ୍‌ପେନ୍ସ ଲାଗି ରହୁଥିବା ବେଳେ ଏହାର ଖୁଲାସା କରିଛନ୍ତି ନିଜେ ଭାରତୀୟ ରାଜନୀତିର ଚାଣକ୍ୟ ପ୍ରଶାନ୍ତ କିଶୋର। ଯେକୌଣସି ପଲଟିକାଲ ପାର୍ଟି ନିମନ୍ତେ ରଣନୀତି ପ୍ରସ୍ତୁତ ନିମନ୍ତେ ପ୍ରଶାନ୍ତ କିଶୋର ଡିମାଣ୍ଡ କରନ୍ତି ଶହେ କୋଟି। ଏହା ଖୋଦ ପ୍ରଶାନ୍ତ କିଶୋର



କହିଛନ୍ତି। ବିହାରରେ ଏକ ନିର୍ବାଚନୀ ସଭାରେ ଉଦବୋଧନ ଦେଉଥିବା ବେଳେ ସେ ଏପରି ଖୁଲାସା କରିଛନ୍ତି।

ପ୍ରଶାନ୍ତ କିଶୋର ନିଜର ରାଜନୈତିକ ଦଳ 'ଜନ ସୁରାଜ' ପାର୍ଟି ଲଞ୍ଚ କରିଥିବା ବେଳେ କିପରି ଏହାପାଇଁ ପାଣ୍ଠି ଯୋଗାଡ଼ କରୁଛନ୍ତି ବୋଲି ତାଙ୍କୁ ପ୍ରଶ୍ନ ପଚରାଯାଉଛି। ଏହାର ଉତ୍ତର ଦେବାକୁ ଯାଇ ସେ କହିଛନ୍ତି, ଆପଣଙ୍କୁ ଲାଗୁନି ମୋ' ନିଜ ଦଳ ନିମନ୍ତେ ମୁଁ ପର୍ଯ୍ୟାପ୍ତ ଟଙ୍କା ରଖିଛି। କେବଳ ସେତିକି ନୁହେଁ, ନିର୍ବାଚନୀ ସଭା ନିମନ୍ତେ ଟେଣ୍ଟ ବାନ୍ଧିବା ଓ ଖୁଣ୍ଟି ପୋତିବା ନିମନ୍ତେ ମୋ ପାଖରେ ଅର୍ଥର ଅଭାବ ନାହିଁ। କାରଣ ଗୋଟିଏ ନିର୍ବାଚନ ନିମନ୍ତେ ଏକ ରାଜନୈତିକ ଦଳକୁ ଉପଦେଶ ଦେବା ନିମନ୍ତେ ମୁଁ ଶହେ କୋଟି ଚାର୍ଜ କରୁଛି। ତେଣୁ ମାତ୍ର ଗୋଟିଏ ପଲଟିକାଲ ପାର୍ଟିକୁ ଉପଦେଶ ଦେଇ ପାଉଥିବା ଅର୍ଥରେ ମୁଁ ଆସନ୍ତା ୨ ବର୍ଷ ପାଇଁ ମୋ' ଦଳର ଖର୍ଚ୍ଚ ତୁଲାଇ ପାରିବି। ଏଥିସହ ସେ କହିଛନ୍ତି, ମୋ' ରଣନୀତି ଯୋଗୁ ୧୦ଟି ରାଜ୍ୟରେ ବିଭିନ୍ନ ଦଳ ଏବେ କ୍ଷମତାରେ ବସିଛନ୍ତି। ସେମାନେ ଶାସନ କଳ ସମ୍ଭାଳୁଛନ୍ତି। ତେଣୁ ମୋ' ନିଜ ଦଳର ପରିଚାଳନା ନିମନ୍ତେ ମୁଁ ରଣନୀତି ପ୍ରସ୍ତୁତ କରି ନ ଥିବି ବୋଲି ଭାବିବା ବୋକାମି। ଚଳିତ ମାସ ୧୩ ତାରିଖରେ ହେବାକୁ ଥିବା ବିହାରର ୪ ବିଧାନସଭା ଆସନ ନିମନ୍ତେ ହେଉଥିବା ଉପ ନିର୍ବାଚନ ପାଇଁ ରାଜନୈତିକ ପାର୍ଟିମାନେ ଜୋରସୋରରେ ପ୍ରଚାର ଅଭିଯାନ ଚଳାଇଛନ୍ତି। ପ୍ରଶାନ୍ତ କିଶୋରଙ୍କ ଦଳ 'ଜନ ସୁରାଜ' ପାର୍ଟି ପକ୍ଷରୁ ୪ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଯାଇଛି। ଖୋଦ ପ୍ରଶାନ୍ତ କିଶୋର ନିଜେ ମଇଦାନକୁ ଓହ୍ଲାଇ ନ ଥିବା ବେଳେ ନିଜ ପ୍ରାର୍ଥୀଙ୍କ ପାଇଁ ଫୁଲ୍ ଦମ୍‌ରେ ପ୍ରଚାରରେ ମାତି ଯାଇଛନ୍ତି। ଆସନ୍ତା ୨୩ ତାରିଖରେ ଏହାର ଫଳାଫଳ ପ୍ରକାଶ ପାଇବ।

# ପ୍ରଥମ ପାଳିରେ ଭାରତ ୨୬୩/୧୦




**ମୁମ୍ବାଇ, ୨।୧୧:** ଶୁବମନ ଗିଲ ଓ ରଷଭ ପନ୍ତଙ୍କ ଦମଦାର ବ୍ୟାଟିଂ ବଳରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଶେଷ ଟେଷ୍ଟର ପ୍ରଥମ ପାଳି ୨୬୩ ରନରେ ଶେଷ କରିଛି ଭାରତ। ଗତକାଲି ପାଳି ଆରମ୍ଭରୁ ଭାରତ ସଅଳ ୪ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ଯୁବ ବ୍ୟାଟର ଶୁବମନ ଗିଲ ଓ ରଷଭ ପନ୍ତଙ୍କ ଧୈର୍ଯ୍ୟପୂର୍ଣ୍ଣ

## ସଙ୍କଟମୋଚକ ସାଜିଲେ ଗିଲ୍-ପନ୍ତ

ବ୍ୟାଟିଂ ଓ ୱାଶିଂଟନ ସୁନ୍ଦରଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ବଳରେ ଭାରତୀୟ ଦଳ ଭ୍ରମଣକାରୀ ଦଳଠାରୁ ୨୮ ରନ ଆଗରେ ରହି ପ୍ରଥମ ପାଳି ଶେଷ କରିଛି।

ତୃତୀୟ ତଥା ଅନ୍ତିମ ଟେଷ୍ଟର ପ୍ରଥମ ଦିନରେ ଜାଡେଜାଙ୍କ ଘାତକ ବୋଲିଂର ସାମ୍ନା କରିନପାରି ନ୍ୟୁଜିଲ୍ୟାଣ୍ଡ ୨୩୫ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଏହାପରେ ଭାରତ ମଧ୍ୟ ସଅଳ ୪ଟି ୱିକେଟ ହରାଇ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ସଙ୍କଟରେ ପଡ଼ିଥିଲା। ହେଲେ ଶୁବମନ ଗିଲ ଓ ରଷଭ ପନ୍ତ ଆଜି ଦଳକୁ ସଙ୍କଟରୁ ଉଦ୍ଧାର କରି ସ୍କୋରବୋର୍ଡକୁ ଗତି ଦେଇଥିଲେ। ଚିରାଚରିତ ଢଙ୍ଗରେ ଆକ୍ରାମକ ଖେଳି କେବଳ ୩୬ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ ପନ୍ତ। ଏହାପରେ ମଧ୍ୟ ତାଙ୍କ ବ୍ୟାଟିଂର ଗତି ଧିମା ହୋଇନଥିଲା।

ଗୋଟିଏ ପଟେ ଗିଲ୍ ଜଗିରଖି ବ୍ୟାଟିଂ କରୁଥିବାବେଳେ ଅନ୍ୟପଟେ ସ୍କୋରବୋର୍ଡକୁ ଦ୍ରୁତଗତିରେ ଆଗକୁ ବଢ଼ାଇବାକୁ ପନ୍ତ ବ୍ୟାଟିଂ ଜାରି ରଖିଥିଲେ। ହେଲେ ସେ ଇଶ ସୋଡିଙ୍କ ଶିକାର ପାଲଟିଥିଲେ। ପନ୍ତ ୫୯ ବଲରୁ ୮ ଚୌକା ଓ ୨ ଛକା ବଳରେ ୬୦ ରନ କରି ପାଭିଲିୟନ ଫେରିଥିଲେ। ଏହାପରେ ଜାଡେଜା କିଛି ସମୟ ଗିଲଙ୍କ ସାଥ ଦେଇଥିଲେ ମଧ୍ୟ କେବଳ ୧୪ ରନ କରିବାକୁ ସମର୍ଥ ହୋଇଥିଲେ। ସର୍ଫରାଜ ଖାନ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବାବେଳେ କେବଳ ୬ ରନ କରି ପାଭିଲିୟନ ଫେରିଥିଲେ ରବିଚନ୍ଦ୍ରନ ଅଶ୍ୱିନ। ଶୁବମନ ଗିଲ ଦଳ ପାଇଁ ସଂଘର୍ଷ ଜାରି ରଖିଥିଲେ ମଧ୍ୟ ୯୦ ରନ କରି ସେ ଅଜାଜ ପଟେଲଙ୍କ ଶିକାର ପାଲଟିଥିଲେ। ଦଳୀୟ ସ୍କୋର ୨୨୭ ହୋଇଥିବାବେଳେ ସେ ଆଉଟ ହୋଇଥିଲେ। ତାଙ୍କ ପାଳିରେ ୭ ଚୌକା ଓ ଗୋଟିଏ ଛକା ସାମିଲ ଅଛି। ଏହାପରେ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୩୮ ରନର ଗୁରୁତ୍ୱପୂର୍ଣ୍ଣ ପାଳି ବଳରେ ଭାରତ ୨୬୩ ରନରେ ପହଞ୍ଚିଥିଲା। ହେଲେ ଅନ୍ୟପଟେ ସୁନ୍ଦରଙ୍କୁ ସାଥ ନମିଳିବାରୁ ଏତିକିରେ ଭାରତର ପ୍ରଥମ ପାଳି ଶେଷ ହୋଇଥିଲା।



## ପ୍ୟାରିସ୍ ଅଲିମ୍ପିକ୍ସରେ ୪୮% କ୍ରୀଡ଼ାବିତ୍‌ଙ୍କୁ ଶୋଷଣ

**ନୂଆଦିଲ୍ଲୀ, ୨।୧୧:** ପ୍ୟାରିସ୍ ଅଲିମ୍ପିକ୍ସରେ ଟ୍ରାକ୍ ଓ ଫିଲ୍ଡ କ୍ରୀଡ଼ାବିତ୍‌ମାନେ ଜାତିଆଣ ଭେଦଭାବ କିମ୍ବା ଯୌନ ଶୋଷଣର ଶିକାର ହୋଇଛନ୍ତି। ବିଶ୍ୱ ଦୌଡ଼କୁଦ ମହାସଂଘ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ୧୯୦୦ରୁ ଅଧିକ ଆକାଉଣ୍ଟର ଅନୁଶୀଳନ କରିବା ପରେ ଏହି ରିପୋର୍ଟ ପ୍ରକାଶ କରିଛି। ମୋଟ୍ କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ୪୮ ପ୍ରତିଶତ ଖେଳାଳି ଉକ୍ତ ଦୁଇ ପ୍ରକାର ଶୋଷଣର ଶିକାର ହୋଇଥିଲା ବେଳେ ୩୨ ପ୍ରତିଶତ ଖେଳାଳି ସାଧାରଣ ଶୋଷଣର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅଲିମ୍ପିକ୍ସ ଆରମ୍ଭର ୨୪ ଘଣ୍ଟା ପୂର୍ବରୁ ଓ ଶେଷ ହେବାର ୨୪ ଘଣ୍ଟା ପର୍ଯ୍ୟନ୍ତ ୧୯୧୭ ଜଣ ଖେଳାଳି ଓ ମ୍ୟାଚ୍ ପରିଚାଳନା ଅଧିକାରୀମାନଙ୍କ ଆକାଉଣ୍ଟ ଉପରେ ଏହି ବିଶ୍ୱ ସଂଗଠନ ତଦାରଖ କରୁଥିଲା। ଗବେଷଣା ପାଇଁ ନିଆଯାଇଥିବା ନମୁନା ସଂଖ୍ୟା ୨୦୨୧ ଟୋକିଓ ଅଲିମ୍ପିକ୍ସ ତୁଳନାରେ ୧୨ ଗୁଣା ଅଧିକ ବୋଲି କୁହାଯାଇଛି। ଶୋଷଣ ମାମଲା ଭିତରୁ ଜାତିଆଣ ଆକ୍ଷେପ ସବୁଠୁ ଅଧିକ ହୋଇଥିଲା ବେଳେ ପୁରୁଷମାନେ ଏହାର ଅଧିକ (ମୋଟ ଶୋଷଣର ୨୬ ପ୍ରତିଶତ) ଶିକାର ହୋଇଛନ୍ତି। ମହିଳା କ୍ରୀଡ଼ାବିତ୍‌ମାନେ ଯୌନ ଶୋଷଣ ଓ ଅଶ୍ଳୀଳ ଇଙ୍ଗିତର ଶିକାର ହୋଇଛନ୍ତି। ବିଶ୍ୱ ଦୌଡ଼କୁଦ ସଂଘର ସଭାପତି ସେବାଷ୍ଟିଏନ୍ କୋଏ କହିଛନ୍ତି, ସାମାଜିକ ଗଣମାଧ୍ୟମରେ କ୍ରୀଡ଼ାବିତ୍‌ଙ୍କୁ ଶୋଷଣ କରାଗଲେ ତାହା ତାଙ୍କର ମାନସିକ ସ୍ୱାସ୍ଥ୍ୟ ଓ ପ୍ରଦର୍ଶନ ଉପରେ ବଡ଼ ପ୍ରଭାବ ପକାଉଛି। କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କ ପ୍ରଶଂସକଙ୍କ ସହ ଯୋଡ଼ି ରହିବା ପାଇଁ ତଥା ପ୍ରାୟୋଜକଙ୍କ ସାମଗ୍ରୀର ପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବା ଆବଶ୍ୟକତା ରହିଛି।

# ୧୦ ବର୍ଷ ପରେ ଚେନ୍ନାଇକୁ ଫେରିବେ ଅଶ୍ୱିନୀ

## ଧୋନୀ-ଜାଡେଜାଙ୍କ ସହ ଆଇପିଏଲ ୨୦୨୫ରେ ଆସିବେ ନଜର

**ନୂଆଦିଲ୍ଲୀ,୨।୧୧:** ଆଇପିଏଲ ୨୦୨୫ର ରିଟେଶନ ତାଲିକା ପ୍ରକାଶ ପାଇବା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଚର୍ଚ୍ଚାରେ ଥିଲା ଏବଂ ରିଟେଶନ ତାଲିକା ପ୍ରକାଶ ପାଇବା ପରେ ମଧ୍ୟ ଦଳ ଚର୍ଚ୍ଚାରେ ଅଛି । ପୂର୍ବରୁ ଏମଏସ ଧୋନୀ ଆଲୋଚନାର କେନ୍ଦ୍ର ଥିଲେ, ଆଉ ଏବେ ରବିଚନ୍ଦ୍ରନ ଅଶ୍ୱିନ। କହୁ ରଖୁଛୁ ଯେ ଚେନ୍ନାଇ ଏମଏସ ଧୋନୀ, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ରବିନ୍ଦ୍ର ଜାଡେଜା ଏବଂ ମଥିଶା ପାଥିରାନାଙ୍କୁ ରିଟେନ କରିଛି। ବର୍ତ୍ତମାନ ନିଲାମ ପାଇଁ ସିଏସ୍‌କେର ପର୍ସରେ ୫୫ କୋଟି ଟଙ୍କା ବାକି ଅଛି। ଟାଇମ୍ସ ଅଫ ଇଣ୍ଡିଆ ଅନୁଯାୟୀ ଚେନ୍ନାଇ ସୁପର କିଙ୍ଗ୍ସ ସମେତ ଅନ୍ୟ ଅନେକ ଦଳ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ବ୍ୟାଟିଂ କରିପାରନ୍ତି। ତାଙ୍କ ବ୍ୟତୀତ ସିଏସ୍‌କେ ରବିଚନ୍ଦ୍ରନ ଅଶ୍ୱିନ୍‌ଙ୍କୁ ଫେରାଇ ଆଣିବାର ମନୋବଳ ଥିବା ପରି ମନେ ହେଉଛି। ଅଶ୍ୱିନ ଚେନ୍ନାଇ ପାଇଁ ୮ଟି ସିଜନ ଖେଳିସାରିଛନ୍ତି। କିଛି ସମୟ ପୂର୍ବରୁ ଅଶ୍ୱିନ ଏକ ସାକ୍ଷାତକାରରେ କହିଥିଲେ ଯେ ସେ ପୁଣି ଥରେ ତାଙ୍କ ପୁରୁଣା ଦଳ ଯଥା ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିବାକୁ ଚାହୁଁଛନ୍ତି। ଏହି ସମୟରେ, ଏକ ଅପଡେଟ ମଧ୍ୟ ଅଛି ଯେ ସିଏସ୍‌କେ ଫ୍ରାଞ୍ଚାଇଜ ନ୍ୟୁଜିଲ୍ୟାଣ୍ଡର ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ଡିଭନ କନୱେଙ୍କ ଉପରେ ମ୍ୟାଚ କାର୍ଡ ଖେଳିପାରେ। ଆଙ୍ଗୁଠିରେ ଆଘାତ ହେତୁ କନୱେ ଗତ ସିଜନରେ ଖେଳିପାରିନଥିଲା, କିନ୍ତୁ ଆଇପିଏଲ ୨୦୨୩ରେ ସେ ହାରାହାରି ୫୧.୬୯ରେ ୬୭୨ ରନ ସ୍କୋର କରିଥିଲେ।




## ଗୋଟିଏ ଓଭରରେ ୬ ଛକା ସହ ୩୭ ରନ ଦେଲେ ରବିନ ଉଥାପ୍ପା

**ମୁମ୍ବାଇ, ୨।୧୧:** ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ରବି ବୋପାରା ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି। ସେ ଗୋଟିଏ ଓଭରରେ କ୍ରମାଗତ ୬ ଛକା ମାରିବାର ଭିଡିଓ ଏବେ ବେଶ ଚର୍ଚ୍ଚାରେ ରହିଛି। ସେ ପୂର୍ବତନ ଭାରତୀୟ କ୍ରିକେଟରଙ୍କ ବଲରେ ଏପରି ରେକର୍ଡ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସାଧାରଣତଃ ବୋଲିଂ କରୁ ନଥିବା ରବିନ ଉଥାପ୍ପାଙ୍କ ବଲରେ ରବି ବୋପାରା ୬ ଛକା ମାରିଛନ୍ତି। ଉଥାପ୍ପା ଗୋଟିଏ ଓଭରରେ ୬ ଛକା ସହ ମୋଟ ୩୭ ରନ ଦେଇଛନ୍ତି। ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ଏପରି ଘଟଣା ଘଟିଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ ଜଣ ଖେଳାଳି ଖେଳିବାର ନିୟମ ରହିଛି। ଭାରତ ଓ ଇଂଲଣ୍ଡ ପରସ୍ପରକୁ ଗୋଟିଏ ମ୍ୟାଚ୍‌ରେ ଭେଟିଥିବା ବେଳେ ଉଥାପ୍ପା ୬ଟି ଲିଗାଲ ବଲରେ ୬ଟି ଛକା ଓ ଗୋଟିଏ ୱାଇଡ ପକାଇଥିଲେ। ବୋପାରା ମଧ୍ୟ ୧୪ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ।

## ଧୋନିଙ୍କୁ ୪କୋଟିରେ ରଖିଲା ସିଏସ୍‌କେ




**ନୂଆଦିଲ୍ଲୀ, ୨।୧୧:** ଆସନ୍ତା ବର୍ଷ ହେବାକୁ ଥିବା ଆଇପିଏଲ୍ ଲାଗି ବଡ଼ ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଖେଳାଳି ରିଟେନ୍‌ସନ୍ (ଦଳରେ ବଜାୟ ରଖିବା) ଘୋଷଣା କରିଛନ୍ତି। ରିଟେନ୍ ଖେଳାଳି ଆସନ୍ତା ବର୍ଷ ସେହି ଫ୍ରାଞ୍ଚାଇଜ୍ ପାଇଁ ଖେଳିବେ। ଦକ୍ଷିଣ ଆଫ୍ରିକାର ହେନରିକ୍ କ୍ଲାସେଁ ସବୁଠୁ ଅଧିକ ମୂଲ୍ୟର ଖେଳାଳି ଭାବେ ରିଟେନ୍‌ସନ୍ ତାଲିକାରେ ରହିଛନ୍ତି। ତାଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୩ କୋଟି ଟଙ୍କାରେ ନିଜ ପାଖରେ ରଖିଛି। ତାଙ୍କ ପଛକୁ ଭାରତୀୟ ତାରକା ବିରାଟ କୋହଲି (ଆର୍‌ସିବି) ଓ ୱେଷ୍ଟଇଣ୍ଡିଜ୍‌ର ନିକୋଲାସ ପୂରନ (ଏଲ୍‌ଏସ୍‌ଜି) ୨୧ କୋଟି ଟଙ୍କା ମୂଲ୍ୟରେ ରହିଛନ୍ତି। ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ନେଇସାରିଥିବା ଚେନ୍ନାଇ ସୁପରକିଙ୍ଗ୍ସର ମହେନ୍ଦ୍ର ସିଂହ ଧୋନି ଅଣଆନ୍ତର୍ଜାତିକ ଖେଳାଳି ଭାବେ ରିଟେନ୍ ହୋଇଛନ୍ତି।

ତେବେ କିଛି ତାରକା ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ନିଲାମ ପାଇଁ ମୁକ୍ତ କରିଛନ୍ତି। ଏଥିରେ ଭାରତର ତାରକା ଖେଳାଳି ଋଷଭ ପନ୍ତ (ଦିଲ୍ଲୀ କ୍ୟାପିଟାଲ୍ସ), କେଏଲ୍ ରାହୁଲ (ଏଲ୍‌ଏସ୍‌ଜି), ଶ୍ରେୟସ ଆୟର (କେକେଆର୍), ଦ୍ରୁତ ବୋଲର ଅର୍ଶଦୀପ ସିଂହ (ପଞ୍ଜାବ କିଙ୍ଗ୍ସ) ଏବଂ ବିଦେଶୀ ଖେଳାଳି ଜୋସ ବଟଲର (ରାଜସ୍ଥାନ ରୟାଲ୍ସ) ଓ ଗ୍ଲେନ ମ୍ୟାକ୍ସୱେଲ (ଆର୍‌ସିବି) ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ୫ ଜଣ ଖେଳାଳି ଯଶପ୍ରୀତ ବୁମ୍‌ରା (୧୮ କୋଟି), ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପଣ୍ଡ୍ୟା (୧୬.୩୫ କୋଟି), ରୋହିତ ଶର୍ମା (୧୬.୩୦ କୋଟି), ତିଳକ ବର୍ମା (୮ କୋଟି)ଙ୍କୁ ରଖିଛି। ମୋଟ ୧୨୦ କୋଟି ଟଙ୍କାରୁ ଆଗାମୀ ନିଲାମରେ ଖେଳାଳି କିଣିବାକୁ ୫୫ କୋଟି ଟଙ୍କା ବଳକା ରହିଛି। ମୁମ୍ବାଇ ପରି ଚେନ୍ନାଇ ସୁପର କିଙ୍ଗ୍ସ ୫ ଜଣ ଖେଳାଳିଙ୍କୁ ରଖିଛି। ସେମାନେ ହେଲେ ଋତୁରାଜ ଗାଏକ୍ୱାଡ (୧୮ କୋଟି), ମଥୀଶା ପଥୀରଣା (୧୩ କୋଟି), ଶିବମ ଦୁବେ (୧୨ କୋଟି), ରବୀନ୍ଦ୍ର ଜାଡ଼େଜା (୧୮ କୋଟି), ଏମ୍‌ଏସ୍ ଧୋନି (୪ କୋଟି)। ଦଳ ପାଖରେ ନିଲାମ ପୂର୍ବରୁ ୫୫ କୋଟି ଟଙ୍କା ବଳିଛି।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମାତ୍ର ୩ ଜଣ ଖେଳାଳି ବିରାଟ କୋହଲି, ରଜତ ପଟିଦାର (୧୧ କୋଟି) ଓ ଯଶ ଦୟାଲ (୫ କୋଟି)ଙ୍କୁ ରଖିଥିଲା ବେଳେ ନିଲାମ ଲାଗି ୮୩ କୋଟି ଟଙ୍କା ବଳକା ରଖିଛି। ଦିଲ୍ଲୀ କ୍ୟାପିଟାଲ୍ସ ୪ ଜଣ ଅକ୍ଷର ପଟେଲ (୧୬.୫ କୋଟି)ଙ୍କ ସହ କୁଲଦୀପ ଯାଦବ (୧୩.୨୫ କୋଟି), ଟ୍ରିଷ୍ଟନ ଷ୍ଟବ୍ସ (୧୦ କୋଟି), ଅଭିଷେକ ପୋରେଲ୍ (୪ କୋଟି)ଙ୍କୁ ରଖିଛି। ଦଳ ପାଖରେ ଆଉ ୭୩ କୋଟି ଟଙ୍କା ଅଛି। କୋଲ୍‌କାତା ନାଇଟ୍ ରାଇଡର୍ସ ନିୟମ ଅନୁସାରେ ସର୍ବାଧିକ ୬ ଜଣ ଖେଳାଳିଙ୍କୁ ରଖିଛି ଏବଂ ପାଖରେ ୫୧ କୋଟି ଟଙ୍କା ବଳକା ରହିଛି। ସେମାନେ ହେଲେ ରିଙ୍କୁ ସିଂହ (୧୩ କୋଟି), ବରୁଣ ଚକ୍ରବର୍ତ୍ତୀ, ସୁନିଲ ନାରାୟଣ, ଆନ୍ଦ୍ରେ ରସେଲ (୧୨ କୋଟି), ହର୍ଷିତ ରାଣା, ରମନଦୀପ ସିଂହ (୪ କୋଟି)। ସନ୍‌ରାଇଜର୍ସ ହାଇଦ୍ରାବାଦ ୫ ଜଣ କ୍ଲାସେଁ (୨୩ କୋଟି), ପ୍ୟାଟ୍ କମିନ୍ସ (୧୮ କୋଟି), ଅଭିଷେକ ଶର୍ମା, ଟ୍ରାଭିସ ହେଡ୍ (୧୪ କୋଟି), ନୀତୀଶ ରେଡ୍ଡୀ (୬ କୋଟି)ଙ୍କୁ ରଖିଥିଲା ବେଳେ ଦଳ ପାଖରେ ଆଉ ୪୫ କୋଟି ଟଙ୍କା ଅଛି।

ଗୁଜରାଟ ଜାଏଣ୍ଟ୍‌ସ ୫ ଜଣ ରସିଦ ଖାନ (୧୮ କୋଟି), ଶୁବମନ ଗିଲ୍ (୧୬.୫ କୋଟି), ସାଇ ସୁଦର୍ଶନ (୮.୫ କୋଟି), ରାହୁଲ ତିୱାତିଆ, ଶାହରୁଖ ଖାନ (୪ କୋଟି)ଙ୍କୁ ରଖିଛି। ଏବେ ଦଳ ପାଖରେ ୬୯ କୋଟି ଟଙ୍କା ବଞ୍ଚିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକାଶର...

ପ୍ରକଳ୍ପର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଓଡିଶାର ଯେଉଁ ବ୍ଲକରେ ଜଳସେଚନ ହାର କମ୍ ଅଛି ସେ ସବୁ ବ୍ଲକରେ ଅଧିକରୁ ଅଧିକ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅପର ଲାନ୍ତ ପ୍ରକଳ୍ପ ଏହି ପଦକ୍ଷେପର ଅଂଶ ବିଶେଷ। ଆଜିଠାରୁ ଆରମ୍ଭ ହେଲା ବଲାଙ୍ଗିର ବିକାଶର ଧାରା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ପରେ ଉଭୟ ଖରିଫ ଏବଂ ରବି ଋତୁରେ ୧୫ ହଜାର ଏକରରୁ ଅଧିକ ଜମି ଜଳସେଚିତ ହେବ ଏବଂ ଏହା ଦ୍ୱାରା ବେଲପଡା ବ୍ଲକର ୨୫ ଟି ଗାଁର ୩୮ ହଜାରରୁ ଅଧିକ ଚାଷୀ ଉପକୃତ ହେବେ। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଏଣିକି ଚାଷୀମାନେ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ଟଙ୍କା ପାଇବେ। ଧାନ ବିକ୍ରିରେ କଟନୀ ଛଟନି ରହିବ ନାହିଁ।

ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପାଟଣାଗଡ ଉପଖଣ୍ଡ ମେଡିକାଲ ଓ ଡାଏଲିସିସ୍ କେନ୍ଦ୍ର ଏବଂ ଟିଟଲାଗଡରେ ଏକ ଡାଏଲିସିସ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏଥି ସହିତ ପାଟଣାଗଡର ବହୁ ପ୍ରତିକ୍ଷିତ ବାଇପାସ୍ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୧୮ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ବାଇପାସ୍ ରୋଡରେ ୪ଲେନ୍ ବଶିଷ୍ଟ ରାସ୍ତା, ସୁବର୍ଣ୍ଣରେଖା ଓ ମାୟାବତୀ ନାଳ ଉପରେ ଦୁଇ ସେତୁ, ୨୮ଟି ନ୍ୟୁ ବକ୍ସ ସେଲ୍ କଲଭର୍ଟ ନିର୍ମାଣ ହେବ। ଏହି ବାଇପାସ ରୋଡ ଦ୍ୱାରା ପାଟଣାଗଡର ଟ୍ରାଫିକ୍ ସମସ୍ୟା ଦୂର ହେବ। ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ, ଏହାର କାର୍ଯ୍ୟ ଦ୍ରୁତ ବେଗରେ ଆଗେଇ ଚାଲିଛି। ଉଭୟ ପଟୁ ୧୫୨ କିଲୋମିଟରରୁ ଅଧିକ କାମ ସରିଯାଇଛି। ଖୁବ୍ ଶୀଘ୍ର ସୋନପୁରରୁ ପୁରୁଣା କଟକ ପର୍ଯ୍ୟନ୍ତ ୭୩ କିଲୋମିଟର ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ହେବ ଏବଂ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗିର ମଧ୍ୟରେ ରେଳ ଚାଲିବ। ଓଡିଶା ପ୍ରତି ଏହା ମୋଦୀଜୀଙ୍କ ଭଲପାଇବାର ନିଦର୍ଶନ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ବଲାଙ୍ଗିର ଜିଲ୍ଲାରେ ବିକାଶର ଗତି ଏକ୍ସପ୍ରେସ୍ ସ୍ପିଡ୍‌ରେ ଚାଲିଛି। ରାଜ୍ୟରେ ଡବଲ ଇଞ୍ଜିନ ଓ ବଲାଙ୍ଗିରରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। କାରଣ ଏହି ଜିଲ୍ଲାର ଦୁଇଜଣ ଜନପ୍ରତିନିଧି ଓଡିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏଥି ସହିତ ଅନେକ ସାଂସଦ ଓ ବିଧାୟକ ମଧ୍ୟ ଜିଲ୍ଲାରୁ ସରକାରୀ ଦଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଡବଲ ଇଞ୍ଜିନ ସରକାର ଓଡିଶାରେ ବିକାଶର ନୂଆ ଇତିହାସ ଲେଖିବା ପାଇଁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ପ୍ରସ୍ତୁତ ହେବାକୁ ଥିବା ଭିଜନ ଡକୁମେଣ୍ଟ ପାଇଁ ନିଜର ସୁଚିନ୍ତିତ ମତାମତ ଦେବା ପାଇଁ ଅନୁରୋଧ କରି କହିଥିଲେ ଆପଣମାନଙ୍କ ମତ ଓ ଭାଗୀଦାରିରେ ଆମେ ଗଢିବୁ ଆମ ସ୍ୱପ୍ନର ଓଡିଶା- ସମୃଦ୍ଧ ଓଡିଶା, ବିକଶିତ ଓଡିଶା। ବଲାଙ୍ଗିରରେ ୮ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ନୂତନ ସର୍କିଟ ହାଉସକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ, ଆମ ସରକାର କ୍ଷମତାକୁ ଆସିବା ପରେ ଏହି ସବୁ ପ୍ରକଳ୍ପର ଶୁଭାରମ୍ଭ ହୋଇଛି ଏବଂ ଏଗୁଡିକର ଉଦ୍‌ଘାଟନ ମଧ୍ୟ ଆମ ସରକାର କରିବେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲୋକ୍ଟ୍ରୋନିକସ ଓ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲବାର ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ।

### ଘୋଡ଼ା...

ଜଣେ ଇଞ୍ଜିନୟର ଭିଜିଲାନ୍ସ ହାତରେ ପଡ଼ିଛନ୍ତି। ଘୋଡ଼ାକୁ ଘାସର ଦାୟିତ୍ୱ ଦିଆଗଲେ, ଘାସ ସୁରକ୍ଷିତ ରହିବ କି? ଲୋୟର ସୁକତେଲ ନିର୍ମାଣ ପାଇଁ ଆସିଥିବା ଟଙ୍କା କୁଆଡ଼େ ଗଲା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଅପର ଲାନ୍ତ ଜଳସେଚନ ପ୍ରକଳ୍ପ ବେଲପଡା ତଥା ବଲାଙ୍ଗିର ଜିଲ୍ଲାରେ ଜଳସେଚନରେ ବିପ୍ଳବ ଆଣିବ। ଏହା ଏକ ବଳିଷ୍ଠ ପଦକ୍ଷେପ। ଏହାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରାଯିବ। ପୂର୍ବ ସରକାର ସମୟରେ ହୋଇଥିବା ଲୋୟର ସୁକତେଲ ପ୍ରକଳ୍ପର ଟଙ୍କା ବାଟମାରଣା ଭଳି ଭୁଲ ଆମ ସରକାରରେ ହେବ ନାହିଁ। ଲାନ୍ତ ନଦୀ ଉପରେ ୨୪୯୫ ମିଟର ଲମ୍ବା ଡ୍ୟାମରେ ଜଳ ବିଦ୍ୟୁତ ଶକ୍ତି ୟୁନିଟ୍ ଦ୍ୱାରା ୨୧୦ କିଲୋ ୱାଟ୍ ବିଜୁଳି ଉତ୍ପାଦନ ପାଇଁ ବ୍ୟବସ୍ଥା ମଧ୍ୟ ହେବ। ଏହି ପ୍ରକଳ୍ପ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ।

### ଡିମେନ୍‌ସିଆ...

ଆଗରେ ଲୋକେ ଏଥିପାଇଁ ପ୍ରତିବାଦ କରିଥିଲେ। ସେଠାରେ ସ୍ଥାନୀୟ ବିଧାୟକ ବିଭୀଷଣ ମାଝି ବି ଉପସ୍ଥିତ ଥିଲେ। ଲୋକଙ୍କ ଦୟନୀୟ ସ୍ଥିତି ସ୍ୱଚକ୍ଷୁରେ ଦେଖିବାପରେ ପୀଡିତ ପରିବାରକୁ କିଲୋ ୩ଟଙ୍କା ଦରରେ ମାସକୁ ୨୫ କିଲୋ ଚାଉଳ ଯୋଗାଇବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଜେଡ଼ିକୁ ବୋଧହୁଏ ଡିମେନ୍‌ସିଆ ବା ସ୍ମୃତିଭ୍ରମ ରୋଗ ହୋଇଛି। ଯେଉଁଥିପାଇଁ ସେମାନେ ତାଙ୍କ ସରକାର ଅମଳରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲି ଯାଉଛନ୍ତି। ଆଜି ୫ମାସର ମୋହନ ସରକାର ମୁଣ୍ଡରେ ଆମ୍ବଟାକୁଆ ଖିଆ ମୃତ୍ୟୁର ଅପବାଦ ଲଦୁଥିବା ବିଜେଡି ନେତାମାନେ ଭୁଲି ଯାଉଛନ୍ତି ଯେ ସେମାନେ ଏ ରାଜ୍ୟରେ ୨୫ବର୍ଷ ଶାସନ କରି ନିକଟରେ କ୍ଷମତା ଛାଡିଛନ୍ତି। ସେମାନଙ୍କ ଶାସନକଳରେ ବି ଲୋକେ ଆମ୍ବଟାକୁଆ ଖାଇ ଲୋକେ ମରିଛନ୍ତି। ଲୋକଙ୍କ ଆମ୍ବଟାକୁଆ ଖାଇବାର ଅଭ୍ୟାସକୁ ସେମାନେ ୨୫ବର୍ଷରେ କାହିଁକି ଛଡାଇ ପାରିଲେ ନାହିଁ ତାହାର ଜବାବ ରଖିବା ଆବଶ୍ୟକ।

ଏଥି ସହିତ ବିଜେଡି ସରକାର ୨୦୧୩ରେ ଗଠନ କରିଥିବା ଖାଦ୍ୟ କମିଶନର ରାଜନୀତିକରଣ ନେଇ ମଧ୍ୟ ଉତ୍ତର ରଖିବା ଆବଶ୍ୟକ। ଯେଉଁ କମିଶନରେ ଅଧ୍ୟକ୍ଷ ହେବାପାଇଁ ସୁରେଶ ମହାପାତ୍ରଙ୍କ ଭଳି ବ୍ୟକ୍ତି ଯୋଗ୍ୟ ହୋଇପାରିଲେ ନାହିଁ ସେଠାରେ ଅବନୀକାନ୍ତ ସାହୁଙ୍କ ଭଳି ଲୋକେ ଯୋଗ୍ୟ ହେଲେ କିଭଳି। କେଉଁ ଯୋଗ୍ୟତା ଆଧାରରେ କମିଶନରେ ସଂଯୁକ୍ତା ମହାନ୍ତି ସଦସ୍ୟ ନିଯୁକ୍ତି ହୋଇଥିଲେ ତାହାର ଉତ୍ତର ମଧ୍ୟ ବିଜେଡି ନେତାମାନେ ଦେବା ଆବଶ୍ୟକ। ଖାଦ୍ୟ ସୁରକ୍ଷା କମିଶନକୁ ରାଜନୈତିକ ଥଇଥାନ କେନ୍ଦ୍ର କରିବାର ଫଳ ଆଜି ଓଡ଼ିଶାବାସୀ ଭୋଗୁଛନ୍ତି। କାରଣ କମିଶନ ଯଦି ସକ୍ରିୟ ହୋଇଥାନ୍ତା ଓ ସାରା ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିଥାନ୍ତେ ତେବେ କନ୍ଧମାଳ ଜିଲ୍ଲାରେ ଏଭଳି ଦୁଃଖଦ ଘଟଣା ଘଟିନଥାନ୍ତା।

ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ଷମତା ଉପଭୋଗ କରିବାପରେ ଏବେ ଆମ୍ବଟାକୁଆ ଖାଇବାପାଇଁ ପାଞ୍ଚମାସର ସରକାରକୁ ଦୋଷ ଦେବାକୁ ସରକାରୀ ଦଳ ତ ଦୂରରକଥା ବିଜେଡି ଦଳର ଅନେକ ସଦସ୍ୟ ମଧ୍ୟ ନାପସନ୍ଦ କରୁଛନ୍ତି। ଯେଉଁ ବିଜେଡି ନେତାମାନେ ନୂଆ ସରକାରକୁ କଟୁ ସମାଲୋଚନା କରି ନିଜେ ମାଲିକଙ୍କୁ ଖୁସି କରୁଛନ୍ତି ସେମାନେ ଥରେ ମାଲିକଙ୍କ ଶାସନ ସମୟରେ ଆମ୍ବଟାକୁଆ ଖାଇବା ଖବରକୁ ପଢିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

### ଶିକ୍ଷା ସବୁ ସମସ୍ୟା...

ଠାରେ ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଢେଙ୍କାନାଳ ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତ ସ୍ୱାଧୀନତାକୁ ଭଲ ଭାବରେ ବୁଝିଥିବା କାରଣରୁ ବ୍ରିଟିଶମାନଙ୍କୁ ନଦୀ ପାର କରାଇ ନ ଥିଲେ। ଏଥିରେ ମୂଳ ବିଷୟ ଥିଲା ଦେଶପ୍ରେମ। ଏହି ଆଧାରରେ ପିଲାମାନଙ୍କୁ ଶିକ୍ଷାର ମୂଳ ଲକ୍ଷ୍ୟ ସହ ଯୋଡିବାକୁ ପଡିବ । ଆମ ଜୀବନ ସ୍ୱୟଂ ପାଇଁ ନୁହେଁ, ସମୂହ ପାଇଁ । ସ୍କୁଲ ଶିକ୍ଷା ପାଇଁ ଯୋଜନା କରିବା ସହ ପିଲାମାନଙ୍କ ଜ୍ଞାନର ବିକାଶ, ବ୍ୟକ୍ତିତ୍ୱ, ଚରିତ୍ର ଗଠନର ଦାୟିତ୍ୱ ନେବା ପାଇଁ ପଡିବ । ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ବୈଷ୍ଣବ ଚରଣ ପଟ୍ଟନାୟକ, ଶହୀଦ ବାଜି ରାଉତ, ମହେଶ ଚନ୍ଦ୍ର ସୁବାହୁ ସିଂ, ସାରଙ୍ଗଧର ଦାସ ଓ ମୂଷା ମଲିକଙ୍କ ପରି ନେତୃତ୍ୱଙ୍କ ବିଚାରରେ ଦେଶସେବାରେ ବ୍ରତୀ ହୋଇ ୨୦୩୬ ଓ ୨୦୪୭ ମସିହା ସୁଦ୍ଧା ବୈଶ୍ୱିକ ନାଗରିକଙ୍କ କଲ୍ୟାଣ ପାଇଁ ଏବେ ଠାରୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଶ୍ରୀ ପ୍ରଧାନ ଅପିଲ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ଢେଙ୍କାନାଳ ସ୍ୱତନ୍ତ୍ର ଜିଲ୍ଲାର ଅଧିକାରୀ। ସବୁ ସମସ୍ୟାର ସମାଧାନର ଚାବିକାଠି ଶିକ୍ଷାରେ ଅନ୍ତର୍ନିହିତ ଅଛି। ସତ୍ୟବାଦୀ ସରକାରୀ ହାଇସ୍କୁଲର ୫୦ ବର୍ଷ ପୂର୍ତ୍ତି ହେବା ଢେଙ୍କାନାଳ ଜିଲ୍ଲା ପାଇଁ ଏକ ଗୌରବମୟ ଉପଲବ୍ଧି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ,ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ କାର୍ଯ୍ୟକାରୀ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ସାମର୍ଥ୍ୟ ବା ଯୋଗ୍ୟତା, ମାତୃଭାଷାରେ ଶିକ୍ଷା ପ୍ରଦାନ, ଶିକ୍ଷାର ମୂଳକୁ ମଜଭୂତ କରିବା ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି ବୋଲି ମତଦେଇ ଶ୍ରୀ ପ୍ରଧାନ କହିଥିଲେ, ଟେକ୍ନୋଲୋଜି ଯୁଗରେ ଡିଗ୍ରୀ ଓ ସାର୍ଟିଫିକେଟ୍ ଅପେକ୍ଷା ଦକ୍ଷତା ଅଧିକ ମହତ୍ତ୍ୱ ରଖୁଛି। ସତ୍ୟବାଦୀ ସରକାରୀ ହାଇସ୍କୁଲ ଢେଙ୍କାନାଳରେ ଶିକ୍ଷାର ପରମ୍ପରାକୁ ଆଗକୁ ନେବ ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଏକ ସ୍ମରଣିକା ଉନ୍ମୋଚନ ସହ ସ୍କୁଲର ପ୍ରତିଷ୍ଠାତା ସଦସ୍ୟମାନଙ୍କ ପରିବାରକୁ ସମ୍ମାନିତ କରିଥିଲେ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ସ୍କୁଲ ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ଯୋଗଦେବା ସହ ପୃଥକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଏପରି ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିକୁ ଧନ୍ୟବାଦ ଦେବା ସହ ଏହି କାର୍ଯ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଜସେବା ଓ ପରିବେଶ ସୁରକ୍ଷାର ମନୋଭାବ ତିଆରି କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ।

### ମୋ ବସ୍...

ଓ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ନନ୍ଦନକାନନ-ଜୟଦେବବିହାର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେହି ରୁଟ୍‌ରେ ଯାତାୟାତ କରୁଥିବା ମୋ ବସ୍‌ଗୁଡ଼ିକୁ ଉତ୍ତ୍ୟକ୍ତ ଲୋକେ ଅଟକାଇଥିଲେ। ପ୍ରାୟ ୧୫ଟି ମୋ ବସ୍ ରାସ୍ତାରେ ଅଟକି ରହିଥିଲା। ବେପରୁଆ ଡ୍ରାଇଭ୍ ପାଇଁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

### ଆଜି...

ହୋଇଛି । ସବୁ ବିଭାଗର ରିପୋର୍ଟ ରବିବାର ପ୍ରଦାନ କରାଯିବ। କେବଳ ଶକ୍ତି ବିଭାଗର ରିପୋର୍ଟ ଟିକେ ବିଳମ୍ବ ହେବ । ରିପୋର୍ଟ ପାଇଲା ପରେ ପ୍ରଥମେ ଫସଲ ଓ ଘରର କ୍ଷତିପୂରଣ ଦିଆଯିବ। ପରେ ବିଭିନ୍ନ ବିଭାଗର କ୍ଷତି ପୂରଣ ଦିଆଯିବ । କେନ୍ଦ୍ରୀୟ ଟିମ୍ ମଧ୍ୟ କ୍ଷୟକ୍ଷତିର ଆକଳନ ପାଇଁ ଆସିବାର ଅଛି। ଖୁବଶୀଘ୍ର ଆସି କ୍ଷୟକ୍ଷତି ଆକଳନ କରିବେ। କେନ୍ଦ୍ରୀୟ ଟିମ ଆକଳନ କଲେ କେନ୍ଦ୍ରରୁ କ୍ଷତିପୂରଣ ଟଙ୍କା ଆସିବ। ତା’ ଆଗରୁ ରାଜସ୍ୱ ବିଭାଗରେ ଥିବା ଅର୍ଥ କ୍ଷତିଗ୍ରସ୍ତମାନଙ୍କୁ ପ୍ରଦାନ କରାଯିବ । ଓଡ଼ିଶା ମଧ୍ୟ କେନ୍ଦ୍ର ସରକାରଙ୍କୁ କ୍ଷୟକ୍ଷତିର ତଥ୍ୟ ପ୍ରଦାନ କରିବ । ଏହାସହ ଅନ୍ୟ ଜିଲ୍ଲାମାନଙ୍କରେ ହୋଇଥିବା କ୍ଷତି ମଧ୍ୟ ଆକଳନ କରି କ୍ଷତିପୂରଣ ଦିଆଯିବ ବୋଲି ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ କହିଛନ୍ତି।

### ଇଡି ସ୍କାନରରେ...

ବିଜୟୀ ହୋଇଛନ୍ତି। ତେବେ ଭଣ୍ଡାରୀପୋଖରୀ ବିଧାୟକ ଥିବା ପ୍ରଫୁଲ ସାମଲ ଇଡି ଜେରାର ସମ୍ମୁଖୀନ ହେଲାପରେ ବିଜେଡି ତାଙ୍କୁ ଭଦ୍ରକରୁ ଲଢାଇଥିବାବେଳେ ସିଏ ପରାଜିତ ହୋଇଛନ୍ତି। ଏବେ ଇଡି ସ୍କାନରେ ସଞ୍ଜିବ-ମିହିର ଥିବାବେଳେ ଆଗକୁ ଏହା କେଉଁ ମୋଡ ନେଉଛି ତାହା ଉପରେ ସମସ୍ତଙ୍କ ନଜର।

### ତାଲିକାରେ ୨୪...

ଯୋଜନା କରିଛନ୍ତି ସରକାର। ଅଫିସରଙ୍କ ସହ ସଂପୃକ୍ତ ଥିବା ରାଜନେତା ଓ ହେଭିୱେଟଙ୍କ ଲିଙ୍କ ଖୋଜିବା ପାଇଁ ଇଡିକୁ ଫାଇଲ ଦିଆଯାଇଥିବା ଚର୍ଚ୍ଚା ଜୋର ଧରିଛି । ଯେଉଁ ଅଫିସରଙ୍କ ତାଲିକା ଇଡିକୁ ଦିଆଯାଇଛି ସେମାନଙ୍କ ମଧ୍ୟରେ ଅଛନ୍ତି ଓବିସିସିର ପୂର୍ବତନ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ପ୍ରଦୀପ କୁମାର ରଥ, ଭଞ୍ଜନଗର ଜଳସେଚନ ବିଭାଜନର ପୂର୍ବତନ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ପୂର୍ବତନ ମୁଖ୍ୟ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ର, ବାଲେଶ୍ୱର ଜଳସେଚନ ବିଭାଜନର ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନ, ଲୋୟର ସୁକତେଲ ପ୍ରକଳ୍ପର ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ, ପୂର୍ବତନ ଖଣି ଉପନିର୍ଦ୍ଦେଶକ, ତାଳଚେର ଧରଣୀଧର ନାୟକ, ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଭି. ହରିହର ରାଓ, ପୂର୍ବତନ ମୁଖ୍ୟ ଯନ୍ତ୍ରୀ, କେନ୍ଦୁଝର କୈଳାସ ଚନ୍ଦ୍ର ସାହୁ, ପୂର୍ବତନ ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ର, ଓ ପୂର୍ବତନ ଆଠଗଡ ବିଡିଓ ପ୍ରଦୀପ କୁମାର ସାହୁ ପ୍ରମୁଖ।

### ଜାମବଣି ପଞ୍ଚାୟତରେ ଅନାସ୍ଥା ଭୋଟ
## ରାଜେନ୍ଦ୍ର ହେଲେ ନୂତନ ସରପଞ୍ଚ



**ଉଦଳା, ୨।୧୧ (ସଂଚାର ବ୍ୟୁରୋ):** କପ୍ତିପଦା ବ୍ଲକ୍ ଅନ୍ତର୍ଗତ ଜାମବଣୀ ପଞ୍ଚାୟତରେ ଆଜି ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ସରପଞ୍ଚ ପିଙ୍କି ମାଝୀ ପଞ୍ଚାୟତରେ କରୁଥିଲେ ମନମାନି ଓ ଦୁର୍ନୀତି । ଯାହାକୁ ନେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ପଞ୍ଚାୟତର ୧୦ ଜଣ ୱାର୍ଡ ମେମ୍ବର କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ନିକଟରେ ଅକ୍ଟୋବର ୫ ତାରିଖ ଦିନ ଦ୍ୱାରସ୍ଥ ହୋଇଥିଲେ । ତେବେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଦଳା ବିଡ଼ିଓ ତୃପ୍ତି ବରାଇଙ୍କୁ ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱ ଦେଇ ଆଜି ହୋଇଥିଲା ଅନାସ୍ଥା ଉପ ନିର୍ବାଚନ। ଆଉ ଏହି ଅନାସ୍ଥା ଉପନିର୍ବାଚନରେ ୯ ୱାର୍ଡ ମେମ୍ବରଙ୍କ ସମର୍ଥନରେ ନୂତନ ସରପଞ୍ଚ ଭାବେ ନିର୍ବାଚିତ ହେଲେ ଜାମବଣୀ ପଞ୍ଚାୟତର ନାଏବ ସରପଞ୍ଚ। ଜାମବଣି ପଞ୍ଚାୟତର ଏହି ଅନାସ୍ଥା ଉପନିର୍ବାଚନରେ ପୂର୍ବତନ ସରପଞ୍ଚ ପିଙ୍କି ମାଝୀଙ୍କ ବିରୋଧରେ ନିର୍ବାଚନ ହୋଇଥିବା ବେଳେ ୧୧ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୯ ଜଣ ୱାର୍ଡ ମେମ୍ବର ପଞ୍ଚାୟତର ନାଏବ ସରପଞ୍ଚ ରାଜେନ୍ଦ୍ର ନାଏକଙ୍କୁ ସମର୍ଥନ ଜଣାଇ ଭୋଟ ଦେଇଥିଲେ । ପୂର୍ବତନ ସରପଞ୍ଚଙ୍କ ସପକ୍ଷରେ ଗୋଟିଏ ଭୋଟ ପଡିଥିଲା। ଯାହାକି ଜାମବଣି ପଞ୍ଚାୟତର ନୂତନ ସରପଞ୍ଚ ଭାବେ ରାଜେନ୍ଦ୍ର ନାଏକ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଜିତିବା ପରେ ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ଉନ୍ନତି ଦିଗରେ କାମ କରିବା ସହିତ ଲୋକଙ୍କ ସମସ୍ୟାକୁ ପ୍ରାଧାନ୍ୟତା ଦେବା ସହିତ ପ୍ରାଥମିକତା ଦେବେ ବୋଲି କହିଛନ୍ତି ନବ ନିର୍ବାଚିତ ସରପଞ୍ଚ ରାଜେନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ।

## ମାଓକ୍ୟାମ୍ପ ଠାବ, ବିସ୍ଫୋରକ ଜବତ



**ନୂଆପଡ଼ା, ୨।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଓ ପାଟଧରା ସଂରକ୍ଷିତ ଜଙ୍ଗଲରେ ଏସଓଜି ଯବାନଙ୍କ ଦ୍ୱାରା ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ପାଟଧରା ସଂରକ୍ଷିତ ଜଙ୍ଗଲ ରୁ ଭଇଁଷମୁଣ୍ଡି ଏବଂ ବାହାଦୁରପାଣି ଗାଁ ନିକଟରୁ ଏକ ମାଓ କ୍ୟାମ୍ପ ଠାବ ହୋଇ ଥିବା ବେଳେ ମାଓ କ୍ୟାମ୍ପରୁ ବିପୁଳପରିମାଣ ର ମାଓ ସାମଗ୍ରୀ ସହ ବିସ୍ଫୋରକ ଜବତ ହୋଇଥିବା ନୂଆପଡା ଜିଲ୍ଲା ଆରକ୍ଷୀ ସୂଚନା ଦେଇଛନ୍ତି। ଏସପି ଙ୍କ ମିଳିଥିବା ସୂଚନା ଅନୁସାରେ ପାଟଧରା ସଂରକ୍ଷିତ ଜଙ୍ଗଲର ବାହାଦୁରପାନୀ ଗାଁ ଏବଂ ଭଇଁଷମୁଣ୍ଡି ଗାଁ ନିକଟସ୍ଥ ଜଙ୍ଗଲ ନିକଟରେ ମାଓବାଦି ସଂଗଠନ ଏକ କ୍ୟାମ୍ପ କରି ରହିଥିବା ବିଶେଷ ସୂତ୍ରରୁ ଖବର ପାଇ ନୂଆପଡା ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଓଜି ଯବାନଙ୍କ କୁମ୍ବିଙ୍ଗ ଅପରେସନ ସମୟରେ ମାଓ ଏବଂ ଯବାନଙ୍କ ମଧ୍ୟ ରେ ମୁହାଁମୁହିଁ ହୋଇଥିବା ବେଳେ ମାଓବାଦୀ ମାନେ କ୍ୟାମ୍ପ ଛାଡି ଛତ୍ର ଭଙ୍ଗ ଦେଇଥିଲେ ! ପରେ କ୍ୟାମ୍ପ ରେ ଯବାନ ଙ୍କ ସର୍ଚ୍ଚ ଅପରେସନ ରେ କ୍ୟାମ୍ପ ରୁ ୫୦୦ଟି ଇଲେକଟ୍ରିକ ଡିଟୋ ନେଟର ଶହ ସୁରକ୍ଷା ଫିୟୁଜ ରିଲ, ୫ ଗୋଟି ଆଇଇଡ଼ି ସୁଇଚ,ଦୁଇ ଗୋଟି ଏସବିଜୀଏଲ, ଗୋଟିଏ ଜେଲାଟିନ୍ ବାଡି ସହ ବିପୁଳ ପରିମାଣ ରେ ବିଭିନ୍ନ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି ! ମାଓ କ୍ୟାମ୍ପ ଠାବ ହେବା ପରେ ଅନ୍ୟ ପଟେ କୁମ୍ବିଙ୍ଗ ଅପରେସନ କୁ ଜୋରଦାର କରାଯାଇ ପୋଲିସ ସର୍ଚ୍ଚ ଅପରେସନକୁ ଜୋରଦାର କରିଥିବା ନୂଆପଡା ଏସପି ଜି ଆର ରାଘବେନ୍ଦ୍ର ପ୍ରକାଶ କରିଛନ୍ତି।

# ବିଧବା ସୁମିତ୍ରାଙ୍କ ପାଇଁ ଆବାସ ସାତ ସପନ

- ଭଙ୍ଗା କୁଡିଆରେ ବିତୁଛି ଜୀବନ
- ଶେଷ ସମୟରେ କୋଠା ଘରେ ରହିବା ଇଚ୍ଛା



**କାକଟପୁର/ଅସ୍ତରଙ୍ଗ, ୨।୧୧ (ସଂଚାର ବ୍ୟୁରୋ):** ଗରିବ ଶ୍ରେଣୀର ଲୋକ ଅଥବା ବାସହୀନଙ୍କୁ ଘର ଯୋଗାଇବାକୁ ସରକାର ଯୋଜନା କରିଛନ୍ତି। ହିତାଧିକାରୀଙ୍କ ପାଇଁ ମୋ କୁଡ଼ିଆ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରହିଛି । ହେଲେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏମିତି ଏକ ଘଟଣା ପୁରୀ ଜିଲ୍ଲା କାକଟପୁର ବ୍ଲକ ଲତାହରଣ ପଂଚାୟତ ବାଉରୀଆକଣ ଗାଁରେ ଦେଖିବାକୁ ମିଳିଛି।



ଏହି ଗାଁରେ ବସବାସ କରୁଥିବା ବିଧବା ବୃଦ୍ଧା ସୁମିତ୍ରା ଜେନା (୮୦)। ସ୍ୱାମୀ ଆରପାରିକୁ ଚାଲିଯିବା ପରେ କେହିନଥିବାରୁ ଭଙ୍ଗା ନୁଆଁଣିଆ ଘରେ ରହୁଛନ୍ତି। ସୁମିତ୍ରା। ନୂଆଣିଆ ଚାଳ ଛପର ଘର, ଠାଏ ଠାଏ ଘରର ଛପର ଉଡି ଗଲାଣି । ଜରୀ ପାଲ ପକାଇ ଛପରକୁ ଅଟକା ଯାଇଛି। ଛପରକୁ ଟେକି ଧରିଥିବା ବାଉଁଶ ବି ଉଇ ଖାଇଗଲାଣି । ସରକାରୀ ସହାୟତା କେବଳ ରାସନ କାର୍ଡରେ ଚାଉଳ ୫କିଲୋ ଓ ବିଧବା ଭତ୍ତାରେ କଷ୍ଟମଷ୍ଟେ ଦିନ କଟୁଚି । କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଆବାସ ଖଣ୍ଡେ ପାଇଁ ପଂଚାୟତରୁ ବ୍ଲକ ଦୌଡି ଦୌଡି ବୃଦ୍ଧା ଥକି ଗଲେଣି। ସୁମିତ୍ରାଙ୍କ ପାଇଁ ଗ୍ରାମବାସୀ ଘର ଖଣ୍ଡିଏ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବୀ କରିଛନ୍ତି।

ସ୍ୱାମୀ ଚାଲିଗଲା ପରେ ବଳହୀନ ହୋଇଛନ୍ତି ସୁମିତ୍ରା। ୮୦ବର୍ଷୀୟ ବୃଦ୍ଧା ସୁମିତ୍ରା ଜେନା ହାତ ଥରୁଥିବା ବେଳେ ବଂଚିବା ପାଇଁ ରୋଷେଇ ଥରି ଥରି କରୁଛନ୍ତି । ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ଆବାସ ତାଲିକାରେ ନାଁ ଥିଲେ ପାଇପାରୁ ନାହାନ୍ତି ଘର। ସୁମିତ୍ରାଙ୍କ ଶେଷ ଇଚ୍ଛା ମରିବା ପୂର୍ବରୁ ଟିକେ ଛାତ ଘରେ ରହିବେ। ଏ ନେଇ କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ କହିଛନ୍ତି ଆଗାମୀ ଦିନରେ ନୂତନ ଆବାସ ଯୋଜନା ଅନ୍ତର୍ଭୁକ୍ତ କରି ବୃଦ୍ଧାଙ୍କୁ ଯୋଗାଇଦେବେ ବୋଲି ବିଡ଼ିଓ ପ୍ରତିଶୃତି ଦେଇଛନ୍ତି ।

ତେବେ କାକଟପୁର ବିଡ଼ିଓଙ୍କ ପ୍ରତିଶୃତି ଅପେକ୍ଷା ବିଧବା ବୃଦ୍ଧାଙ୍କ ଜୀବନର ଶେଷ ସମୟ ନୂତନ ଆବାସରେ କଟୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଢେଙ୍କାନାଳରେ ଭବ୍ୟ ସ୍ୱାଗତ

**ଢେଙ୍କାନାଳ, ୨।୧୧ (ସଂଚାର ବ୍ୟୁରୋ):** ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ସୁଯୋଗ୍ୟ ସନ୍ତାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳକୁ ଦିନିକିଆ ଗସ୍ତରେ ଆସି ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ପହଁଚିବା ମାତ୍ରେ ଢେଙ୍କାନାଳ ବିଜେପି ତରଫରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସମେତ ବିଜେପିର ବରିଷ୍ଠ ନେତା ତଥା ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ନଗରପାଳିକା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନବୀନ ଚନ୍ଦ୍ର ନାରାୟଣ ଦାସ, ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଶିବପ୍ରସାଦ ସାହୁ, ଇତିଶ୍ରୀ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରାସବିହାରୀ ବେହେରା, ରତିକାନ୍ତ ସାହୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, କୋଦଣ୍ଡଧର ସାହୁ, ସୁରେଶ ପାଣିଗ୍ରାହୀ, ସରୋଜ ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବୁଦ୍ଧିଜୀବୀ ସେଲ୍‌ଫର ଆବାହକ ପ୍ରମୋଦ ନନ୍ଦ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ମହାଦୀପ ଯଶୋବନ୍ତ ମହିମା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଶାନ୍ତ ପ୍ରଧାନ, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେଇ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସହଦେବ ପୃଷ୍ଟି, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜନ ପାଣି, ସତ୍ୟ ଭୂଷଣ ଭୂୟାଁ, ଜିଲ୍ଲା ଆଇଟି ସେଲ୍‌ଫ ପ୍ରଭାରୀ ରମ୍ୟ ରଞ୍ଜନ ମହାପାତ୍ର, ନଗରମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ମନ୍ତ୍ରୀଙ୍କ ପୌର ପ୍ରତିନିଧି ସନ୍ତୋଷ ରାଉତ, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ପଦ୍ମଭୂଷଣ ସାହୁ, ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲାର ବହୁ ବରିଷ୍ଠ ନେତୃବୃନ୍ଦ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଉତରୀୟ ଓ ଫୁଲତୋଡା ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ମତ୍ସ୍ୟଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କୋଣାର୍କ, ୨।୧୧ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅନ୍ତର୍ଗତ ତଥା କାକଟପୁର ବ୍ଲକ ଅବଦାନ ପଞ୍ଚାୟତ ସିଂହାରପାଳ ଓ ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ତଣ୍ଡାହର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଶନିବାର ମତ୍ସ୍ୟଚାଷ ସମ୍ବନ୍ଧିୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସହକାରିତା ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜାତୀୟ ସହକାରୀ ଉନ୍ନୟନ ନିଗମ (ଏନସିଡ଼ିସି) ଓଡିଶା ପକ୍ଷରୁ ପରିଚାଳନା କରାଯାଇଥିଲା। ବିଶେଷକରି ମତ୍ସ୍ୟ ଚାଷୀ ଏଓ୍ୱଂ ମତ୍ସ୍ୟ ସମବାୟ ସମିତିର ସଦସ୍ୟ ମାନଙ୍କ ପାଇଁ ବ୍ୟାପକ ସଚେତନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ ଗ୍ରାମରେ ଶତାଧିକ ମହିଳା ଓ ପୁରୁଷ ମତ୍ସ୍ୟଜୀବୀ ମାନେ ଉପସ୍ଥିତ ରହି ମତ୍ସ୍ୟ ଚାଷ ସମ୍ବଧରେ ବ୍ୟାପକ ଶିକ୍ଷା ଲାଭ କରିଥିଲେ। ଏନସିଡ଼ିସି ପଦାଧିକାରୀ ଶ୍ରୀଯୁକ୍ତ ଅଭୟ କୁମାର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ରାଜେଶ୍ କୁମାର ରାଉତରାୟ ଓ ଏନସିଡ଼ିସି କର୍ମଚାରୀ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ମତ୍ସ୍ୟ ଚାଷ ସମ୍ବଧରେ ଅଧିକ ସୁଚନା ମିଳିଲା ଓ ଆଗକୁ ଏହା ଚାଷୀ ମାନଙ୍କୁ ସହଯୋଗ ଓ ସହାୟତା ପ୍ରଦାନ କରିବ ବୋଲି ପ୍ରଶିକ୍ଷଣ ନେଇଥିବା ଚାଷୀ ମାନେ ମତ ପ୍ରକାଶ କରିଥିଲେ।

## ଗଛରେ ବାନ୍ଧି ଯୁବକଙ୍କୁ ନିସ୍ତୁକ ମାଡ଼



**ଭିଡିଓ ଭାଇରାଲ, ଥାନାରେ ଅଭିଯୋଗ**

**ନୟାଗଡ଼, ୨।୧୧ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ । ଭାଇରଲ୍ ହେଉଛି ଅମାନୁଷିକ ଭାବେ ମାଡ଼ ମାରିବାର ଭିଡ଼ିଓ। ଫତେଗଡ ଥାନା ବଡ଼ସହରା ଗାଁର ଜଣେ ଯୁବକଙ୍କ ହାତକୁ ଗଛରେ ବାନ୍ଧି ଅତି ଅମାନୁଷିକ ଭାବେ କିଛି ଲୋକ ମାଡ଼ ମାରୁଥିବା ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି । ଆକ୍ରମଣର ଶିକାର ଯୁବକ ଜଣକ ହେଲେ ବଡ଼ସହରା ଗାଁର ଅରୁଣ ମୂଳି। ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ତାଙ୍କ ହାତ ଗଛରେ ବାନ୍ଧି ଦିଆ ଯାଇଥିବା ବେଳେ ସେ ଆକ୍ରମଣକାରୀମାନଙ୍କୁ ପ୍ରତିରୋଧ କରିପାରୁ ନାହାନ୍ତି। ଜଣେ ମହିଳା ଓ ପୁରୁଷ ହାତରେ କାଠ ଫାଳିଆ ଧରି ତାଙ୍କୁ ମାଡ଼ ମାରୁଥିବା ବେଳେ ଜଣେ ବ୍ୟକ୍ତି ତାଙ୍କ ହାତରେ ଉପରେ ଗୋଡ଼ ରଖି ହାତ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଭଳି ଭିଡିଓରୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। କେଉଁ କାରଣ ପାଇଁ ଏଭଳି ବର୍ବରତା ଘଟଣା ଘଟିଛି। ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ। ଅରୁଣ ଜଣେ ଗାଡ଼ି ଚାଳକ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ରୁହନ୍ତି। ଏପଟେ ତାଙ୍କ ପରିବାରକୁ ଗାଁରେ ବାସନ୍ଦ କରାଯାଇ ନଳକୂପ ବ୍ୟବହାର କରିବାକୁ ବାରଣ କରାଯାଇଛି। ଆଜି ଅରୁଣ ଗାଁରେ ପହଞ୍ଚି ଜୋର ଜବରଦସ୍ତ ନଳକୂପ ବ୍ୟବହାର କରିଥିବାରୁ ଏମିତି ଘଟଣା ଘଟିଥିବା ଶୁଣିବାକୁ ମିଳିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଥିଲା କିନ୍ତୁ ସେ ଗୁରୁତର ଥିବାରୁ ଯୁବକ ଅରୁଣଙ୍କୁ ଭୁବନେଶ୍ୱରସ୍ଥିତ ହସ୍ପିଟାଲ୍ ପଠାଯାଇଛି। ଏନେଇ ଅରୁଣଙ୍କ ଧର୍ମପତ୍ନୀ ଫତେଗଡ଼ ଥାନାର ଦ୍ୱାରସ୍ତ ହୋଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

### ବେନିୟମ ଭାବେ ଚାଲିଛି
## ଚୁଲିଆପୋଷି ହାପି ହୋଲି ହୋମ

**ଉଦଳା, ୨।୧୧ (ସଂଚାର ବ୍ୟୁରୋ):** ସବୁ ନିର୍ଦ୍ଦେଶନାମାକୁ ବେଖାତିର କରି ନିୟମକୁ ଦଳି ମକଚି ଚାଲିଛି ବେଆଇନ ଭାବେ ହାପି ହୋଲି ହୋମ । ବିନା କୌଣସି ରେଜିଷ୍ଟ୍ରେସନରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ରଖା ଯାଇ ଭବିଷ୍ୟତ ସହିତ ଖେଳା ଯାଉଛି ସାଙ୍ଘାତିକ ଖେଳ। ଏଭଳି କିଛି ସାଙ୍ଘାତିକ ସତ ସାମ୍ନାକୁ ଆସିଛି ଉଦଳା ଶିକ୍ଷା ଅଧିକାରୀଙ୍କ ତଦନ୍ତ ପରେ । ଯାହାକି ଉକ୍ତ ହେପି ହୋଲି ହୋମ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରି ଚିଠି ଲେଖିଛନ୍ତି ବିଇଓ ।

ଉଦଳା ବ୍ଲକ ଚୁଲିଆପୋଷି ଠାରେ ହାପି ଏଣ୍ଡ ହୋଲି ହୋମ ସୋସାଇଟି କରି ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖାଯାଉଛି । ଏବଂ ଛାତ୍ରଛାତ୍ରୀମାନେ ସେହିଠାରେ ରହି ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷା ଅଧ୍ୟୟନ କରୁଛନ୍ତି । ହେଲେ ଉକ୍ତ ହାପି ହୋଲି ହୋମରେ ନା ଅଛି ସୁରକ୍ଷା ନା ମିଳୁଛି କୌଣସି ଅନୁଦାନ । ହେଲେ ସେଠାରେ ବେନିୟମ ଭାବେ ଛାତ୍ରୀମାନଙ୍କୁ ରଖାଯାଉଛି, ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଉଦଳା ବିଇଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପାଇବା ପରେ ଉଦଳା ବିଇଓ ଚୁଲିଆପୋଷି ହାପି ହୋଲି ହୋମରେ ପହଞ୍ଚି ତଦନ୍ତ କରିବା ସମୟରେ ଉକ୍ତ ସଂସ୍ଥାର କୌଣସି ରେଜିଷ୍ଟ୍ରେସନ ନ ଥିବା ଜାଣିବାକୁ ପାଇଥିଲେ । ଏହା ସହିତ ଉକ୍ତ ହାପି ହୋଲି ହୋମକୁ ଦୁଇ ଦିନ ମଧ୍ୟରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବିଇଓ। ବେନିୟମ ଭାବେ ଉକ୍ତ ହୋମରେ ଛାତ୍ରୀମାନଙ୍କୁ ରଖା ଯାଉଥିବା ତଦନ୍ତରେ ସ୍ପଷ୍ଟ ହେବା ପରେ ସେ ବାବଦରେ ସମସ୍ତ ତଥ୍ୟ ଦେବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି ଉଦଳା ବିଇଓ । ଯାହାକି ତଦନ୍ତ ଖୋଲି ଦେଇଛି ବେଆଇନ ସଂସ୍ଥାର ଅସଲ ଗୁମର ।

ଅନ୍ୟପଟେ ବେଆଇନ ସଂସ୍ଥା ଚାଲିବା ବାବଦରେ ହାପି ହୋଲି ହୋମର ସୁପରିଟେଣ୍ଡେଣ୍ଟ ରୁବେନ୍ଦ୍ର କରୋଡାଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନାରୁ ଦୌଡ଼ିଥିଲେ, ଦେଖାଇଥିଲେ ତୋଡ ଏବଂ ଯିଏ ଯାହା ଚିଠି କରିଲେ ଆମେ କଣ ମାନି ନେବୁ ବୋଲି ଓଲଟା କହିଥିଲେ ।

# ନବନିର୍ମାଣ କୃଷକ ସଂଗଠନର ବୈଠକ

**ବଡ଼ମ୍ବା, ୨।୧୧ (ସଂଚାର ବ୍ୟୁରୋ):**ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବଡ଼ମ୍ବା ଶାଖାରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବୈଷ୍ଣବ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଜୟ ଦଳବେହେରା ଓ ସଙ୍ଗଠନର ଜିଲ୍ଲା ସଂଯୋଜକ ବିଚିତ୍ର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଲେ, ସରକାର ଯେଉଁ ୮୦୦ ଟଙ୍କା କ୍ୱିଣ୍ଟାଲ ପିଛା ଧାନର ଦର ବୃଦ୍ଧି କରିଛନ୍ତି ଓ କଟନି ଛଟନି ବନ୍ଦ କରିବା ପାଇଁ ଘୋଷଣା କରିଛନ୍ତି ଏଥିପାଇଁ ଧନ୍ୟବାଦର ପାତ୍ର। ମାତ୍ର, ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ୩୫୦୦ ଲେଖାଏଁ ଦେବାକୁ କହି ଯେଉଁ ଭଳି ଭଣ୍ଡାଉଛନ୍ତି ଏହା ନିନ୍ଦନୀୟ। ବିଧାୟକଙ୍କୁ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଦାବିପତ୍ର ଦେଇଛୁ। ବୟସ୍କ ଭତ୍ତାଧାରୀଙ୍କୁ ୩୫୦୦ ଲେଖାଏଁ ଭତ୍ତା ନଦେଲେ ଆମେ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବୁ ବୋଲି ଶ୍ରୀ ପଣ୍ଡା କହିଥିଲେ।



ବିଧାୟକ ଶ୍ରୀ ଦଳବେହେରା ତାଙ୍କ ବକ୍ତବ୍ୟରେ କହିଲେ, ଚାଷୀଙ୍କ ସ୍ୱାର୍ଥ ଓ ସମସ୍ୟାର ସମାଧାନ ପାଇଁ ସରକାର ସର୍ବଦା ଜାଗ୍ରତ ଅଛି। ଭତ୍ତାଧାରୀଙ୍କ ସମସ୍ୟା ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବି। ଏହି ଅବସରରେ ଚାଷୀ ନେତା ସରୋଜ କୁମାର ନାୟକ, ପୂର୍ବତନ ସଂଯୋଜକ ଗଦାଧର ବିଶ୍ୱାଳ, ପୂର୍ବତନ ସହସଂଯୋଜକ ବାପିନ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ଥୋଡ଼ ଧାନରେ ଚକଡା ପୋକ
### ଚିନ୍ତାରେ ଚାଷୀ

**କଣାସ, ୨।୧୧ (ସଂଚାର ବ୍ୟୁରୋ):** ଧାନଗଛରେ ଥୋଡ଼ୁଅ ଧରିଲାଣି ଆଉ କିଛିଦିନ ପରେ ଚାଷୀ ଧାନ ଅମଳ କରିଥାଆନ୍ତା। କିନ୍ତୁ ବର୍ତ୍ତମାନ ଧାନଗଛରେ ଚକଡା ପୋକ ଲାଗି କିଆରିକି କିଆରି ମାଡି ଚାଲିଥିବାରୁ ଚିନ୍ତାରେ ଚାଷୀକୁଳ। ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ବୋଲି ପ୍ରକାଶ କରିଛନ୍ତି କୃଷିବିତ୍‌ମାନେ। ଅଗଷ୍ଟ ମାସ ଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଅବଶ୍ୟକତା ଠାରୁ କମ୍ ବର୍ଷା ଏହି ପୋକ ମାଡିବାର ମୁଖ୍ୟ କରାଣ। ଥୋଡଅ ସମୟରେ ଥଣ୍ଡା ପରିବେଶର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନର ଗରମ ଜଳବାୟୁ ଏହି ରୋଗକୁ ବଢ଼ା ବଢ଼ା ଚାଲିଛି।

ବାତ୍ୟା ଦାନା ପ୍ରଭାବରେ ପ୍ରବଳ ବର୍ଷା ହୋଇଥିଲେ ଏହି ଚକଡା ପୋକ ଦମନ ହୋଇଥାଆନ୍ତେ। କିନ୍ତୁ ସମସ୍ତଙ୍କ ଆକଳନ ଫେଲ୍ ମାରିଲା। ପୋକ ଦମନ ପାଇଁ ଚାଷୀମାନେ ଯଥାସାଧ୍ୟ ଚେଷ୍ଟା ଚାଲାଇଥିବା ବେଳେ ଦିନକୁ ଦିନ ଏହି ରୋଗ ମାଡିମାଡି ଚାଲିଥିବାରୁ କରଜ କରି ଧାନ ଚାଷ କରିଥିବା କଣାସ ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର ଗ୍ରାମର ବରିଷ୍ଠ ଚାଷୀ ବସନ୍ତ କୁମାର ପାଣି ମୁଣ୍ଡରେ ହାତ ଦେଇବସିଛନ୍ତି। ଶ୍ରୀପାଣି ଦୁଇ ଏକର ଜମିରେ ଧନଚାଷ କରିଥିବା ବେଳେ ବର୍ତ୍ତମାନ ଦେଢ ଏକରରୁ ଉର୍ଦ୍ଧ୍ୱ ଜମି ଚକଡା ପୋକରେ ନଷ୍ଟ ହୋଇଥିବା ବେଳେ ଅବଶିଷ୍ଟ ଜମି ନଷ୍ଟ ହେବାର ଆଶଂଙ୍କା ରହିଇଛି। ଖାଲି ବସନ୍ତ ନୁହେଁ କି କଣାସ ବ୍ଲକର ତ୍ରିଲୋଚନପୁର, କଣ୍ଟପଡ଼ା, କାତପଡ଼ା, ବେଲପଡ଼ା, ରାଣିପଡ଼ା, ଗାଉପଡ଼ା, ଚଞ୍ଚେଇପଡ଼ା, ତଥା ଆଖପାଖ ମୌଜାରେ ଶହଶହ ଏକର ଚାଷଜମିରେ ଚକଡା ପୋକ ମାଡିଗଲାଣି।



ଦିନକୁ ଦିନ ଏହା ଅଧିକ ଅଧିକ ମାଡିଚାଲିଥିବାରୁ ଚଳିତ ବର୍ଷ ସମସ୍ତ ଧାନଫସଲ ନଷ୍ଟ ହୋଇଯିବ ବୋଲି ଆଂଶଙ୍କା ପ୍ରକାଶ କରୁଛନ୍ତି କ୍ଷତିଗ୍ରସ୍ତ ଚାଷୀ ପ୍ରଭାତ କିଶୋର ଦାଶ, ବ୍ରଜବନ୍ଧୁ ରଥ, ପ୍ରମୋଦ ତ୍ରିପାଠୀ ପ୍ରମୁଖ। ଏ ସମ୍ପର୍କରେ କଣାସ କୃଷି ଭିବାଗ ଦାୟିତ୍ୱରେ ଥିବା ଅଧିକାରିଣୀ ପ୍ରତିମା ଖଣ୍ଡାୟତରାୟଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଗ୍ରାମ ସେବକମାନଙ୍କୁ ପଠାଉଛି ଜମି ଦେଖିକରି ଚାଷୀମାନଙ୍କୁ ରୋଗ ମୁକ୍ତି ପାଇଁ ବାଟ ବତାଇବେ।

### ମଦ ବେପାରୀଙ୍କ ନୂଆ ଫର୍ମୁଲା
# ବାଇକ୍‌ରେ ବୁଲି ବୁଲି ବିକୁଛନ୍ତି

**କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ବଢୁଛି ନିଶା କାରବାର**

**କାକଟପୁର/ଅସ୍ତରଙ୍ଗ, ୨।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି। କେବଳ ବଜାର ନୁହେଁ ଗ୍ରାମାଞ୍ଚଳ ମଧ୍ୟ ବେଆଇନ ନିଶା କାରବାର ବଢୁଛି। ଅନ୍ୟ ପକ୍ଷରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ନିୟମିତ ବ୍ଲକି ଚେକିଂ ହେଉନଥିବାରୁ ମୁଖ୍ୟରାସ୍ତାରେ ମଧ୍ୟ ନିଶା ଦ୍ରବ୍ୟ ଅସ୍ତରଙ୍ଗ ବଜାରରୁ କାକଟପୁର ବଜାର ଦେଇ ବିଭିନ୍ନ ଗ୍ରାମାଞ୍ଚଳକୁ ଦେଶୀ ମଦ ଚାଲାଣ ହେଉଛି।



ବଜାର ଏବଂ ଗ୍ରାମାଞ୍ଚଳରେ ନୂଆ ଫର୍ମୁଲାରେ ମଦ ଏବଂ ନିଶା କାରବାର ଚାଲିଛି। ଦିନ ତମାମ ଏମିତି ସକାଳୁ ସକାଳୁ ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦେଶୀ ଓ ଦେଶୀ ମଦ ଦୋକାନରୁ ସ୍କୁଟି ଗାଡିରେ ବସ୍ତା ବସ୍ତା ମଦ ଲଦା ହୋଇ ଗ୍ରାମାଞ୍ଚଳକୁ ଚାଲାଣ ହେଉଛି। ମୁଖ୍ୟ ରାସ୍ତାରେ ପୋଲିସ ପାଟ୍ରୋଲିଂ ଅଭାବ ଯୋଗୁଁ ଖୁଲମଖୁଲା ସ୍କୁଟିରେ ଲଦି ବସ୍ତା ବସ୍ତା ମଦ ଗ୍ରାମାଞ୍ଚଳର ଛୋଟବୋରା ମଦ ବ୍ୟବସାୟୀ କିମ୍ବା ପାନ ଦୋକାନକୁ ଚାଲାଣ ହେଉଛି। ବେପାରୀମାନେ ପୋଲିସ ଏବଂ ଅବକାରୀ ବିଭାଗକୁ ଏଭଳି ଚକମା ଦେଇ ଉଭୟ ଦେଶୀ ଏବଂ ବିଦେଶୀ ମଦ କାରବାର ଚଳାଇଛନ୍ତି। ଯେଉଁ ବେପାରୀ ଆଗରୁ ଗିରଫ ହୋଇଛନ୍ତି ଜାମିନ ପାଇ ପୁଣି ନିଶା ବେପାର ଆରମ୍ଭ କରୁଥିବା ଦେଖିବାକୁ ମିଳୁଛି।

ଅବକାରୀ ବିଭାଗର 'ଭକୁଆ' ଅଭିନୟ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଏବେ ଚର୍ଚ୍ଚାରେ। ସବୁଠି ଖୁଲମ ଖୁଲ୍ଲା ମଦ ସାଙ୍ଗକୁ ପାନ ଦୋକାନରେ ଗଂଜେଇ ପୁଡିଆ ବିକ୍ରି ଚାଲିଛି। କିନ୍ତୁ ଅବକାରୀ ବିଭାଗ ଓ ପୋଲିସ ସବୁ ଜାଣି ଅଜଣା। ଅଦିନିଆଁ ଅଚାନକ ସକାଳୁ ଗାଡ଼ିରେ ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କୁଆଡ଼ ବାହାରି ବୁଲି ଦେଉଛନ୍ତି। ସବୁଠି ବେଆଇନ ମଦ ବେପାର ଚାଲିଥିଲେ ହେଁ ବାବୁ ମାନଙ୍କ ହାତ କାହାରି ଉପରେ ପାଉନି। କେବଳ ଗାଁ ଗହଳିରେ ଥିବା ୨କିମ୍ବା ୩ଜଣ କୁଚିଆ ମଦ ବେପାରୀଙ୍କୁ ଧରି ପୋଲିସ ଓ ଅବକାରୀ ବିଭାଗ ବାହାଦୁରୀ ନେଉଛି।

ଯେତେବେଳେ କୌଣସି ଖବର ଦାତାଙ୍କ ଖବର ପ୍ରକାଶ ହେଉଛି ପୋଲିସ ଓ ଅବକାରୀ ବିଭାଗ କିଛି ମାତ୍ରାରେ ପଇଁତରା ମାରୁଛନ୍ତି। ତାହା ପରେ ଦେଶୀ ଓ ବିଦେଶୀ ମଦ ଦୋକାନୀଙ୍କ ସ୍କୁଟି ସହାୟତାରେ ଖୁଲମ ଖୁଲ୍ଲା ଗ୍ରାମାଞ୍ଚଳକୁ ମଦ ଚାଲାଣ। କେବେ ଉପରିସ୍ଥ ଅଧିକାରୀଙ୍କ ନଜର ପଡୁଛି ତାହା ହିଁ ଅପେକ୍ଷା।

## ଆଜିଠୁ ମାଟ୍ରିକ୍ ଫର୍ମ ଫିଲପ୍

କଟକ,୨।୧୧ (ସଂଚାର ବ୍ୟୁରୋ): ୨୦୨୫ ମାଟ୍ରିକ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୩ରୁ ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପିଲାଙ୍କ ପାଇଁ ମାଟ୍ରିକ ଫର୍ମ ପୂରଣ ଆରମ୍ଭ ହେବ। ଫର୍ମ ପୂରଣର ଶେଷ ତାରିଖ ୧୮ ତାରିଖ ପର୍ଯ୍ୟନ୍ତ ରହିଛି। ଛାତ୍ରଛାତ୍ରୀ ୩ରୁ ୧୮ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଫର୍ମ ପୂରଣ କରିପାରିବେ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅନଲାଇନ୍‌ରେ ଫର୍ମ ଫିଲ୍‌ଅପ୍ କରିବେ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in ରେ ଫର୍ମ ପୂରଣ ପାଇଁ ଲିଙ୍କ ଓ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି। ପରୀକ୍ଷା ଦେବାକୁ ଥିବା ରେଗୁଲାର, ଏକ୍ସ ରେଗୁଲାର, କରେସପଣ୍ଡେଣ୍ଟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କାଲିଠାରୁ ଆରମ୍ଭ ହେବ। ହେଲେ କରେସପଣ୍ଡେଣ୍ଟ କୋର୍ସରେ ପରୀକ୍ଷା ଦେବାକୁ ଥିବା ପରୀକ୍ଷାର୍ଥୀମାନେ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟରେ ଉପସଚିବଙ୍କ ଦ୍ୱାରା ଅଫ୍‌ଲାଇନ୍‌ରେ ଫର୍ମପୂରଣ କରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## କାର ଉପରେ ଶୂନଫୋଟକା ଫିଙ୍ଗିଥିଲେ

ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ): ସହିଦନଗର ଅଞ୍ଚଳରେ ହୋଇଥିବା ବୋମା ମାଡ଼ ଘଟଣାରେ ନୂଆ ମୋଡ଼ ଆସିଛି। ବୋମା ନୁହଁ ଦୁର୍ବୃତ୍ତ କାର ଉପକୁ ଫିଙ୍ଗିଥଲେ ଶୂନଫୋଟକା। ତଦନ୍ତ ପରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ଏହା ସ୍ପଷ୍ଟ କରିଛନ୍ତି। ଡିସିପି କହିଛନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ସହିଦନଗର ଓ୍ୱିନର୍ସ ଆସୋସିଏସନ୍ ନିକଟରେ



ଏକ କାର୍ ଉପରକୁ ବୋମା ଫିଙ୍ଗିଥିଲେ ଦୁର୍ବୃତ୍ତ। ଯେଉଁଥିରେ କାର୍ କାଚ ଭାଙ୍ଗି ଚୁରମାର ହୋଇଯାଇଥିଲା। ବୋମା ମାଡ଼ରେ ୩୦ ଅଧିକ ଦୁର୍ବୃତ୍ତ ସାମିଲ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ବେଳକୁ ପିସିଆର୍‌କୁ ଦେଖି ଦୁର୍ବୃତ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସିସିଟିଭି ଯାଞ୍ଚ ବେଳେ ବୋମା ମାଡ଼ ଦୃଶ୍ୟ ସାମ୍ନାକୁ ଆସିଥିଲା। ଶନିବାର ଫୋରେନସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଯାଞ୍ଚ ପରେ ତାହା ବୋମା ନୁହେଁ ଶୂନଫୋଟକା ବୋଲି ଜଣାପଡିଥିଲା। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି।

# ୪ ଛୁଆ ଜନ୍ମଦେଲା ବାଘୁଣୀ ରୂପା



ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ): ପଶୁପ୍ରେମୀଙ୍କ ପାଇଁ ଖୁସି ଖବର। ନନ୍ଦନକାନନରେ ଥିବା ଧଳା ବାଘୁଣୀ ରୂପା ତୃତୀୟ ଥର ପାଇଁ ୪ ଶାବକଙ୍କୁ ଜନ୍ମ ଦେଇଛି। ରୂପା ୨୦୧୮ ଅକ୍ଟୋବର ୨୨ ତାରିଖରେ ରୋଶନ୍ ଏବଂ ବିଜୟାଠାରୁ ଜନ୍ମଗ୍ରହଣ କରିଥିଲା। ପ୍ରଥମ ଥର ରାଜେଶ ସହିତ ମିଶି ୨୦୨୨ ମସିହା ମାର୍ଚ୍ଚ ୧୧ ତାରିଖରେ ୩ ଶାବକଙ୍କୁ ଜନ୍ମ ଦେଇଥିଲା। ଦ୍ୱିତୀୟ ଥର ମଧ୍ୟ ରୂପା ୨୦୨୩ ଜାନୁଆରୀ ୬ ତାରିଖରେ ଦୁଇ ଶାବକଙ୍କୁ ଜନ୍ମ ଦେଇଥିଲା। ସେମାନଙ୍କର ନାମ ରହିଛି ଅମୃତା, ଏବଂ ଶିବା ଏହି ଦୁଇଟି ଶାବକ ସୁସ୍ଥ ରହିଥିବାବେଳେ ବର୍ତ୍ତମାନ ସେମାନେ ନନ୍ଦନକାନନରେ ରହିଛନ୍ତି ବୋଲି କହିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଥର କ୍ରିଷ୍ଣା ସହ ମିଶି ୪ ଛୁଆ ଜନ୍ମ ଦେଇଛି। ଛୁଆଗୁଡ଼ିକ ସୁସ୍ଥ ଥିବା କହିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ରୂପା ଶାବକମାନଙ୍କର ଯତ୍ନ ନେଉଛି। ଶାବକ ଓ ରୂପାର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ସିସିଟିଭି ନଜରରେ ରଖାଯାଇଛି। ସୂଚନାଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପାଖାପାଖି ୧୫୧ ସ୍ତନ୍ୟପାୟୀ ଜୀବ ରହିଥିବାବେଳେ ୧୦୮ ପକ୍ଷୀ ଓ ୧୪ ସରୀସୃପ ରହିଛନ୍ତି। ଏଠାରେ ଜୀବଜନ୍ତୁଙ୍କ ସଂଖ୍ୟା ୪୦୧୨। ଏହି ଜୀବଜନ୍ତୁଙ୍କ ମଧ୍ୟରୁ ୪୮୦ ପ୍ରଜାତିର ୧୮୩୬ ଟି ସ୍ତନ୍ୟପାୟୀ ପ୍ରାଣୀ, ୭୭ ପ୍ରଜାତିର ୧୮୫୨ଟି ପକ୍ଷୀ, ସରୀସୃପ ରହିଛନ୍ତି। ଏହାସହ ୩୦ ପ୍ରଜାତିର ୩୦୩ ଟି ଜୀବଜନ୍ତୁ ରହିଛନ୍ତି। ଉଭୟଚର ପ୍ରାଣୀ ୬ ପ୍ରଜାତିର ୨୧ ଟି ରହିଛନ୍ତି। ମୋଟ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୬୧ ପ୍ରଜାତିର ଜୀବଜନ୍ତୁ ରହିଛନ୍ତି।

# ନଭେମ୍ବର ଶେଷ ସୁଦ୍ଧା ତୃତୀୟ ପର୍ଯ୍ୟାୟ ଟଙ୍କା

## ଖାରଜ ୨.୬୭ ଲକ୍ଷ ଆବେଦନର ରି-ଚେକିଂ

ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ): ନଭେମ୍ବର ଶେଷ ସୁଦ୍ଧା ମିଳିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା। ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଏହି ଟଙ୍କା ମିଳିବ। ଶନିବାର ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ସୁଭଦ୍ରା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ବସି ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନର ରି-ଚେକିଂ ପାଇଁ ବିଡିଓଙ୍କୁ ନୋଡାଲ୍ ଏଜେନ୍ସୀ ଭାବରେ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନେଇ ୩ ଜଣିଆ କମିଟି ହୋଇଛି। ସେହି କମିଟି ଏହାର ଯାଞ୍ଚ କରିବ। ଯେଉଁମାନଙ୍କର ୫ ଏକର ଜମିରୁ ଅଧିକ ରହିଛି, ସେମାନଙ୍କ ଆବେଦନ ଖାରଜ ହୋଇଛି। ସେହି ଜାଗାରେ ତହସିଲଦାରମାନେ ଆରଆଇଙ୍କୁ ଧରି ଯାଞ୍ଚ କରିବେ। ଗୋଟିଏ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିବେ ନାହିଁ ବୋଲି ସରକାରଙ୍କ ଲକ୍ଷ୍ୟ ରହିଛି। ଯାଞ୍ଚ ବେଳେ ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ମଧ୍ୟରୁ କିଛି ଯୋଗ୍ୟ ହିତାଧିକାରୀ ବାହାରିବେ। ସେମାନେ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ପାଇପାରିବେ।

ଉପମୁଖ୍ୟ ଆହୁରି କହିଛନ୍ତି, ଖାରଜ ହୋଇଥିବା ଆବେଦନ ମଧ୍ୟରୁ ଜମି ଆଧାରରେ ଖାରଜ ସଂଖ୍ୟା ଅଧିକ ରହିଛି। ଆଉ କିଛି ଜଣଙ୍କର ସରକାରୀ ଚାକିରି ଥିବା ହେତୁ ସେମାନଙ୍କର ଖାରଜ ହୋଇଛି, ଆଉ କେତେଜଣଙ୍କର ବ୍ୟାଙ୍କ ସହ ଲିଙ୍କ୍ ନଥିବା ଯୋଗୁ ଖାରଜ ହୋଇଛି। ଏଥିହ ସହ ଅଙ୍ଗନବାଡ଼ି ଦିଦିମାନଙ୍କର ମଧ୍ୟ କଟିଯାଇଛି। ସମସ୍ତଙ୍କର ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ। ଯେଉଁମାନଙ୍କର ଖାରଜ ହୋଇଛି ଅଙ୍ଗନବାଡ଼ି ଦିଦିମାନଙ୍କ ଦ୍ୱାରା ନୋଟିସ କରାଯିବ। ଯଦି କାହାର ଜମି ପାଇଁ ସୁଭଦ୍ରା ଖାରଜ ହୋଇଥାଏ, ତାହାହେଲେ ତହସିଲଦାର ଓ ଆରଆଇ ଯାଞ୍ଚ କରିବେ। ବ୍ୟାଙ୍କ ଲିଙ୍କ୍ ପାଇଁ କଟିଥିଲେ ବ୍ୟାଙ୍କକୁ ରେଫର କରାଯିବ। ବ୍ୟାଙ୍କ ତାର ଯାଞ୍ଚ କରିବ।

ଲୋକମାନଙ୍କ ପାଖରେ ସହଜ ଭାବରେ ସୁଭଦ୍ରା ପହଞ୍ଚାଇବା ପାଇଁ ଆମେ କହିଥିଲୁ। ତାକୁ ଆହୁରି ସରଳ ଭାବରେ ପହଞ୍ଚାଇବା ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ସେହି କମିଟି ନିଶ୍ଚିତ ଭାବରେ ଏହା ସମ୍ପର୍ଣ୍ଣ କରିବ। ଡିସେମ୍ବର ଶେଷ ସୁଦ୍ଧା ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।





ବିଜେପିର ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ ଏବଂ ତାଙ୍କ ପରିବାରର ସଦସ୍ୟଙ୍କୁ ସାକ୍ଷାତ୍ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଦୁର୍ଘଟଣାରେ ଗଲା ୫ କଳାକାରଙ୍କ ଜୀବନ

## ଦ୍ୱାଦଶାହରେ ସଂକୀର୍ତ୍ତନ ସାରି ଫେରୁଥିଲେ

ରାଉରକେଲା, ୨।୧୧ (ସଂଚାର ବ୍ୟୁରୋ): ଛତିଶଗଡ଼ ଚକାବାହାଲରେ ଜଣେ ବ୍ୟକ୍ତିଙ୍କ ଦ୍ୱାଦଶାହରେ ସଂକୀର୍ତ୍ତନ ସାରି ଏକ ଭ୍ୟାନରେ ଫେରିବା ସମୟରେ ରାସ୍ତାକଡରେ ଛିଡା ହୋଇଥିବା ଟ୍ରକ୍‌ରେ ପଛରୁ ପିଟି ହୋଇ ୫ କଳାକାରଙ୍କ ମୃତ୍ୟୁ ଘଟିଛି। ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୁନ୍ଦରଗଡ ଜିଲ୍ଲା ହେମଗିରି ଥାନା ଗାଇକାନାପାଲି ଅଞ୍ଚଳରେ ଶୁକ୍ରବାର ରାତି ୨ଟାରୁ ୨.୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସଂକୀର୍ତ୍ତନମଣ୍ଡଳୀକୁ ଛାଡ଼ିବା ପାଇଁ ଆସୁଥିବା ମୃତବ୍ୟକ୍ତିଙ୍କ ପୁଅ ମଧ୍ୟ ପ୍ରାଣ ହରାଇଛନ୍ତି। ସେ ଭ୍ୟାନ ଚଳାଉଥିଲେ।

ଜଣେ ପୋଲିସ ଅଧିକାରୀ କହିଛନ୍ତି, ହେମଗିରି ଥାନା କଣ୍ଡାଧୁଡ଼ା ଅନ୍ତର୍ଗତ ସମରପିଣ୍ଡା ଅଞ୍ଚଳରୁ ଚକାବାହାଲକୁ ୧୦ ଜଣିଆ ସଂକୀର୍ତ୍ତନମଣ୍ଡଳୀ ଯାଇଥିଲେ। ଫେରିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକେ ସୂଚନା ପାଇ ମୃତାହତଙ୍କୁ ଉଦ୍ଧାର କରିବା ସହ ପୋଲିସ ଓ ପ୍ରଶାସନକୁ ଅବଗତ କରିଥିଲେ । ପୋଲିସ୍ ଟିମ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୭ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଆହତଙ୍କ ଅବସ୍ଥା ଗୁରୁତର ରହିଛି। ଧକ୍କା ଏତେ ଜୋରରେ ଥିଲା ଯେ ଘଟଣାସ୍ଥଳରେ ଭ୍ୟାନ ଡ୍ରାଇଭରଙ୍କ ସମେତ ୫ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଘନ କୁହୁଡ଼ି କାରଣ ବୋଲି କୁହାଯାଇଛି। ପୋଲିସ ଉଭୟ ଗାଡି ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।



## ଟ୍ରେନ ଧକ୍କାରେ ଦନ୍ତା ମୃତ

ଢେଙ୍କାନାଳ, ୨।୧୧ (ସଂଚାର ବ୍ୟୁରୋ): ଦନ୍ତା ହାତୀ ଉପରେ ମାଡ଼ିଗଲା ମାଲବାହୀ ଟ୍ରେନ। ଢେଙ୍କାନାଳ-ଅନୁଗୋଳ ମଧ୍ୟରେ ଥିବା ମେରାମଣ୍ଡଳୀ ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ହାତୀଟି ୧୪ରୁ ୧୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଗତକାଲି ବିଳମ୍ବିତ ରାତିରେ ହାତୀ ପଲ ରେଳଧାରଣା ପାର ହୋଇ ଯାଉଥିଲେ। ଏହି ସମୟରେ ମାଲବାହୀ ଟ୍ରେନଟି ସେହି ଟ୍ରାକ ଦେଇ ଯିବା ବେଳେ ହାତୀଟିକୁ ଧକ୍କା ଦେଇଥିଲା। ହାତୀଟି ଛିଟିକି ତଳେ ଅନ୍ୟତ୍ର ପଡ଼ିଯାଇଥିଲା। ଘଟଣାସ୍ଥଳରେ ହାତୀଟିର ମୃତ୍ୟୁ ଘଟିଥିଲା।ବନ ବିଭାଗ ଟିମ ଓ ସ୍ଥାନୀୟ ପୁଲିସ ପହଞ୍ଚି ହାତୀର ମୃତଦେହକୁ ଉଦ୍ଧାର କରିଥିଲେ। କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ତାହା ଜଣାପଡ଼ିନାହିଁ। ପୁଲିସ ଓ ବନ ବିଭାଗ ଘଟଣାର ତଦନ୍ତ କରୁଛନ୍ତି।

# ଗନ୍ଧମାର୍ଦ୍ଦନ ଆନ୍ଦୋଳନ ପାଇଁ ପୁଣି ସଜବାଜ

ଭୁବନେଶ୍ୱର, ୨।୧୧: ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତରୁ ପୁଣି ବକ୍ସାଇଟ୍ ଉତ୍ତୋଳନ ହେବାର ସମ୍ଭାବନା ଥିବାରୁ ଅବିଭକ୍ତ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାରେ ଆନ୍ଦୋଳନ ଦାନା ବାନ୍ଧୁଛି। ୧୯୮୦ ଦଶକରେ ଗନ୍ଧମାର୍ଦ୍ଦନ ପାହାଡରୁ ବକ୍ସାଇଟ୍ ଖନନ ପାଇଁ ବାଲ୍‌କୋକୁ ଅନୁମତି ଦିଆଯାଇଥିଲା। ବାଲ୍‌କୋ ମଧ୍ୟ ବକ୍ସାଇଟ୍ ଖନନ ଲାଗି ଜୋରଦାର ପ୍ରସ୍ତୁତିପର୍ବ ଚଳାଇଥିଲା। ସେତେବେଳେ କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର ଥିଲା।

ଗନ୍ଧମାର୍ଦ୍ଦନ ସୁରକ୍ଷା ସମିତି ନେତୃତ୍ୱରେ ଚାଲିଥିବା ବାଲ୍‌କୋ ହଟାଅ ଆନ୍ଦୋଳନରେ ସେ ସମୟରେ ଦଳମତ ନିର୍ବିଶେଷରେ ବହୁ ଯୁବକ, ପରିବେଶପ୍ରେମୀ, ଶିକ୍ଷାବିତ୍, ଆଦିବାସୀ, ସାଧାରଣ ଜନତା, ସ୍ୱାଧୀନତା ସଂଗ୍ରାମୀ ଆଦି ସାମିଲ ହୋଇଥିଲେ। ସେତେବେଳେ ଏହି ଆନ୍ଦୋଳନ ଏତେ ତୀବ୍ର ହୋଇଥିଲା ଯେ ତାହାର ପ୍ରଭାବରେ ଗନ୍ଧମାର୍ଦ୍ଦନର ସୁରକ୍ଷାପାଇଁ ବାଲ୍‌କୋକୁ ବକ୍ସାଇଟ୍ ଉତ୍ତୋଳନ ଅଭିଯାନରୁ ଫେରିଯିବାକୁ ପଡ଼ିଥିଲା।

ବର୍ତ୍ତମାନର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସେତେବେଳେ ବିଶିଷ୍ଟ ସମାଜବାଦୀ ନେତା କିଷନ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ଅଲେଖ ପାତ୍ର, ଆନ୍ଦୋଳନର ପ୍ରମୁଖ ନେତା ଲିଙ୍ଗରାଜ ପ୍ରମୁଖଙ୍କ ସମେତ ମିଶି କାମ କରୁଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏବେ ଶ୍ରୀ ପୁରୋହିତ ବିଜେପିର ସାଂସଦ ଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବା ପରିପ୍ରେକ୍ଷୀରେ ଗନ୍ଧମାର୍ଦ୍ଦନରୁ କୌଣସି କମ୍ପାନୀ ବକ୍ସାଇଟ୍ ଉତ୍ତୋଳନ କରିପାରିବେ ନାହିଁ ବୋଲି ସ୍ଥାନୀୟ ଲୋକେ ଆଶାବ୍ୟକ୍ତ କରୁଛନ୍ତି। ଏହାଛଡା ଅଶୀ ଦଶକର ଅଗ୍ନିବର୍ଷୀ ଛାତ୍ରନେତା ସୁରେଶ ପୂଜାରୀ ଏବେ ଓଡ଼ିଶା କ୍ୟାବିନେଟରେ ଏବଂ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଭାବଶାଳୀ ଥିବା ଦୃଷ୍ଟିରୁ ସେମାନେ କଦାପି ଗନ୍ଧାମାର୍ଦ୍ଦନର ଜୈବ ବିବିଧତାକୁ ଖଣି କମ୍ପାନୀ ହାତରେ ନଷ୍ଟ କରିବାକୁ ଦେବେନାହିଁ ବୋଲି ଆଶା କରାଯିବା ସ୍ୱାଭାବିକ।



ଗନ୍ଧମାର୍ଦ୍ଦନର ଗୋଟିଏ ପଖେରେ ବରଗଡ଼ ଜିଲ୍ଲାର ନୃସିଂହନାଥ ଥିବାବେଳେ ଅନ୍ୟପଟେ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ରହିଛନ୍ତି। ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ରାମାୟଣ ଯୁଗରେ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଆଣିବା ଫଳରେ ଲକ୍ଷ୍ମଙ୍କ ଜୀବନରକ୍ଷା କରାଯାଇ ପାରିଥିଲା ଏବଂ ପରବର୍ତ୍ତୀ ସମୟରେ ହନୁମାନ ଏହି ପର୍ବତଖଣ୍ଡକୁ ଯେଉଁ ସ୍ଥାନରେ ସ୍ଥାପନ କରିଥିଲେ ତାହା ଏବେ ଓଡ଼ିଶାରେ ରହିଛି। ଏଠାରେ ଥିବା ବିରଳ ଔଷଧିୟ ଗଛ ଓ ପ୍ରାକୃତିକ ସମ୍ପଦ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଗନ୍ଧମାର୍ଦ୍ଦନକୁ କେନ୍ଦ୍ରକରି ନୃସିଂହନାଥ କିମ୍ବା ହରିଶଙ୍କରରେ ଏକ ଆର୍ଯ୍ୟୁବେଦିକ ବିଶ୍ୱବିଦ୍ୟାଳୟ କେନ୍ଦ୍ର ସରକାର ସ୍ଥାପନ କରିବାପାଇଁ ଦାବି ହେଉଛି। ୧୯୯୦ ଦଶକରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ପୁଣି ଗନ୍ଧମାର୍ଦ୍ଦନରୁ ବକ୍ସାଇଟ୍ ଉତ୍ତୋଳନ କଥା ଉଠିଥିଲା ଏବଂ ସେତେବେଳେ ନୃସିଂହନାଥରୁ ଶହ ଶହ ସଂଖ୍ୟାରେ ଯୁବକ ସାଇକେଲରେ ଭୁବନେଶ୍ୱର ଆସି ବିଧାନସଭା ଚାଲିଥିବାବେଳେ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହାପରେ ଗନ୍ଧମାର୍ଦ୍ଦନରୁ ବକ୍ସାଇଟ୍ ଉତ୍ତୋଳନ ପ୍ରସ୍ତାବ ବାତିଲ ହୋଇଥିଲା। ପରବର୍ତ୍ତୀ ସମୟରେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ କାନାଡାର ଏକ କମ୍ପାନୀ ଗନ୍ଧମାର୍ଦ୍ଦନରୁ ବକ୍ସାଇଟ୍ ଉତ୍ତୋଳନ ପାଇଁ ଆଗେଇ ଆସିଥିଲା। ତେବେ ପ୍ରବଳ ଜନମତ ଚାପ ଏବଂ ମୁଣ୍ଡଉପରେ ନିର୍ବାଚନ ଥିବାରୁ ବିଜେଡି ସରକାର ଏହି ପ୍ରସ୍ତାବରୁ ଓହରି ଯାଇଥିଲା। ଅତୀତରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ବିଜେପି ଖୋଲା ସମର୍ଥନ ଦେଉଥିଲା। ତେଣୁ ଏବେ ଗନ୍ଧମାର୍ଦ୍ଦନର ଜୈବ ବିବିଧତା ସହ ଲୋକଙ୍କ ଭାବାବେଗକୁ ଧକ୍କାଦେଇ କେନ୍ଦ୍ରରେ ଓ ରାଜ୍ୟରେ ଥିବା ବିଜେପି ସରକାର ଏଠାରୁ ଖଣି ଖନନ ନ କରାଇବାପାଇଁ ଦାବି ହେଉଛି। (ତଥ୍ୟ)

## ରାଗିଂ:ଏମ୍‌କେସିଜିର ୫ ଛାତ୍ର ହଷ୍ଟେଲରୁ ବିଦା

ବ୍ରହ୍ମପୁର,୨।୧୧ (ସଂଚାର ବ୍ୟୁରୋ): ରାଗିଂ ବିରୋଧରେ କଡ଼ା ମନୋଭାବ ପୋଷଣ କରିଛନ୍ତି ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି କର୍ତ୍ତୃପକ୍ଷ। ଜୁନିଅର ଛାତ୍ରଙ୍କୁ ରାଗିଂ କରିବା ଅଭିଯୋଗରେ ଏମ୍‌କେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ୫ ଛାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଛି। ମେଡିକାଲ କଲେଜର ଡିନ୍ ସୁଚିତ୍ରା ଦାଶଙ୍କ ସୂଚନା ଅନୁଯାୟୀ, ଆଣ୍ଟି ରାଗିଂ କମିଟି ଦ୍ୱାରା ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ପରେ ବରିଷ୍ଠ ଛାତ୍ରମାନଙ୍କୁ ହଷ୍ଟେଲରୁ ବହିଷ୍କାର କରିବାର ନିଷ୍ପତ୍ତି ହୋଇଛି। ଏତଦ୍‌ଭିନ୍ନ ମେଡିକାଲ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଦିଆଯାଇଥିବା ଛାତ୍ରବୃତ୍ତି, ଫେଲୋସିପ୍ ଏବଂ ଅନ୍ୟାନ୍ୟ ସୁବିଧା ମଧ୍ୟ ସେମାନଙ୍କୁ ମିଳିବ ନାହିଁ। ଏହାପୂର୍ବରୁ ଏହି ପାଞ୍ଚଜଣଙ୍କୁ ୬ ମାସ ଯାଏଁ ମେଡିକାଲ କ୍ୟାମ୍ପସରେ ପ୍ରବେଶ କରିବାକୁ ବାରଣ କରାଯାଇଥିଲା। ଅତୀତରେ ମଧ୍ୟ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରାଗିଂ ହେଉଥିବା ନେଇ ଅଭିଯୋଗ ହୋଇଥିଲା।

## ପ୍ୟାକ୍‌ସ ଓ ଲ୍ୟାମ୍ପସ୍ ସୁଦୃଢ଼ୀକରଣ ପାଇଁ ଅର୍ଥ ମଞ୍ଜୁର

ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ): ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍‌ସ) ଏବଂ ବୃହଦାକାର ଆଦିବାସୀ ବହୁମୁଖୀ କୃଷି ସମବାୟ ସମିତି (ଲ୍ୟାମ୍ପସ୍)ର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର ଆଣିବା ପାଇଁ ସମବାୟ ବିଭାଗ ଅର୍ଥ ମଞ୍ଜୁର କରିଛି। ୮୮୫ଟି ପ୍ୟାକ୍‌ସ / ଲ୍ୟାମ୍ପସ୍ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ମୋଟ୍ ୧୦୨ କୋଟି ୩୯ ଲକ୍ଷ ୩୩ ହଜାର ୪ଶହ ଟଙ୍କା ଯୋଗାଇ ଦିଆଯାଇଛି। ଏହି ଅର୍ଥରେ ୬୪୫ ଗୋଟି ସମିତି ୫୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଗୋଦାମଗୃହ ନିର୍ମାଣ ସହ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିବେ ଏବଂ ୨୪୦ ଗୋଟି ସମିତି ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିବେ। ସୂଚନାଯୋଗ୍ୟ, ଭିତ୍ତିଭୂମି ବିକାଶ ଯୋଜନାରେ ଅନୁଗୁଳ ଜିଲ୍ଲାରେ ୪୪ଟି ପ୍ୟାକ୍‌ସ / ଲ୍ୟାମ୍ପସ୍ ଉପକୃତ ହେବାକୁ ଥିବା ବେଳେ ବଲାଙ୍ଗୀରରେ ୪୬, ବାଲେଶ୍ୱରରେ ୨୧, ବରଗଡରେ ୪୯, ଭଦ୍ରକରେ ୫, ବୌଦ୍ଧରେ ୧୮, କଟକରେ ୬୬, ଦେବଗଡରେ ୧୭, ଢେଙ୍କାନାଳରେ ୮, ଗଜପତିରେ ୧୨, ଗଞ୍ଜାମରେ ୬୫, ଜଗତସିଂହପୁରରେ ୪୪, ଯାଜପୁରରେ ୩୧, ଝାରସୁଗୁଡ଼ାରେ ୨୩, କଳାହାଣ୍ଡିରେ ୩୦, କନ୍ଧମାଳରେ ୨୯, କେନ୍ଦ୍ରାପଡ଼ାରେ ୪୯, କେନ୍ଦୁଝରରେ ୨୬, ଖୋର୍ଦ୍ଧାରେ ୩୮, କୋରାପୁଟରେ ୧୧, ମୟୂରଭଞ୍ଜରେ ୩୦, ନବରଙ୍ଗପୁରରେ ୭, ନୟାଗଡରେ ୨୯, ନୂଆପଡ଼ାରେ ୧୬, ପୁରୀରେ ୬୦, ରାୟଗଡ଼ାରେ ୪, ସମ୍ବଲପୁରରେ ୪୦, ସୁବର୍ଣ୍ଣପୁରରେ ୨୬, ସୁନ୍ଦରଗଡ଼ ଜିଲ୍ଲାରେ ୪୧ଟି ପ୍ୟାକ୍‌ସ / ଲ୍ୟାମ୍ପସ୍‌ର ଭିତ୍ତିଭୂମିରେ ବିକାଶ ଆସିବ । ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତା ସହ ନୂତନ ପ୍ୟାକ୍‌ସ / ଲ୍ୟାମ୍ପସ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ନିମନ୍ତେ ପ୍ରସ୍ତାବ ଦେବାକୁ ସମବାୟ ସମିତି ସମୂହର ଉପ ନିବନ୍ଧକମାନଙ୍କୁ (ଡିଆର୍‌ସିଏସ୍) କୁହାଯାଇଛି। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ୟାକ୍‌ସ / ଲ୍ୟାମ୍ପସ୍ ଭିତ୍ତିଭୂମିର ବିକାଶ ଦିଗରେ ସରକାରଙ୍କର ଏହା ଏକ ବଳିଷ୍ଠ ପଦକ୍ଷେପ।

- ୧୦୨, ୩୯, ୩୩, ୪୦୦/- ଟଙ୍କା ମଞ୍ଜୁର
- ନିର୍ମାଣ ହେବ ୫୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଗୋଦାମଗୃହ ଓ ନିଜସ୍ୱ କାର୍ଯ୍ୟାଳୟ
- ନୂତନ ପ୍ୟାକ୍‌ସ / ଲ୍ୟାମ୍ପସ୍ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ପାଇଁ ଦେଇପାରିବେ ପ୍ରସ୍ତାବ

# ଡାକ୍ତରୀ ରିପୋର୍ଟରେ ଫୁଡ୍ ପଏଜନିଂ

## ଆମ୍ବ ଟାକୁଆ ଜନିତ ମୃତ୍ୟୁ ଘଟଣା

- ଆକ୍ରାନ୍ତ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ
- ନିୟମିତ ଚାଉଳ ପାଉଛନ୍ତି

ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକର ଗଦାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ଦୁଇ ଜଣ ମହିଳାଙ୍କ ଦୁଃଖଦ ମୃତ୍ୟୁ ପରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ପକ୍ଷରୁ ଘଟଣାର କାରଣ ସମ୍ପର୍କରେ ଅନୁସନ୍ଧାନ କରାଯାଇଥିଲା। ରିପୋର୍ଟରୁ ଜଣାପଡିଛି ଆକ୍ରାନ୍ତ ଓ ମୃତବ୍ୟକ୍ତିମାନେ ନିୟମିତ ଖାଦ୍ୟ ଅଭ୍ୟାସ ଭାବରେ ପଖାଳ ଓ ଆମ୍ବଟାକୁଆ ଜାଉ ଖାଇଥିଲେ। ଫୁଡ ପଏଜନିଂ କାରଣରୁ ସେମାନେ ଅସୁସ୍ଥ ହୋଇ ପଡିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି।

ଏହି ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଡାକ୍ତରୀ ଦଳ, ଜିଲ୍ଲା ପ୍ରଶାସନର ଅଧିକାରୀମାନେ ନଭେମ୍ବର ୧ ତାରିଖ ସକାଳେ ଉକ୍ତ ଗ୍ରାମରେ ପହଞ୍ଚି ସମସ୍ତ ବିଷୟ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଓ ତର୍ଜମା କରିଥିଲେ । ସମସ୍ତ ଅସୁସ୍ଥ ବ୍ୟକ୍ତିଙ୍କୁ ତୁରନ୍ତ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇ ତୁରନ୍ତ ଚିକିତ୍ସା ଆରମ୍ଭ କରାଯାଇଥିଲା । ସେଠାରେ ରମିତା ପାଟମାଝୀ ଓ ରୁନୁ ମାଝୀଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଅନ୍ୟ ଛଅ ଜଣ ପୀଡିତ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କର ଆରୋଗ୍ୟ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ପ୍ରକାଶ ଯେ ଆକ୍ରାନ୍ତ ପରିବାର ସମେତ ଏହି ଗ୍ରାମର ସମସ୍ତ ୬୯ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଚାଉଳ ପାଉଛନ୍ତି। ଜୁଲାଇରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ମୃତକଙ୍କ ପରିବାର ଓ ଗାଁର ସମସ୍ତେ ଚାଉଳ ପାଇଛନ୍ତି। ସେମାନେ ସେପ୍ଟେମ୍ବର ମାସରେ ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସ ପାଇଁ ସରକାରଙ୍କ ପ୍ରଦତ୍ତ ଚାଉଳ ଉଠାଣ କରି ନେଇଥିଲେ ବୋଲି ଜଣାଯାଇଛି । ସମସ୍ତ ରିଟେଲରଙ୍କୁ ମଧ୍ୟ ହିତାଧିକାରୀମାନଙ୍କୁ ଚାଉଳ ଦେବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏହା ବ୍ୟତୀତ ଆକ୍ରାନ୍ତ ପରିବାରଙ୍କୁ ମଧ୍ୟ ପୂର୍ବରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ମାଣ୍ଡିପଙ୍କା ଗ୍ରାମରେ ଏକ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଏହି ଗ୍ରାମକୁ ଆଶାକର୍ମୀ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିୟମିତ ପରିଦର୍ଶନ କରି ଲୋକଙ୍କୁ ସ୍ୱାସ୍ଥ୍ୟରକ୍ଷା ନେଇ ସଚେତନ କରିଥାନ୍ତି । ଏହି ଗ୍ରାମର ବାସିନ୍ଦା ସାବିତ୍ରୀ ପ୍ରଧାନ ଏବଂ ମିନାକ୍ଷୀ ବଳିୟାରସିଂ ନିୟମିତ ଭାବେ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଚାଉଳ ପାଇଥିବା କଥା ପ୍ରକାଶ କରିଛନ୍ତି ।

ଭବିଷ୍ୟତରେ ଯେପରି ଏହିପରି ଅଭାବନୀୟ ଘଟଣା ନ ଘଟେ, ସେଥିପାଇଁ ସୂଚନା, ଶିକ୍ଷା ଓ ସଂଚାର ଅଭିଯାନ ଦ୍ୱାରା ଉକ୍ତ ଅଞ୍ଚଳରେ ଅଙ୍ଗନବାଡି କର୍ମୀ ଏବଂ ସ୍ୱାସ୍ଥ୍ୟ ଟିମ ଦ୍ୱାରା ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଲୋକମାନେ ଯେପରି ସଫା ସୁତୁରା ରହିବା ସହ ସୁଷମ ଖାଦ୍ୟ ଗ୍ରହଣ କରିବେ ସେଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପଂଚାୟତ ପ୍ରତିନିଧି ଆଦିଙ୍କ ଦ୍ୱାରା ସଚେତନତାର ବାର୍ତ୍ତା ଦିଆଯାଉଛି ବୋଲି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

### ମୃତାହତଙ୍କୁ ସହାୟତା

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଖାଇ ୨ ମୃତ ଓ ୬ ଗୁରୁତରଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ଦାରିଙ୍ଗବାଡି ତହସିଲଦାର ମାଣ୍ଡିପଙ୍କାରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ୨୦ ହଜାର ଲେଖାଏଁ ଓ ଗୁରୁତର ରୋଗୀଙ୍କ ପରିବାରକୁ ୧୦ ହଜାର ଲେଖାଏ ସହାୟତା କରିଛନ୍ତି । ପ୍ରଶାସନର ଏହି ସହାୟତା ପାଇଁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ସୋଆରେ ଶିଳ୍ପ ଏବଂ ସାମୁଦ୍ରିକ ଜୈବ ପ୍ରଯୁକ୍ତି ବିଦ୍ୟା ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨।୧୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ନଭେମ୍ବର ୪ ଓ ୫ ଦୁଇ ଦିନ ଧରି 'ରିସର୍ଚ୍ଚ ଆଣ୍ଡ ଇନୋଭେସନ୍‌ସ ଇନ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ମେରାଇନ୍ ବାୟୋଟେକ୍ନୋଲେଜି: ଏ ସର୍କୁଲାର ଇକୋନୋମି' ଶୀର୍ଷକ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଛି। ସୋଆର ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ (ସିଆଇବିଆର) ଏହି କର୍ମଶାଳାର ଆୟୋଜନ କରିଥିବାବେଳେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନସ୍ଥ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଏହାର ପୃଷ୍ଠପୋଷକ ରହିଛି। ଏହା ବ୍ୟତୀତ ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେସନ୍ (ଏନଆରଡିସି) ଓ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଏହା ଆୟୋଜିତ ହେଉଛି। ସମ୍ମିଳନୀରେ ବିଶିଷ୍ଟ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଅଭିନବ ଜୈବପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଉପରେ ଆଲୋଚନା କରାଯିବ ବୋଲି ସୋଆ ସିଆଇବିଆର୍‌ର ନିର୍ଦ୍ଦେଶକ ତଥା ଏହି ଜାତୀୟ ସମ୍ମିଳନୀର ଆବାହକ ପ୍ରଫେସର ହୃଦୟନାଥ ଥାଟୋଇ କହିଛନ୍ତି।



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ରେକର୍ଡ ପରିମାଣରେ ସୁନା ଚାହିଦା

ନୂଆଦିଲ୍ଲୀ,୨।୧୧: ୱାଲର୍ଡ ଗୋଲ୍ଡ କାଉନସିଲ(ଡବ୍ଲ୍ୟୁଜିସି)ର ତ୍ରୈମାସିକ ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍ସ ରିପୋର୍ଟକୁ ମଧ୍ୟ ନିକଟରେ ଉନ୍ମୋଚନ କରାଯାଇଛି। ଏହି ସମୟ ମଧ୍ୟରେ ମୋଟ ସୁନା ଚାହିଦା ବାର୍ଷିକ ଆଧାରରେ ୫% ବୃଦ୍ଧି ପାଇ ୧୩୧୩ ଟନ୍‌ରେ ପହଞ୍ଚିଛି, ଯାହାକି ଏକ ରେକର୍ଡ ପରିମାଣର ଚାହିଦା ସାଙ୍ଗକୁ ୩ୟ ତ୍ରୈମାସିକ ସର୍ବାଧିକ ବୋଲି କୁହାଯାଉଛି। ପ୍ରଥମ ଥର ପାଇଁ ମୋଟ ଚାହିଦା ୧୦୦ ବିଲିୟନ ଡଲାର ଅତିକ୍ରମ କରିଛି, ଯାହା ଏକ ରେକର୍ଡ-ଉଚ୍ଚ ମୂଲ୍ୟ ପରିବେଶରେ ମଜଭୁତ ନିବେଶ ଦ୍ୱାରା ସମର୍ଥିତ ବୋଲି କୁହାଯାଉଛି। ଏପରିକି ଅନ୍ତର୍ଜାତୀୟ ନିବେଶ ଚାହିଦା ବାର୍ଷିକ ଆଧାରରେ ଦୁଇ ଗୁଣରୁ ଅଧିକ ବୃଦ୍ଧି ହୋଇ ୩୬୪ ଟନ୍ ରହିଛି। ବିଶ୍ୱବ୍ୟାପୀ ଗୋଲ୍ଡ ଇଟିଏଫ୍‌ରେ ୯୫ ଟନ୍ ବୃଦ୍ଧି ଘଟିଛି, ଯାହା ୨୦୨୨ର ପ୍ରଥମ ତ୍ରୈମାସିକ ପରଠାରୁ ପ୍ରଥମ ସକାରାତ୍ମକ ତ୍ରୈମାସିକକୁ ଚିହ୍ନିତ କରୁଛି। ବାର୍ ଓ କଏନ୍ ଚାହିଦା ୯% ହ୍ରାସ ପାଇଛି, କିନ୍ତୁ ୭୭୪ ଟନ୍‌ର ୧୦ବର୍ଷର ହାରାହାରି ପରିମାଣ ତୁଳନାରେ ୱାଇ-ଟି-ଡି ମୋଟ ପରିମାଣ ୮୫୯ ଟନରେ ଶକ୍ତିଶାଳୀ ରହିଛି। କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ମନ୍ଥର



ହୋଇଥିବା ବେଳେ ଚାହିଦା ୧୮୬ ଟନ୍‌ରେ ମଜଭୁତ ରହିଛି। ୨୦୨୨ର ସମାନ ଅବଧି ସହ ସମାନ୍ତରାଳ ଭାବେ କେନ୍ଦ୍ରୀୟ ବ୍ୟାଙ୍କର ଇୟର-ଟୁ-ଡେଟ୍ ଚାହିଦା ୬୯୪ ଟନ୍‌ରେ ପହଞ୍ଚିଛି । ୩ୟ ତ୍ରୈମାସିକ ସମୟରେ ସୁନା ମୂଲ୍ୟ ରେକର୍ଡ ଉଚ୍ଚ ସ୍ତରକୁ ବୃଦ୍ଧି ପାଇବା ଜାରି ରହିଛି, ଯାହା ଆଉନ୍ସ (ଓଜେଡ୍) ପିଛା ୨୪୭୪ ଡଲାରର ଏକ ହାରାହାରି ସ୍ତରରେ ପହଞ୍ଚିଛି। ଏହା ସୁନା ଅଳଙ୍କାର ପାଇଁ ଅନ୍ତର୍ଜାତୀୟ ଚାହିଦାକୁ କ୍ଷତି ପହଞ୍ଚାଉଛି। ମୋଟ ଅଳଙ୍କାର କ୍ରୟ ଏକ ପରିମାଣ ଆଧାରରେ ବାର୍ଷିକ ଭିତ୍ତିରେ ୧୨% ହ୍ରାସ ପାଇଛି, କିନ୍ତୁ ମୂଲ୍ୟ ଦୃଷ୍ଟିରୁ ୧୩% ବୃଦ୍ଧି ହୋଇଛି। ଏହାଛଡା ଟେକ୍ନୋଲୋଜି କ୍ଷେତ୍ରରେ ସୁନା ପାଇଁ ମୋଟ ଚାହିଦା ବାର୍ଷିକ ଆଧାରରେ ୭% ବୃଦ୍ଧି ହୋଇଛି। ମୋଟ ସୁନା ଯୋଗାଣ ବାର୍ଷିକ ଆଧାରରେ ୫% ବୃଦ୍ଧି ହୋଇଥିବା ବେଳେ ଖଣି ଉପତ୍ାଦନରେ ୬% ଓ ରିସାଇକ୍ଲିଂରେ ୧୧% ବୃଦ୍ଧି ଘଟିଛି।ଏ ସମ୍ପର୍କରେ ଡବ୍ଲ୍ୟୁଜିସିର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ ମତପ୍ରକାଶ କରିଛନ୍ତି,ତୃତୀୟ ତ୍ରୈମାସିକ ବର୍ଦ୍ଧିତ ନିବେଶ ପରିଲକ୍ଷିତ କରିଛି ଏବଂ ଓଭର- ଦ-କାଉଣ୍ଟର ଗତିବିଧି ଅନ୍ତର୍ଜାତୀୟ ସୁନା ଚାହିଦାକୁ ବୃଦ୍ଧି କରିବା ସହ ମୂଲ୍ୟ ପ୍ରଦର୍ଶନକୁ ପରିଚାଳନା କରିଛି। ଏପରିକି ଅଧିକାଂଶ ଉପଭୋକ୍ତା ବଜାରରେ ଉଚ୍ଚ ସୁନା ମୂଲ୍ୟ ଚାହିଦାକୁ ପ୍ରଭାବିତ କରିଥିବାବେଳେ ଭାରତରେ ଆମଦାନୀ ଶୁଳ୍କରେ ହ୍ରାସ ଏକ ରେକର୍ଡ ବ୍ରେକିଂ ମୂଲ୍ୟ ପରିବେଶରେ ଅଳଙ୍କାର, ବାର୍ ଓ କଏନ୍ ଚାହିଦାକୁ ଉଲ୍ଲେଖନୀୟ ଭାବେ ଉଚ୍ଚ ରଖିଛି।




# ଚଳିତ ବର୍ଷ ରେକର୍ଡ ପରିମାଣରେ ଟିକସ ସଂଗ୍ରହ

ନୂଆଦିଲ୍ଲୀ,୨।୧୧: ଚଳିତ ଆର୍ଥିକ ବର୍ଷର ସପ୍ତମ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ଼ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୪-୨୫ ଆର୍ଥିକ ବର୍ଷର ୭ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୮୭,୩୪୬ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ପ୍ରାୟ ୯% (୮.୯%) ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଅକ୍ଟୋବରରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧,୭୨ ଲକ୍ଷ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଅକ୍ଟୋବର ମାସରେ ୮.୯% (୧,୮୭,୩୪୬ କୋଟି)ର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ମୋଟ ୧,୮୭,୩୪୬ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୩,୮୨୧କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୧,୮୬୪ କୋଟି ଟଙ୍କା ଆଦାୟ ହୋଇଛି। ସେହିଭଳି ଆଇଜିଏସ୍‌ଟି ବାବଦକୁ ମୋଟ ୯୯,୧୧୧ କୋଟି ଟଙ୍କା ଏବଂ ସେସ୍ ବାବଦରେ ୧୨,୫୫୦ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୧୨.୭୪ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ମୋଟ ୧୧.୬୪ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗୃହୀତ ହୋଇଥିଲା। ଏପରିକି ବାର୍ଷିକ ଭିତ୍ତିରେ ଚଳିତ ଆର୍ଥିକର ମୋଟ ଟିକସ ସଂଗ୍ରହ ୯.୪% ବୃଦ୍ଧି ହୋଇଛି। ସେହିଭଳି କ୍ରମାଗତ ୭ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୭ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୨ୟ ଥର ପାଇଁ ୧.୮ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ଓ୍ୱେବ୍‌ସାଇଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# ବଦଳିବ ମାରୁତି ଡିଜାରେ ଲୁକ୍




ନୂଆଦିଲ୍ଲୀ, ୨।୧୧: ମାରୁତି ସୁଜୁକି ଭାରତର ଅନ୍ୟତମ ଲୋକପ୍ରିୟ କାର। ଲୋକଙ୍କ ଚାହିଦାକୁ ଦେଖି କମ୍ପାନୀ ଡିଜାରେର ନୂଆ ଜେନେରେସନ ମଡେଲ ଲଞ୍ଚ କରିବାକୁ ଯାଉଛି। ଏହି କାର ୧୧ ନଭେମ୍ବରରେ ଭାରତରେ ଲଞ୍ଚ ହେବ। ମାରୁତିର ଏହି ନୂଆ କାରର ଫଟୋ ସୋସିଆଲ ମିଡିଆରେ ଲିକ୍ ହୋଇଛି, ଯାହାକୁ ଦେଖିବା ପରେ ଏହି ଗାଡିର ଲୁକ୍ ଏବଂ ଷ୍ଟାଇଲ୍ କୁ ଅନୁମାନ କରିହେଉଛି। ତେବେ ଡିଜାରେର ଏହି ନୂଆ ଜେନେରେସନର ମଡେଲ୍ ପୁରୁଣା କାରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏହି କାର ଏକ ନୂଆ ଡିଜାଇନ୍ ସହିତ ଭାରତରେ ଲଞ୍ଚ ହେବାକୁ ଯାଉଛି। ମାରୁତି ଡିଜାରେ ର ଲିକ୍ ହୋଇଥିବା ଫଟୋକୁ ଦେଖିଲେ ଜଣାପଡୁଛି ଯେ ଏହି କାର ପୂର୍ବ ଡିଜାଇନ୍ ଅପେକ୍ଷା ଅଧିକ ପ୍ରିମିୟମ୍ ହୋଇପାରେ। ଏହି ଗାଡ଼ିକୁ ସ୍ଲିମ୍ ହେଡଲ୍ୟାମ୍ପ ସହିତ ଲ୍ୟାସ୍ କରାଯାଇଛି, ଯାହା କ୍ରୋମ ଲାଇନ ସହିତ କନେକ୍ଟ ହୋଇପାରିବ। ମାରୁତିର ଏହି କାର୍ ପୂର୍ବ ମଡେଲ ତୁଳନାରେ ଏକ ବଡ଼ ଗ୍ରିଲ୍ ସହିତ ଆସିପାରେ। ମାରୁତି ଡିଜାରେ ର ଲମ୍ବ ପୂର୍ବ ପରି ୪ ମିଟର ରେଞ୍ଜ ମଧ୍ୟରେ ରହିପାରେ। ଗାଡିର ପଛ ଭାଗରେ ଏକ ବଡ଼ କ୍ରୋମ ଲାଇନ ଲଗା ଯାଇପାରିବ, ଯାହା ଟେଲ୍ ଲ୍ୟାମ୍ପ ସହିତ କନେକ୍ଟ ହେବ। ନୂଆ ମାରୁତି ଡିଜାରେ ର ଇଣ୍ଟେରିୟର ସ୍ୱିଫ୍ଟ ପରି ହୋଇପାରେ। କିନ୍ତୁ ଅଟୋମେକର୍ ଏହି ନୂଆ କାରକୁ ଏକ ଭିନ୍ନ କଲର୍ ସ୍କିମ୍ ସହିତ ଲଞ୍ଚ କରିବ। ଏହି କାରରେ ମିଳୁଥିବା ଟଚ୍ ସ୍କ୍ରିନ୍ ସ୍ୱିଫ୍ଟ ପରି ହୋଇପାରେ। କିନ୍ତୁ ଏହି କାରର ସବୁଠାରୁ ବଡ ଫିଚର ସନ୍ ରୁଫ୍ ହୋଇପାରେ, ଯାହା ବର୍ତ୍ତମାନର ଡିଜାରେ ରେ ନାହିଁ। ଭାରତୀୟ ବଜାରରେ କୌଣସି କମ୍ପାକ୍ଟ ସେଡାନ ଏପର୍ଯ୍ୟନ୍ତ ସନ୍ ରୁଫ୍ର ଫିଚର ସହିତ ଆସିନାହିଁ। ଏହି ଗାଡ଼ିର ସମସ୍ତ ଫିଚର ବିଷୟରେ ସଠିକ୍ ସୂଚନା କେବଳ ଡିଜାରେ ଲଞ୍ଚ ସମୟରେ ହିଁ ମିଳିପାରିବ। ମାରୁତି ଡିଜାରେ ର ନୂଆ ଜେନେରେସନ୍ ମଡେଲର ପାୱାରଟ୍ରେନ୍ ରେ ପରିବର୍ତ୍ତନ ହୋଇପାରେ। ନୂଆ ସ୍ୱିଫ୍ଟ ପରି ଏହି କାର ଜେଡ୍- ସିରିଜ୍, ୩-ସିଲିଣ୍ଡର ଇଞ୍ଜିନ ସହିତ ଲ୍ୟାସ୍ ହୋଇପାରିବ। ଏହି ଇଞ୍ଜିନ ସହିତ ଅଟୋମେଟିକ୍ ଟ୍ରାନ୍ସମିସନର ଅପ୍ସନ ମଧ୍ୟ ମିଳିବ। ଏହାର ଷ୍ଟାଣ୍ଡାର୍ଡ ମଡେଲରେ ୫-ସ୍ପିଡ୍ ମାନୁଆଲ୍ ଗିଅର୍ ବକ୍ସ ଦିଆଯାଇପାରେ। ମାରୁତିର ଏହି ନୂଆ ମଡେଲ୍ ଅଟୋମେକର୍ସର ସେଲ୍ କୁ ଯଥେଷ୍ଟ ବୃଦ୍ଧି କରିପାରିବ।



# ସବୁଠୁ ଛୋଟ ହେଲିକପ୍ଟର

ନୂଆଦିଲ୍ଲୀ, ୨।୧୧: ଦୁନିଆର ସବୁଠାରୁ ଶସ୍ତା ହେଲିକପ୍ଟର ହେଉଛି ହେଲିକପ୍ଟର ୟୁଏମ -୧ କିମ୍ବା "ମସ୍କିଟୋ ହେଲିକପ୍ଟର"। ଏହା ଏକ ହାଲୁକା ପର୍ସନାଲ ହେଲିକପ୍ଟର, ଯାହା ନିର୍ଦ୍ଦିଷ୍ଟ ଫ୍ଲାଏରମାନଙ୍କ ପାଇଁ ଡିଜାଇନ୍ ହୋଇଛି। ଏହି ହେଲିକପ୍ଟରଗୁଡିକ ବ୍ୟକ୍ତିଗତ ବ୍ୟବହାର ପାଇଁ ଡିଜାଇନ୍ ହୋଇଛି ଏବଂ ଏଥିରେ ହାଇ-ଟେକ୍ କମର୍ସିଆଲ ହେଲିକପ୍ଟର ଭଳି ଆଡଭାନ୍ସ ଫିଚର ନାହିଁ।


ମସ୍କିଟୋ ହେଲିକପ୍ଟର ମଡେଲଗୁଡିକର ଦାମ୍ ୨୦,୦୦୦ ରୁ ୪୦,୦୦୦ ଡଲାର୍ ଯାହା ଭାରତୀୟ ମୂଲ୍ୟରେ ପ୍ରାୟ ୧୬ରୁ ୩୩ ଲକ୍ଷ ଟଙ୍କା ମଧ୍ୟରେ ହୋଇଥାଏ। ଏହାର ଓଜନ ହାଲୁକା ଏବଂ ଏଥିରେ ଜଣେରୁ ଦୁଇ ଜଣ ବସିବାର ସ୍ଥାନ ଅଛି। ଏହା ଛୋଟ ଇଞ୍ଜିନରେ ଚାଲିଥାଏ। ସୀମିତ ସ୍ପିଡ୍ ଏବଂ ଭଲ ରେଞ୍ଜ ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହି ହେଲିକପ୍ଟରଗୁଡିକ ଥରକରେ କିଣାଯାଇପାରିବ ଏବଂ ଏହାର ମେଣ୍ଟେନାନ୍ସ ମଧ୍ୟ ସହଜ।

କମ୍ ଉଚ୍ଚତା ଏବଂ ଅଳ୍ପ ଦୂରତା ପାଇଁ ଏହା ବେଷ୍ଟ ହେବ। ନିର୍ଦ୍ଦିଷ୍ଟ ପାଇଲଟମାନଙ୍କ ପାଇଁ ଏହା ଉପଯୁକ୍ତ। ସାଧାରଣ ହେଲିକପ୍ଟର ତୁଳନାରେ ଏଥିରେ ଇନ୍ଧନ ବ୍ୟବହାର କମ୍ ହୋଇଥାଏ। କିନ୍ତୁ ଏହି ହେଲିକପ୍ଟରଗୁଡିକ କମର୍ସିଆଲ ଉଡ଼ାଣ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ନୁହେଁ, କମ୍ ବଜେଟରେ ହେଲିକପ୍ଟର ଉଡ଼ାଇବାର ମଜା ପାଇଁ ଏହା ବେଷ୍ଟ ଅପ୍ସନ।

# ୧୮ କ୍ୟାରେଟ୍ ସୁନାରେ ତିଆରି ଏହି ରୋଲ୍ସ ରୋଏସ୍

ମୁମ୍ବାଇ, ୨।୧୧: ରୋଲ୍ସ-ରୋଏସ୍ ସବୁବେଳେ ଏକ ବିଳାସପୂର୍ଣ୍ଣ ଯାନ ଭାବରେ ବେଶ ଜଣାଶୁଣା। ଏହି କାର ନିର୍ମାତା କମ୍ପାନୀ ବର୍ତ୍ତମାନ ଏକ କାର ଆଣିଛି ଯାହାର କ୍ୟାବିନ ୧୮ କ୍ୟାରେଟ ସୁନାରେ ନିର୍ମିତ। ଆଇକନିକ୍ ଫିଲ୍ମ ଜେମ୍ସ ବଣ୍ଡରେ ଦେଖାଯାଇଥିବା ରୋଲ୍ସ-ରୋଏସ୍ କାରକୁ ଧ୍ୟାନରେ ରଖି ଏହି କାର୍ ଡିଜାଇନ୍ କରାଯାଇଛି। ଏହି ଫିଲ୍ମର ଭିଲେନ୍ ଗୋଲ୍ଡଫିଙ୍ଗର ଏହି ଫିଲ୍ମରେ ଏକ ରୋଲ୍ସ-ରୋଏସ୍ ଫାଣ୍ଟମ୍ ବ୍ୟବହାର କରିଥିଲେ।

ରୋଲ୍ସ-ରୋଏସ୍ ର ଗାଡ଼ି ଗୁଡିକ ବିଭିନ୍ନ ଡିଜାଇନରେ କଷ୍ଟୋମାଇଜ୍ ହୋଇପାରେ ଏବଂ ଏଥିପାଇଁ ଏହା ବେଶ ଲୋକପ୍ରିୟ ମଧ୍ୟ। ସୁନାରେ ନିର୍ମିତ ଏହି କାରଟି ୧୯୩୭ର ଫାଣ୍ଟମ୍ ପରି ଡିଜାଇନ୍ ହୋଇଛି, ଯାହା ଡବଲ୍ ଟୋନ୍ କମ୍ବିନେସନ୍ ସହିତ ଆସେ। ଏହି ଗାଡ଼ିକୁ କଳା ଏବଂ ହଳଦିଆ ରଙ୍ଗ ସହିତ ଅଣାଯାଇଛି। ଏହି ଗାଡିରେ ଥିବା ପ୍ରତିମୂର୍ତ୍ତିକୁ ୧୮ କ୍ୟାରେଟ୍ ସୁନା ପାଣି ଚଢ଼ାଯାଇଛି। ଏହି ବିଳାସପୂର୍ଣ୍ଣ କାରରେ ଫ୍ଲୋଟିଂ ସିଲଭର୍ ହବ୍ କ୍ୟାପ୍ସ ସହିତ ୨୧ ଇଞ୍ଚର ବ୍ଲାକ୍ ହ୍ୱିଲ୍ ଅଛି। ଏହି ଚକଗୁଡିକ ସହିତ କାରଟି ଗୋଲ୍ଡଫିଙ୍ଗରର କାର ପରି ଦେଖାଯାଉଛି। ରୋଲ୍ସ-ରୋଏସ୍ ଗୋଲ୍ଡଫିଙ୍ଗର କ୍ୟାବିନରେ ଥିବା ସମସ୍ତ ଏଲିମେଣ୍ଟସଗୁଡ଼ିକ ସୁନାରେ ନିର୍ମିତ। ଏହି କାରରେ ଏକ ୧୮ କ୍ୟାରେଟ୍ ଗୋଲ୍ଡ ବାର୍ ଅଛି। ୧୯୬୪ ଫିଲ୍ମରେ ଗୋଲ୍ଡ ଫିଙ୍ଗର ଏକ ଲାଇନ୍ କହିଥିଲା - 'ଦିସ୍ ଇଜ୍ ଗୋଲ୍ଡ, ମିଷ୍ଟର ବଣ୍ଡ', ଏହି ଲାଇନ୍ ଗାଡ଼ିର ଗ୍ଲୋଭବକ୍ସରେ ଲେଖାଯାଇଛି, ଯାହାଫଳରେ ଫିଲ୍ମର ଥିମ୍ ସମ୍ପୂର୍ଣ୍ଣ ଇଣ୍ଟେରିୟର ନଜର ଆସିଛି। ଏହି ଫିଲ୍ମରେ ଭିଲେନ୍ ଗୋଲ୍ଡଫିଙ୍ଗର କାରରେ ସୁନା ଚୋରା ଚାଲାଣ କରୁଥିଲେ। ରୋଲ୍ସ-ରୋଏସ୍ ଫାଣ୍ଟମ୍ ଗୋଲ୍ଡଫିଙ୍ଗରର ବୁଟ୍-ସ୍ପେସ୍ ରେ ଏକ ୦୦୭-ଲୋଗୋ ପ୍ରୋଜେକ୍ଟର୍ ଲଗାଯାଇଛି। ଏହି ଗାଡ଼ିର ଲାଇସେନ୍ସ ପ୍ଲେଟରେ ଏୟୁ୧ ଲେଖାଯାଇଛି, କାରଣ କେମେଷ୍ଟ୍ରିରେ ସୁନାର ସିମ୍ବଲ୍ ହେଉଛି ଏୟୁ। ଏହା ଲେଖା ଯିବା ଯୋଗୁଁ ଏହି ଗାଡ଼ି ସୁନାରେ ନିର୍ମିତ ବୋଲି ସୂଚନା ଦେଇଥାଏ।






# ରାଉରକେଲା: ଦୀପାବଳିରେ ୨୦ କୋଟି ଟଙ୍କାର ବାଣ ବ୍ୟବସାୟ

**ରାଉରକେଲା, ୨।୧୧:** ଉତ୍ସାହ ଉଦ୍ଦୀପନାରସହ ଆଲୋକର ପର୍ବ ଦୀପାବଳି ପାଳନ କରିଛନ୍ତି ରାଉରକେଲାବାସୀ। ଏଠାରେ ଦିନବେଳୁ ଲୋକେ ବାଣ ଫୁଟାଇବା ଆରମ୍ଭ କରିଥିଲେ, କିନ୍ତୁ ସଂଧ୍ୟା ହେବାମାତ୍ରେ ଏହା ବହୁଗୁଣିତ ହୋଇଥିଲା। ବିଳମ୍ବିତ ରାତି ଯାଏ ସହରର ବିଭିନ୍ନ ଅଞ୍ଚଳରେ ଲୋକେ ମନଇଚ୍ଛା ବାଣ ଫୁଟାଇଥିଲେ। ବେସରକାରୀ ସୂଚନା ଅନୁସାରେ, ଏଥର ଦୀପାବଳିରେ ପାଖାପାଖି ୨୦ କୋଟି ଟଙ୍କାର ବାଣ ବ୍ୟବସାୟ ହୋଇଛି। ସରକାରୀ ନିୟମାବଳୀକୁ ଫୁ' କରି ମନଇଚ୍ଛା ବାଣ ଫୁଟାଇଛନ୍ତି। ରାତି ୯ଟା ପରେ ବି ବାଣଫୁଟା ଜାରି ରହିଥିଲା। ସଂଧ୍ୟାରୁ ସମଗ୍ର ସହର ଧୂଆଁମୟ ହୋଇଯାଇଥିଲା। ବେସରକାରୀ ସୂଚନା ଅନୁସାରେ, ଏଥର ଦୀପାବଳିରେ ରାଉରକେଲାରେ ପାଖାପାଖି ୨୦ କୋଟି ଟଙ୍କାର ବାଣ ବ୍ୟବସାୟ ହୋଇଛି। ସରକାରୀ ନିୟମାବଳୀକୁ ଫୁ' କରି ମନଇଚ୍ଛା ବାଣ ଫୁଟାଇଛନ୍ତି। ରାତି ୯ଟା ପରେ ବି ବାଣଫୁଟା ଜାରି ରହିଥିଲା। ସଂଧ୍ୟାରୁ ସମଗ୍ର ସହର ଧୂଆଁମୟ ହୋଇଯାଇଥିଲା। ଇସ୍ପାତ ସହରାଞ୍ଚଳର ବିଭିନ୍ନ ସେକ୍ଟରଠାରୁ ଆରମ୍ଭକରି ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ସିଭିଲ୍ ଟାଉନସିପ୍, ପାନପୋଷ, ଛେଣ୍ଡ, ବାସନ୍ତୀକଲୋନି, ଉଦିତନଗର, ଡେଲିମାର୍କେଟ୍ ଆଦି ଅଞ୍ଚଳରେ ଉତ୍ସବ ବେଶ୍ ଜମିଥିଲା। ମୋଟ ୫ଟି ସ୍ଥାନରେ ୨୭୬ଟି ଅସ୍ଥାୟୀ ବାଣଦୋକାନକୁ ରାଉରକେଲା ପ୍ରଶାସନ ଅନୁମତି ଦେଇଥିଲା। ଏଥି ମଧ୍ୟରୁ ସେକ୍ଟର-୧୩ ମେଳଣ ପଡ଼ିଆରେ ୧୫୭ଟି ଅସ୍ଥାୟୀ ବାଣ ଦୋକାନ ଖୋଲିଥିବାବେଳେ ପାୱାର ହାଉସ୍ ରୋଡ୍‌ରେ ୮୬ ଦୋକାନ, ପାନପୋଷରେ ୧୪ ଦୋକାନ, ବନ୍ଧମୁଣ୍ଡାରେ ୭, ପ୍ଲାଣ୍ଟସାଇଟ୍‌ରେ ୧୨ ଦୋକାନ ରହିଥିଲା। କିନ୍ତୁ ଏହା ବାଦ ବି କେତେକ ସ୍ଥାନରେ ବିନା ଅନୁମତିରେ ଛୋଟବଡ଼ ଦୋକାନ ଖୋଲି ଆଖିଦୃଶିଆ ବାଣ ବିକିଥିଲେ। ଏଥର ବି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମକୁ କେହି ପାଳନ କରିନଥିଲେ। କେବଳ ସବୁଜ ବାଣ ରାତି ୭ଟାରୁ ୯ ଟା ଯାଏ ଫୁଟାଇବାକୁ ବୋର୍ଡ ନିର୍ଦ୍ଦେଶ ଦଇେଥିଲା। କିନ୍ତୁ ସହରରେ ରାତିସାରା ବାଣ ଫୁଟାଇ ନିୟମକୁ ଏକ ପ୍ରକାର ଖୋଲାଖୋଲି ଚାଲେଞ୍ଜ କରିଥିଲେ। ପ୍ରଚଣ୍ଡ ଶବ୍ଦ ସୃଷ୍ଟିକାରୀ ବାଣ, ଉପରକୁ ଯାଇ ଫାଟୁଥିବା ୩୦୦/୪୦୦ ସଟ୍ ବାଣ, ରକେଟ୍ ଆଦି ଫୁଟାଇଥିଲେ।

# ବଜାରରେ ଲଞ୍ଚ ହେବାକୁ ଯାଉଛି ୩ଟି ରୟାଲ୍ ଏନଫିଲ୍ଡ



ନୂଆଦିଲ୍ଲୀ, ୨।୧୧: ରୟାଲ୍ ଏନଫିଲ୍ଡ ବାଇକ୍ ସବୁବେଳେ ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବେଶ ଲୋକପ୍ରିୟ। ଏଥିରେ କ୍ଲାସିକ୍ ୩୫୦ ରୁ ବୁଲେଟ୍ ୩୫୦ ପର୍ଯ୍ୟନ୍ତ ଅନେକ ବାଇକ୍ ସାମିଲ ରହିଛି। ଯଦି ଆପଣ ଏକ ନୂଆ ରୟାଲ୍ ଏନଫିଲ୍ଡ ମୋଟରସାଇକେଲ୍ କିଣିବାକୁ ପ୍ଲାନ କରୁଛନ୍ତି, ତେବେ ଆପଣଙ୍କୁ ଟିକିଏ ଅପେକ୍ଷା କରିବାକୁ ପଡିବ କାରଣ ଖୁବ୍ ଶୀଘ୍ର ଭାରତୀୟ ବଜାରରେ ୩ ଟି ନୂଆ ରୟାଲ୍ ଏନଫିଲ୍ଡ ବାଇକ୍ ଲଞ୍ଚ ହେବାକୁ ଯାଉଛି। ଆସନ୍ତୁ ଜାଣିବା ରୟାଲ୍ ଏନଫିଲ୍ଡର କେଉଁ ବାଇକ୍ ଯାହା ଆଗକୁ ଲଞ୍ଚ ହେବାକୁ ଯାଉଛି। ରୟାଲ୍ ଏନଫିଲ୍ଡ ଖୁବ୍ ଶୀଘ୍ର ଇଣ୍ଟରସେପ୍ଟର ୬୫୦ ଉପରେ ଆଧାରିତ ଏକ ନୂଆ ସ୍କ୍ରାମବ୍ଲର୍ ମୋଟରସାଇକେଲ୍ ଲଞ୍ଚ କରିବାକୁ ଯାଉଛି, ଯାହାର ନାମ ରୟାଲ୍ ଏନଫିଲ୍ଡ ୬୫୦ ହୋଇପାରେ। କମ୍ପାନୀ ଦ୍ୱାରା ଲଞ୍ଚ ହେବାକୁ ଥିବା ଏହି ନୂଆ ମୋଟରସାଇକେଲରେ ଆପଣ ଅନେକ ବଢ଼ିଆ ଫିଚର୍ସ ପାଇବାକୁ ଯାଉଛନ୍ତି। ୟୁଏସବି ଫଙ୍କସ୍, ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର ପରି ଅନେକ ଫିଚର୍ସ ଏଥିରେ ଉପଲବ୍ଧ ହେବାକୁ ଯାଉଛି। ଏହା ସହିତ, ୬୪୮ସିସି ପାରାଲାଲ୍ ଟ୍ୱିନ୍ ଇଞ୍ଜିନ୍ ମଧ୍ୟ ଏହି ବାଇକରେ ପାୱାର୍ ଟ୍ରେନ୍ ଭାବରେ ବ୍ୟବହୃତ ହେବ। ବର୍ତ୍ତମାନ କମ୍ପାନୀ ଏହାର ପ୍ରଥମ ଇଲେକ୍ଟ୍ରିକ୍ ମୋଟରସାଇକେଲକୁ ମଧ୍ୟ ଉନ୍ମୋଚନ କରିବାକୁ ଯାଉଛି। ଏହାର ପ୍ରଥମ ଇଲେକ୍ଟ୍ରିକ୍ ମୋଟରସାଇକେଲର ଟିଜର ସେୟାର କରିବା ସମୟରେ ରୟାଲ ଏନଫିଲ୍ଡ କମ୍ପାନୀ କହିଛି ଯେ ଏହି ଇଲେକ୍ଟ୍ରିକ୍ ବାଇକ ୪ ନଭେମ୍ବର ୨୦୨୪ ରେ ଲଞ୍ଚ ହେବ। ଭାରତୀୟ ବଜାରରେ ଏହି ଇଲେକ୍ଟ୍ରିକ୍ ମୋଟରସାଇକେଲର ମୂଲ୍ୟ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ହୋଇପାରେ। ଏହା ସହିତ ଏହାର ଡିଜାଇନ୍, ଫିଚର୍ସ, ରେଞ୍ଜ ଏବଂ ମୂଲ୍ୟ ଆଗାମୀ ସମୟରେ ଜଣାପଡିବ। ଏହା ସହିତ ଏହାର ସର୍ବାଧିକ ବିକ୍ରି ହେଉଥିବା ମୋଟରସାଇକେଲ କ୍ଲାସିକ୍ ୩୫୦ ର ସଫଳତା ପରେ କମ୍ପାନୀ ବର୍ତ୍ତମାନ ଭାରତୀୟ ବଜାରରେ କ୍ଲାସିକ୍ ୬୫୦ ଲଞ୍ଚ କରିବାକୁ ପ୍ଲାନ କରୁଛି। ଖବର ଅନୁଯାୟୀ, ଆଗାମୀ ରୟାଲ୍ ଏନଫିଲ୍ଡ କ୍ଲାସିକ୍ ୬୫୦ କୁ ପାୱାର୍ ଟ୍ରେନ୍ ଭାବରେ ୬୪୮cc ପାରାଲାଲ୍ ଟ୍ୱିନ୍ ଇଞ୍ଜିନ୍ ଯୋଗାଇ ଦିଆଯିବ। ଏହା ସର୍ବାଧିକ ୪୭.୪ ବିଏଚ୍‌ପି ଏବଂ ପିକ୍ ଟର୍କ ୫୨.୪ଏନ୍‌ଏମ୍ ଜେନେରେଟ କରିବାରେ ସକ୍ଷମ।

# ବିଦ୍ୟାଳୟ ସମୂହ ଦୌଡ଼ ପ୍ରତିଯୋଗିତା ଉଦଯାପିତ




**ସୁନ୍ଦରଗଡ,୨।୧୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ୧୭ ଓ ୧୪ ବର୍ଷରୁ କମ ବାଳକ ଓ ବାଳିକାଙ୍କର ଦୌଡ଼କୁଦ ପ୍ରତିଯୋଗିତା ଉଦଯାପନୀ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ବ୍ଲକର ଛାତ୍ରଛାତ୍ରୀ ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି । ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ୍ୟ ବିରେନ୍ଦ୍ର ପଟେଲ ଯୋଗଦାନ କରି କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରତିଯୋଗୀଙ୍କୁ ଆହୁରି ପ୍ରୟାସ କରି ରାଜ୍ୟ ସ୍ତରରେ ସୁନ୍ଦରଗଡ଼ ଜିଲ୍ଲାର କୀର୍ତିକୁ ଅକ୍ଷୁର୍ଣ୍ଣ ରଖିବାକୁ ସେ ଆହ୍ୱାନ ଦେଇଥିଲେ । ଉକ୍ତ ସମାରୋହରେ ବରେଣ୍ୟ ଅତିଥି ଭାବରେ ସୁନ୍ଦରଗଡ ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଯୋଗଦାନ କରି ପ୍ରତିଯୋଗୀ ମାନଙ୍କୁ କ୍ରୀଡାର ମହତ୍ୱ ଓ ଜୀବନ ଗଠନ ବିଷୟରେ ବୁଝାଇଥିଲେ ଓ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଆରାଧନା ଭୋଇ ବିଜୟୀ ଦଳକୁ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ । ଭାରପ୍ରାପ୍ତ ଶାରିରୀକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ସାହୁ ଓ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ ସମ୍ମିଳିତ ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ଭବିଷ୍ୟତ ଗଠନ ପାଇଁ ଉତ୍ସାହ ପ୍ରଦାନ କରିଥିଲେ । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ଦୁବରାଜ ଗୋଖର, ଅନନ୍ତ କୁମାର ନାଏକ, ପ୍ରଫୁଲ୍ଲ କୁମାର ଧରୁଆ, ପ୍ରଦୀପ କୁମାର ସାହୁ, ସନ୍ତୋଷ କୁମାର ପଟେଲ. ନିରଞ୍ଜନ କୁମର ପଟେଲ, ସୁବାସ କୁମାର ପଟେଲ, ଶୁଶାନ୍ତ ପ୍ରଧାନ, ବିଜୟ ପାଣିଗ୍ରାହୀ, ଆନନ୍ଦ ରାମ ପଟେଲ,କୈଳାଶ ଚନ୍ଦ୍ର ବେହେରା, ଅନୁପ ମହାପାତ୍ର,ସୁନୀଲ କୁମାର ପଟେଲ ପ୍ରମୁଖ ସହଯୋଗ କରିଥିଲେ ହୀରାମଣି ମିଞ୍ଜ, ଗୋପୀନାଥ ନାଏକ, ରଂଜିତା ପଟେଲ, ସଂଯୁକ୍ତା ପଟେଲ, ସୁନନ୍ଦା ପଟେଲ. ମିରିଣ୍ଡା ବାରା, ସୁଜାତା ପଟେଲ, ଅନିତା ଦଶ ପ୍ରମୁଖ ମଞ୍ଚ ଓ ଅତିଥି ସତ୍କାର ଦାୟିତ୍ୱ ନିଭାଇ ଥିଲେ । ରଜତ ପଶାୟତ, ମଦନ କୁମାର ଦଶ, ଅଶୋକ କୁମାର ବାଗ, ସୁଧାଂଶୁ ଶେଖର ସାହୁ, ଶ୍ରୀକାନ୍ତ ସାହୁ, ବିଧୁଭୂଷଣ ନାୟକ, ସମୀର ପଟେଲ,ପ୍ରଶାଦୀ ସାହୁ,ପ୍ରମୁଖ ରେଜିଷ୍ଟ୍ରସନ କାର୍ଯ୍ୟକ୍ରମ ନିଭାଇ ଥିଲେ, ସମ୍ପୂର୍ଣ୍ଣ ପ୍ରୋଗ୍ରାମର ସଫଳ ରୂପାୟନ ଦିଗରେ ପ୍ରମୁଖ ଦାୟୀତ୍ୱ ନିଭାଇ ଥିବା ଖେଳ ଶିକ୍ଷକ ମାନଙ୍କ ମଧ୍ୟରେ. ପ୍ରଫୁଲ୍ଲ ସାହୁ, ପ୍ରଭାତ ସ୍ୱାଇଁ, ସନ୍ତୋଷ ନାୟକ, ଆଶିଷ ପ୍ରଧାନ, ପ୍ରଭାତ ଦ୍ୱାରି, ବିଜୟାଲକ୍ଷ୍ମୀ ପଟେଲ, ଏଲିନା ଏକ୍କା,ସୁଦୀପ୍ତ କଲୋ , ମଞ୍ଜୁ ପଟେଲ, ବିନତା ପଟେଲ, ଅନୁପ ମହାପାତ୍ର, ମିଟୁ ସାହୁ, ସଲିଲ ପଟେଲ, ମନୋଜ ମହାନ୍ତ ଶେଷରେ ବିରବିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ଶାରିରୀକ ଶିକ୍ଷକ ପ୍ରଫୁଲ୍ଲ ସାହୁ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ହୋଇଥିଲା ।



## ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

**ଯୋଡା,୨।୧୧(ସଂଚାର ବ୍ୟୁରୋ):** ଯୋଡା ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସମ୍ବନ୍ଧରେ ପ୍ରବନ୍ଧ, ବକ୍ତୃତା ଓ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି ଛାତ୍ରୀମାନଙ୍କୁ ଦୁର୍ନୀତି ନିବାରଣ କରିବା ପାଇଁ ସପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କଲେଜର ଅଧ୍ୟାପିକା ଭାରତୀ ଭଗବତୀ, ଅଧ୍ୟାପିକା ତମନ୍ନା ପରୱୀନ, ଅଧ୍ୟାପିକା ସୁହାସିନୀ ରଥ, ଅଧ୍ୟାପିକା ରୁକ୍ମିଣୀ ବେହେରା ଓ ଡେମୋନଷ୍ଟ୍ରେଟର ମଞ୍ଜୁଶ୍ରୀ ମହାପାତ୍ର । କଲେଜର ଅଧ୍ୟାପିକାମାନେ ଦୁର୍ନୀତିର କାରଣ ଓ ନିରାକରଣ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରାଇ ଥିଲେ । ଏଠାରେ ପ୍ରକାଶ ଥାଉକି ଏ ବର୍ଷ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏ ଉପଲକ୍ଷେ ଛାତ୍ରୀମାନେ ସ୍ଥାନୀୟ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ ବୋଲି ସୂଚନା ମିଳିଛି ।

## ପିଟିବା ପରେ ବିଷ ଦେଇ ସ୍ତ୍ରୀଙ୍କୁ ହତ୍ୟା



**ସମ୍ବଲପୁର,୨।୧୧(ସଂଚାର ବ୍ୟୁରୋ):** ପାରିବାରିକ କଳହକୁ ନେଇ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର କଟୁରାଖୋଲ ଗାଁରେ। ମୃତ ମହିଳାଙ୍କ ନାଁ ପଙ୍କଜିନୀ କୋଲୋ (୩୮)। ତାଙ୍କ ସ୍ୱାମୀ ତଥା ଅଭିଯୁକ୍ତଙ୍କ ନାଁ ରୁଦ୍ର କୋଲୋ। ପଙ୍କଜିନୀ ଓ ରୁଦ୍ରଙ୍କ ମଧ୍ୟରେ ପ୍ରାୟ ସବୁବେଳେ ଝଗଡ଼ା ହେଉଥିଲା। ଗତକାଲି ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରୁଦ୍ର ତାଙ୍କୁ ପିଟିଥିଲେ। ତା'ପରେ ସେ ପଙ୍କଜିନୀଙ୍କୁ ବିଷ ପିଆଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଜି ସକାଳେ ପଙ୍କଜିନୀ ଘରୁ ବାହାରି ନଥିଲେ। ଏଣୁ ପଡ଼ୋଶୀଙ୍କର ସନ୍ଦେହ ହୋଇଥିଲା। ସେମାନେ ପଙ୍କଜିନୀଙ୍କ ଘରକୁ ଯାଇ ଦେଖିଲା ବେଳକୁ ତାଙ୍କ ମୃତଦେହ ପଡ଼ିଥିଲା। ଖବର ପାଇ କିସିଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଟ୍ରେଲରକୁ ଧକ୍କା ଦେଲା ପିକଅପ୍ ଭ୍ୟାନ୍; ୬ ମୃତ, ୫ ଆହତ



**ସୁନ୍ଦରଗଡ଼,୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଗଏକାନପାଲି ନିକଟରେ ଆଜି ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରେଲରକୁ ପିକଅପ୍ ଭ୍ୟାନ୍‌ଟି ପଛରୁ ଧକ୍କା ଦେବାରୁ ୬ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ କିଛି ଲୋକ ସଂକୀର୍ତ୍ତନ ସାରି ପିକଅପ୍ ଭ୍ୟାନ୍‌ରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରେଲରକୁ ପିକଅପ୍ ଭ୍ୟାନ୍‌ଟି ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୬ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି। ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

## ସ୍ତ୍ରୀକୁ ହତ୍ୟା କରି ଆତ୍ମହତ୍ୟା କଲା ସ୍ୱାମୀ



**ବରଗଡ଼,୨।୧୧(ସଂଚାର ବ୍ୟୁରୋ):** ପାରିବାରିକ କଳହରୁ ଜଘନ୍ୟକାଣ୍ଡ। ସ୍ତ୍ରୀକୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଛି ସ୍ୱାମୀ। ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅନ୍ତର୍ଗତ କୁସନପୁରୀ ବିଜୟା ଛକ ନିକଟରେଏହି ଘଟଣା ଘଟିଛି। ମୃତକମାନେ ହେଲେ ଶୋର ଭୁଏ ତାଙ୍କ ପତ୍ନୀ ସୁନିତା ଭୁଏ । ଶୋର ଓ ସୁନିତା ୧୪ ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ। ପ୍ରାୟ ୪ ବର୍ଷ ହେବ ସେମାନେ ଭଟଲିରେ ଆସି ରହୁଥିଲେ। ଗତକାଲି କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଶୋର ଉତ୍ତ୍ୟକ୍ତ ହୋଇ ସୁନିତାଙ୍କ ପେଟରେ ଛୁରୀ ଭୁସି ଦେଇଥିଲେ। ପରେ ଘରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ଆଜି ସକାଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସୁନିତା ଘର କବାଟ ଖୋଲିନଥିଲେ। ଘର ମାଲିକ କବାଟ ବାଡ଼େଇ ଥିଲେ ମଧ୍ୟ କେହି କବାଟ ଖୋଲି ନଥିଲେ। ଏନେଇ ଘର ମାଲିକଙ୍କର ସନ୍ଦେହ ହୋଇଥିଲା। ପୁଲିସକୁ ଘଟଣାସଂପର୍କରେ ଜଣାଇବା ସହ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କବାଟ ତାଡ଼ି ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା। ପୁଲିସ ଉଭୟଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।

# ଟିଟିଲାଗଡ଼ ଡାକ୍ତରଖାନାରେ ଗର୍ଭବତୀଙ୍କ ମୃତ୍ୟୁ




**ଟିଟିଲାଗଡ଼,୨।୧୧(ସଂଚାର ବ୍ୟୁରୋ):** କିଛି ମାସର ବ୍ୟବଧାନରେ ପୁଣିଥରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ । ମୃତ ମହିଳା ଜଣକ ଟିଟିଲାଗଡ଼ ସହର ହାଟପଦା ପଡାର ସରୋଜିନୀ ବେହେରା (୨୮) ବୋଲି ଜଣାପଡିଛି । ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସହରରେ ଥିବା ମହିଳା ଓ ଶିଶୁ ଡାକ୍ତରଖାନାରେ ଏଭଳି ଘଟଣା ଘଟିଛି । ମହିଳାଙ୍କ ମୃତ୍ୟୁକୁ ନେଇ କିଛି ସମୟ ଧରି ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ମଧ୍ୟ ଦେଖା ଦେଇଛି । ସୂଚନା ମୁତାବକ, ମୃତ ଗର୍ଭବତୀ ମହିଳା ସରୋଜିନୀ ବେହେରା ନିଜ ତୃତୀୟ ସନ୍ତାନର ପ୍ରସବ ପାଇଁ ଟିଟିଲାଗଡ଼ ପିପଲ ପଦର ଠାରେ ଥିବା ଏମସିଏଚରେ ଭର୍ତ୍ତି ହୋଇଥିଲେ । ହେଲେ ଅପରେସନ ଚ୍ୟାମ୍ବରକୁ ନେଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ରାଜେଶ ବେହେରା, ଆଶା କର୍ମୀ ସହ ଡାକ୍ତର ଏବଂ ନର୍ସ ଉପସ୍ଥିତ ଥିଲେ। ତେବେ ହାଇ ବ୍ଲଡ ପ୍ରେସର ହେବାରୁ ହୃଦଘାତ ହୋଇ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଅନୁମାନ କରୁଛନ୍ତି। ଏନେଇ ମହିଳାଙ୍କ ପରିବାର ଲୋକେ ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସରୋଜିନୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଜଣକ ଭୁଲ୍ ଚିକିତ୍ସା କରିଥିବାରୁ ମହିଳାଙ୍କ ମୃତ୍ୟୁ ଘଟିଛି ବୋଲି କହିଛନ୍ତି । ମାମଲା ରୁଜୁ ହେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ତେବେ ଏହି ଘଟଣାକୁ ନେଇ ଟିଟିଲାଗଡ଼ ଏମସିଏଚ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ କୌଣସି ତ୍ରୁଟି ନ ଥିବା କୁହାଯାଇଛି । ଚିକିତ୍ସା ପୂର୍ବରୁ ହୃଦଘାତ ତଥା ଉଚ୍ଚ ରକ୍ତଚାପ ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି। ତେବେ ଦିନକୁ ଦିନ ଟିଟିଲାଗଡ଼ ଡାକ୍ତରଖାନାରେ ପ୍ରସବ କାଳୀନ ମୃତ୍ୟୁ ବଢିବାରେ ଲାଗିଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ତତ୍ପରତା ପ୍ରକାଶ କରି ଏହାର ଉପଚାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ସିନାପାଲିରେ ରାହାସ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ



**ସିନାପାଲି,୨।୧୧(ସଂଚାର ବ୍ୟୁରୋ):** ପାରମ୍ପରିକ ରାହାସପୂର୍ଣ୍ଣିମା ପର୍ବ ପାଳନ କରିବାକୁ ସିନାପାଲି ଜଗନ୍ନାଥ ଛକ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ଆହ୍ୱାନରେ ଡମ୍ବରୁଧର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ରାହାସ ପୂର୍ଣ୍ଣିମାକୁ ଅଧିକ ଆକର୍ଷଣୀୟ କରିବାକୁ ବିଭିନ୍ନ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ପ୍ରାୟ ୧୨୦ ବର୍ଷ ହେଲା ଏଠାରେ ରାହାସ ଅନୁଷ୍ଠିତ ହେଉଥିବା ବେଳେ ଲୁପ୍ତପ୍ରାୟ ସଂପ୍ରଦା ନୃତ୍ୟକୁ ପ୍ରୋତ୍ସାହିତ କରାଯାଇ ଆସୁଛି । ଆଜିର ସଭାରେ ଭାଗବତ ଟୁଙ୍ଗୀର ସଭାପତି ନରହରି ମେହେର, ଉପସଭାପତି ରାମେଶ୍ୱର ମେହେର, ସଂପାଦକ ନୀଳାଂଚଳ ମେହେର, କୋଷାଧ୍ୟକ୍ଷ ଶିବପ୍ରସାଦ ମେହେରଙ୍କ ସହିତ ନବୀନ ଚଂଦ୍ର ମେହେର, ଈଶ୍ୱର ପ୍ରସାଦ ମେହେର, ସିତାରାମ ମେହେର, ଧୃବଚରଣ ମେହେର, କ୍ଷୀରସିନ୍ଧୁ ମେହେର, ହାଡୁରାମ ମେହେର, ବୈଷ୍ଣବ ମେହେର, ନବଘନ ମେହେର, କ୍ଷୀରଧର ମେହେର, ଗୋବର୍ଦ୍ଧନ ମେହେର, ମୁରଲିଧର ମେହେର, ପ୍ରଦୀପ କୁମାର ମେହେର, ବୈବସ୍ୱତ ମେହେର, ମଧୁସୂଦନ ମେହେର, ତ୍ରିବିକ୍ରମ ମେହେର, ବନବିହାରୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ନିଲାଂଚଳ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଶିବପ୍ରସାଦ ମେହେର ଧନ୍ୟବାଦ ଦେଇଥିଲେ ।

## ଗ୍ରାମବାସୀଙ୍କ ବ୍ଲକ ସମ୍ମୁଖରେ ଗଣଧାରଣା

**ନୂଆପଡ଼ା,୨।୧୧(ସଂଚାର ବ୍ୟୁରୋ):** ଜିଲ୍ଲା କୋମନା ବ୍ଲକ ମିଛାପାଲି ପଞ୍ଚାୟତ ର ଆଦିବାସି ବହୁଳ ମଝାଗାଁ ର ପୋଖରୀ ନିଲାମରେ ଅନିୟମିତତା ନେଇ ଶୁକ୍ରବାର କୋମନା ବ୍ଲକ୍ ସମ୍ମୁଖ ରେ ଗ୍ରାମବାସୀ ଧାରଣା ଦେଇଥିଲେ। ନିୟମ ଅନୁଯାୟୀ ପଞ୍ଚାୟତ ଯେକୌଣସି ଜିନିଷ ର ନିଲାମ ହେବାର ଥିଲେ ନୋଟିସ୍ କରି ନିଲାମ କରା ଯାଇଥାଏ। କିନ୍ତୁ ମିଛାପାଲି ଗ୍ରାମପଞ୍ଚାୟତ ରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ବିନା ସୁଚନାରେ ଅନ୍ୟ ଏକ ଗାଁର ଏସଏଚଜି ଗ୍ରୁପ୍ କୁ ମଝା ଗାଁର ପୋଖରୀକୁ ମାଛଚାଷ ପାଇଁ ଦେଇ ଥିଲେ। ତେଣୁ ମଝାଗାଁ ର ଏକ ମାତ୍ର ପୋଖରୀ ଲୋକଙ୍କ ସ୍ନାନ,ଶୌଚ ପାଇଁ ସର୍ବଦା କାମରେ ଆସିଥାଏ ଓ ଗାଁର ମହିଳା ଗ୍ରୁପ କୁ ମାଛ ଚାଷ ପାଇଁ ସୁଯୋଗ ଦେଇ ନ ଥିବାରୁ ମଝା ଗାଁ ର ଜନସାଧାରଣ ସେ ପୋଖରୀ କୁ ନିଲାମ ବାତିଲ କରିବା ପାଇଁ ନୂଆପଡ଼ା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ର ନୂଆପଡ଼ା ବ୍ଲକ ସଭାପତୀ ତଥା ନୁଆପଡ଼ା ଜିଲ୍ଲା ଟ୍ରେଡ ୟୁନିଅନ୍ ର ସଭାପତି ଭକ୍ତବନ୍ଧୁ ଧରୁଆଙ୍କ ସମେତ ସମାଜସେବୀ ତଥା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କୋମନା ବ୍ଲକ ସଭାପତୀ ଜ୍ଞାନେଶ୍ୱର ମାଝୀ, ଗାଁର ୱାର୍ଡମେମ୍ବର ଜମନ୍ କୁମାର ସୁନାନି,ତୁଳସୀ ରାମ ମାଝୀ,କ୍ଷମା ମାଝୀ , ନାରାୟଣ ମାଝୀ,ଦୁଲାରାମ୍ ମାଝୀ,ଦେବ୍ ସିଂ ମାଝୀ, ବୈଶାଖୁ ମାଝୀ, ବଳମତି ମାଝୀ, କଲ୍ୟାଣୀ ମାଝୀ ପ୍ରମୁଖ କୋମନା ବି ଡି ଓ ଙ୍କୁ ଲିଖିତ ଜଣାଇ ଧାରଣ ରେ ବସିଥିଲେ। ବିଡ଼ିଓ ଅନୁପସ୍ଥିତ ଥିବାରୁ କୋମନା ବ୍ଲକ ଜି.ପି.ଡି.ଓ. ହେମନ୍ତ ବିଭାରଙ୍କ ଜରିଆରେ ଜଣାଇଥିଲେ। ଜି.ପି.ଡି.ଓ ବିଭାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଗାଁ ବାସୀ ମାନିଲେ ନାହିଁ । ନିଲାମ କୁ ରଦ୍ଧ କରିବା ପାଇଁ ଅଡ଼ି ବସିଥିଲେ ପରେ ନିଲାମକୁ ରଦ୍ଧ କରାଗଲା ବୋଲି ଲିଖିତ ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇ ଥିଲା।

## କରେଣ୍ଟ ଦେଇ ଦନ୍ତା ଶିକାର



**ପାଟଣାଗଡ,୦୨।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ ରେଞ୍ଜ ଅଧିନ ଲରମ୍ବା ଫରେଷ୍ଟ ସେକ୍ସନ ଗଡିଆଜୋର ଗାଁ ନିକଟ ରେ ପୁଣି ଗଜରାଜ କୁ ଟାର୍ଗେଟ। ବିଦ୍ୟୁତ ତାର ଲଗାଇ ଦୁର୍ବୃତ୍ତ ଗଡିଆଜୋର ଗାଁ ଡ୍ୟାମ ନିକଟରେ ଦନ୍ତା ହାତୀ କୁ ହତ୍ୟା କରିଛନ୍ତି । ଆଜି ସକାଳୁ ଏ ବିଷୟ ରେ ଖବର ପାଇ ବନବିଭାଗ ଘଟଣା ସ୍ଥଳ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ହାତୀ ମାନଙ୍କ ଗତିବିଧି ଉପରେ ଅନୁଧ୍ୟାନ ପାଇଁ ଗଜସାଥି ନିୟୋଜିତ ହୋଇଛନ୍ତି । ବନବିଭାଗ ର ଫରେଷ୍ଟଗାର୍ଡ ଏବଂ ଫରେଷ୍ଟର ଦିନରାତି ହାତୀ କୁ ଟ୍ରାକ କରି ରିପୋର୍ଟ ପ୍ରଦାନ ପାଇଁ ନୀୟମ ଥିଲେ ସୁଦ୍ଧା ବନବିଭାଗ ର ଚରମ ଅବହେଳା ଅନୁମାନ ହେଉଛି ।

## ୯ ତମ ଜେଜେବାପା, ଜେଜେମା ଦିବସ ପାଳିତ




**କଳାହାଣ୍ଡି,୦୨।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କଲମପୁର ସହର ଠାରେ ଥିବା ଦ୍ରୋଣାଚାର୍ଯ୍ୟ ଇଂରାଜୀ ବିଦ୍ୟାଳୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆଜି ୯ ତମ ଜେଜେବାପା,ଜେଜେମା ଦିବସ ବିଦ୍ୟାଳୟ ପରିସରରେ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ସାହୁ ଙ୍କ ସଭାପତିତ୍ୱ ରେ ବ୍ରହ୍ମଚାରୀ ଅନୁରାଗ ଚୈତନ୍ୟ ଚିନ୍ମୟ ମିଶନ ବ୍ରହ୍ମପୁର ମୂଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ୟମକେଶ ପାଣିଗ୍ରାହୀ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ମଞ୍ଚାସିନ ହୋଇଥିଲା। ପ୍ରତିଦିନ ପିତାମାତାଙ୍କ ସହ ବିଦ୍ୟାଳୟ କୁ ଅଧ୍ୟୟନ ପାଇଁ ଛାତ୍ର ଛାତ୍ରୀ ଆସୁଥିବା ବେଳେ ଆଜିର ଏହି ସ୍ୱତନ୍ତ୍ର ଦିବସରେ ନିଜ ଜେଜେବାପା,ଜେଜେମା ଙ୍କ ସହ ବିଦ୍ୟାଳୟ କୁ ଆସିଥିବାରୁ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା। ଜେଜେବାପା,ଜେଜେମା ମାନେ ନିଜ ନିଜ ପୁଅ ଝିଅ ମାନଙ୍କୁ ଯେମିତି ନିଜର କର୍ତ୍ତବ୍ୟ ସମ୍ପାଦନ କରି ସମାଜରେ ପ୍ରତିଷ୍ଠିତ କରିଛନ୍ତି,ସେମିତି ନିଜ ନାତି,ନାତୁଣୀ ଙ୍କୁ ମଧ୍ୟ ସମାଜରେ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବା ରେ ଜେଜେବାପା,ଜେଜେମା ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଅଛି ବୋଲି ମଞ୍ଚରେ ଉପସ୍ଥିତ ଅତିଥି ମାନେ ତାଙ୍କ ବକ୍ତବ୍ୟ ରେ ପରିପ୍ରକାଶ କରିଥିଲେ। ଏହି ଦିବସ ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତ ଜେଜେବାପା,ଜେଜେମା ମାନେ ମନଭରି ଉପଭୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷୟତ୍ରୀ ସୋନମ୍ ବାନୋ କରିଥିବା ବେଳେ ରୁପଶ୍ରୀ ଦେବୀ, ଅମିତ ରଣା, ଜୋଷ୍ଣା ବଗର୍ତ୍ତୀ, କ୍ରୀଷ୍ଟା ସିଂ,ଶେଫାଳୀ ପଣ୍ଡା, ରୀତା ବାଗ, ରୋସନ୍ ରାଜପୁତ, ପୁନମ୍ ବାଣୁଆ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସହ ତାଙ୍କର ଜେଜେବାପା,ଜେଜେମା ମାନେ ଉପସ୍ଥିତ ରହିଥିଲେ। ଶେଷରେ ଶିକ୍ଷୟତ୍ରୀ ସୋନମ୍ ବାନୋ ଉପସ୍ଥିତ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମପାହାଡ଼ ମହୋତ୍ସବ ଉଦ୍‌ଘାଟିତ



**ବଲାଙ୍ଗୀର,୦୨।୧୧(ସଂଚାର ବ୍ୟୁରୋ):** ଦେଓଗାଁ ଅଞ୍ଚଳ ଗୋଟିଏ ସମୟରେ ଅନୁନ୍ନତ ହୋଇପଡିରହିଥିଲା । କିନ୍ତୁ ଅଞ୍ଚଳବାସୀଙ୍କ ମିଳିତପ୍ରୟାସରେ ଆଜି ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀ ସହ ବହୁଗୁଡିଏ ବିକାଶକାମ ହୋଇପାରିଛି । ଆଗକୁ ଲୋକଙ୍କର ଏକତା ଓ ପ୍ରୟାସରେ ଆହୁରୀ ବଡବଡ ପ୍ରକଳ୍ପ ହୋଇପାରିବ ବୋଲି ୧୦ ଭୀମପାହାଡ ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର କହିଛନ୍ତି । ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମକୁମ୍ନଦପୁର ପଞ୍ଚାୟତର ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀରେ ଆୟୋଜିତ ଭୀମପାହାଡ ମହୋତ୍ସବରେ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେର ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ,ମକୁନ୍ଦପୁର ସରପଞ୍ଚ ଜାନକି ସାହୁ ,ସରପଞ୍ଚ ମହଲେ ଚିତ୍ତରଂଜନ ସାହୁ ,ସୀତାଂଶୁ ମିଶ୍ର ସମିତିସଭ୍ୟ ବଡବାହାଲ ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ମଞ୍ଚରେ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର,ସଂପାଦକ ଗୋବର୍ଦ୍ଧନ ସାହୁ,କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଆଜି ମହୋତ୍ସବ ଉଦଘାଟନ ପୂର୍ବରୁ ଭୀମଡୁଙ୍ଗୁରୀ ପାହାଡ ଉପରେ ଥିବା ଆଦିବାସୀଙ୍କ ଦେବତା ଭୀମାବୁଢାଙ୍କ ଗୁମ୍ଫାରୁ ମଶାଲ ଅଣାଯାଇ ମହୋତ୍ସବ ସ୍ଥଳୀରେ ସ୍ଥାପନ କରାଯାଇଥିଲା। କନ୍ଧଆଦିବାସୀମାନେ ମଶାଲକୁ ଆଣି ପୂଜାର୍ଚ୍ଚନା କରି ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଦିବାସୀ ନେତା ତଥା ସଇଁତଳା ବ୍ଲକର ଉପାଧ୍ୟକ୍ଷ ଗୁଣସାଗର ମାଝୀ ଅତିଥି ଭାବରେ ଯୋଗଦେଇ ମଶାଲକୁ ଗ୍ରହଣ କରି ମଞ୍ଚରେ ସ୍ଥାପନ କରିଥିଲେ। ପାହାଡ ଉପରେ ଭୀମାବୁଢାଙ୍କ ପୂଜକ ଥିବା ହଳଧର କୁଅଁର ମଶାଲକୁ ଆଣିଥିଲେ । ସେହିପରି ଗିରୀଗୋବର୍ଦ୍ଧନ ପୂଜାପାଇଁ ମଧ୍ୟ ଭୀମକଟାରୁ କଳସ ଶୋଭାଯାତ୍ରାରେ ଅଣାଯାଇ ନାମଯଜ୍ଞସ୍ଥଳୀରେ ସ୍ଥାପନ ୧୦ମ ଭୀମପାହାଡ ମହୋତ୍ସବ ଉଦଘାଟିତ ଅଞ୍ଚଳବାସୀଙ୍କ ମିଳିତପ୍ରୟାସରେ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀର ବିକାଶ ହୋଇଛି କରାଯାଇଥିଲା ।

## ଷ୍ଟିଲ ସାଇନବୋର୍ଡ କାଟି ନେଲେ ଦୁର୍ବୃତ୍ତ

**ବୈଶିଙ୍ଗା,୨।୧୧(ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ବନପାଳ ସେକ୍ସନ ଅଧୀନ କଳମା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଯାଇଥିବା ରାସ୍ତା ପାର୍ଶ୍ୱରେ ବନବିଭାଗ ଦ୍ୱାରା ଲଗାଯାଇଥିବା ଦୁଇ ଷ୍ଟିଲ ସାଇନ ବୋର୍ଡ କାଟି ଚୋରି କରିନେଲେ ଦୁର୍ବୃତ୍ତ। ମିଳିଥିବା ସୂଚନା ମୁତାବକ କଳମା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ବାଲିଚିଡିରୀ ଗ୍ରାମ ପାର୍ଶ୍ୱରେ ବେତନଟୀ ରେଞ୍ଜ ତରଫରୁ ଦୁଇଟି ବନୀକରଣ ପ୍ରକଳ୍ପ ଜରିଆରେ ହଜାର ହଜାର ସଂଖ୍ୟାରେ ବୃକ୍ଷ ରୋପଣ କରାଯାଇଥିଲା।ଏହାର ସୂଚନା ପ୍ରଦାନ କରିବା ନିମନ୍ତେ ଦୁଇଟି ଷ୍ଟିଲ ସାଇନ ବୋର୍ଡ ଲଗାଯାଇଥିଲା । ଶନିବାର ବୈଶିଙ୍ଗା ବନରକ୍ଷୀ ବୃକ୍ଷ ରୋପଣ କରାଯାଇଥିବା ଜାଗାକୁ ପରିଦର୍ଶନରେ ଯାଇଥିବା ବେଳେ ଦୁଇଟି ସାଇନ ବୋର୍ଡ କାଟି ନେଇ ଯାଇଥିବାର ଦେଖିବାକୁ ପାଇଥିଲେ । ଏନେଇ ପାଖ ଗ୍ରାମବାସୀ ମାନଙ୍କୁ ପଚରା ଉଚରା କରିବା ପରେ ସେମାନେ ଏନେଇ କିଛି ଜାଣିନଥିବା ପ୍ରକାଶ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ଓ ପୁରସ୍କାର ବିତରଣ ସଭା

**ସୁବର୍ଣ୍ଣପୁର,୨।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ତରଫରୁ ସମଗ୍ର ଦେଶରେ ୨୮ଅକ୍ଟୋବର ରୁ ୩ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ଓ ପୁରସ୍କାର ବିତରଣ ସଭା ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ଉପ ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ ବିଭାଗ ଶ୍ରୀମତୀ ରିତାଞ୍ଜଳୀ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୂପା ରଥ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ମେହେର ସମସ୍ତଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଉଦ୍ଦିଷ୍ଟ ନାଗରିକ ଙ୍କ ପାଇଁ ସାଧୁତାର ଶପଥପାଠ କରାଇଥିଲେଓ ଦୁର୍ନୀତି ନିବାରଣ ଉପ ନିର୍ଦ୍ଦେଶକ ଶ୍ରୀମତୀ ପ୍ରଧାନ ଦିବସର ତାତ୍ପର୍ଯ୍ୟ ତଥା ବିଭାଗର ଉଦ୍ଦେଶ୍ୟ ସହ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥି ମାନେ ଦୁର୍ନୀତି କିଭଳି ଭାବରେ ଆମ ଦେଶର ପ୍ରଭୂତ କ୍ଷତି ସାଧନ କରୁଛି ଏବଂ ଏହି ବର୍ଷ ପାଇଁ ଥିବା ଥିମ୍ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଉପରେ ନିଜ ନିଜର ମତ ରଖିଥିଲେ। ଏକ ସୁନ୍ଦର ଦୁର୍ନୀତି ମୁକ୍ତ ଭବିଷ୍ୟତ ସମାଜ ଗଢିବା ର ଗୁରୁ ଦାୟିତ୍ୱ ଯୁବ ସମାଜ ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ ରହିଥିବା ସୂଚନା ଦେଇଥିଲେ ଓ ସମସ୍ତେ ଜୀବନ ର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ସହିତ ଆଇନ ର ଅନୁପାଳନ କରି ଲାଞ୍ଚ ଦେବି ନାହିଁ କି ନେବି ନାହିଁ ବୋଲି ପ୍ରତିଜ୍ଞା କଲେ ସମାଜରୁ ଦୁର୍ନୀତି ମୂଳୋତ୍ପାଟନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନି କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷା ବିଭାଗର ସ୍ୱାଗତ



**ସିନାପାଲି,୨।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ନୂତନ ଭାବରେ ଯୋଗଦାନ କରିଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା ବିଭାଗ ତରଫରୁ ଶନିବାର ସ୍ୱାଗତ କରାଯାଇଛି । ଶିକ୍ଷାଧିକାରୀ ଯତିଂନ୍ଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାର ଏନେଇ ସ୍ଥାନୀୟ ନିଲଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ସ୍ୱାଗତ ସଭାରେ ମୁଖ୍ୟ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ବିଭାଗୀୟ ସେକ୍ସନ୍ ଅଫିସର କମଳ ଚରଣ ମାଝୀ, ବରିଷ୍ଠ ଶିକ୍ଷକ ସତ୍ୟବ୍ରତ ଗହୀର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ମାଝୀ ଯୋଗ ଦେଇଥିଲେ । ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ଭାବ ରଖି କାର୍ଯ୍ୟ କଲେ ଶିକ୍ଷକ ଜୀବନ ସଫଳ ହୋଇ ପାରିବ ବୋଲି ଏ ଅବସରରେ ବକ୍ତାମାନେ ମତ ପୋଷଣ କରିବା ସହ ମାର୍ଗଦର୍ଶନ କରିଥିଲେ । ପ୍ରାରମ୍ଭରେ ସିଆରସିସି ରାକେଶ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟର ସିଆରସିସି ଖଗେଶ୍ୱର ନିଆଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହା ପରେ ନବନିଯୁକ୍ତ ଶିକ୍ଷକଶିକ୍ଷୟିତ୍ରୀ ନିଜନିଜ ପରିଚୟ ପ୍ରଦାନ କରିଥିବା ବେଳେ ସେମାନଙ୍କୁ ଶିକ୍ଷା ବିଭାଗ ତରଫରୁ ସ୍ୱାଗତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ସିଆରସିସି ମହେଶ୍ୱର ଗୁଆଲ, କ୍ଷିରସିନ୍ଧୁ ମେହେର ଓ ଖଗେଶ୍ୱର ନିଆଲ ଶିକ୍ଷକଙ୍କୁ ଶିକ୍ଷାବିଭାଗର ବିଭିନ୍ନ ନୀତିନିୟମ ବିଷୟରେ ଅବଗତ କରାଇଥିଲେ ।